


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

E-mail : sambadkalikanews@gmail.com

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୧୩୧ ● ୯ ଜୁନ୍ ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-131 ● 9th June 2025, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ଶିଳ୍ପପତିଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

# ୫୦୦ ବିଲିୟନ ଡଲାରର ଅର୍ଥନୀତି ହେବ ଓଡ଼ିଶା

ଭୁବନେଶ୍ୱର, ୮।୬
ନ୍ୟୁଜ୍ ବ୍ୟୁରୋ

ଲୋକସେବା ଭବନର କନଭେନସନ ସେଣ୍ଟରଠାରେ ଶିଳ୍ପପତି ଓ ଉଦ୍ୟୋଗୀମାନଙ୍କୁ ନେଇ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଥିଲେ । ଓଡ଼ିଶାର ଶିଳ୍ପ ଅନୁକୂଳ ବାତାବରଣର ଉପଯୋଗରେ ବ୍ୟାପକ ନିବେଶ ଏବଂ ଶିଳ୍ପ ଭିତ୍ତିଭୂମିର ବିକାଶ ଉପରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶିଳ୍ପପତିଙ୍କ ସହ ଆଲୋଚନା ହେଲା ।ଉତ୍କର୍ଷ ଓଡ଼ିଶାରେ ୧୭ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବ ଆସିଥିଲା । ୧୩ ଲକ୍ଷ କୋଟି ଟଙ୍କାର ଏମଓୟୁ ହୋଇଥିଲା । ଗ୍ରାଉଣ୍ଡ ବ୍ରେକିଂ ହୋଇଛି କି ନାହିଁ, ନା କେବଳ ଏମଓୟୁ ହେଉଛି ପୂର୍ବ ସରକାର ଭଳି ତାକୁ ନେଇ ପ୍ରଶ୍ନ ଉଠିଥିଲା । ଏମଓୟୁ ହେଲା ପରେ ଗ୍ରାଉଣ୍ଡ ବ୍ରେକିଂ କ୍ଷେତ୍ରରେ ବିଜେପି ସରକାର ସଫଳ ହୋଇଛି । ଖୋର୍ଦ୍ଧାରେ ୬ ହଜାର କୋଟିର ଗ୍ରାଉଣ୍ଡ ବ୍ରେକିଂ ହୋଇଛି ଏବଂ ୩୦ ହାଜର ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବ, କଳିଙ୍ଗ



ନଗରରେ ଲକ୍ଷାଧିକ କୋଟି ଟଙ୍କାର ୧୪ଟି କମ୍ପାନୀ ପାଇଁ ଶିଳାନ୍ୟାସ ହୋଇଛି, ଢେଙ୍କାନାଳରେ ଶିଳ୍ପ ପାଇଁ ଗ୍ରାଉଣ୍ଡ ବ୍ରେକିଂ ହେଲା, ଗଞ୍ଜାମ ଛତ୍ରପୁର ଠାରେ ୧୨ଟି କମ୍ପାନୀ ସହ ଏମଓୟୁ ସାଇନ୍ ହେଲା । ଉତ୍କର୍ଷ ଓଡ଼ିଶାର ମାତ୍ର ୪ ମାସ ଭିତରେ ୪ଟି ସ୍ଥାନରେ ୫୬ ଶିଳ୍ପର ଗ୍ରାଉଣ୍ଡ ବ୍ରେକିଂ ହୋଇ ୧.୭୮ ଲକ୍ଷ କୋଟିର ପୁଞ୍ଜିନିବେଶ ଆସିଲା , ୧ ଲକ୍ଷ ୧୦ ହାଜର ଯୁବକ ପାଇବେ ରୋଜଗାର । ବର୍ଷେ ଭିତରେ ୨୦୬ ଶିଳ୍ପକୁ ଅନୁମୋଦନ । ୫ ବର୍ଷ ଭିତରେ ଯାହା ହୋଇନଥିଲା, ଗୋଟିଏ ବର୍ଷ ଭିତରେ ହୋଇଛି । ଖଣି, ଧାତୁ, କେମିକାଲ, ବସ୍ତ୍ର, ଇଲେକ୍ଟ୍ରୋନିକ୍ସ, ପର୍ଯ୍ୟଟନ ଓ ଟେକ୍ନୋଲଜି କ୍ଷେତ୍ରରେ ଶିଳ୍ପ କରିବା ପାଇଁ ଯୋଜନା ରହିଛି । ୨୦୩୬ ସମୃଦ୍ଧ ଓଡ଼ିଶା ପାଇଁ ଭିତ୍ତି ସ୍ଥାନ ହୋଇଛି । ଓଡ଼ିଶା ପାଇଁ ଭଲ ସମୟ ଆସୁଛି । ଶିଳ୍ପ ଭିତ୍ତିଭୂମି, ରେଳ, ରୋଡ଼ ଭିତ୍ତିଭୂମି, ୩ ବନ୍ଦରର କାପାସିଟି ବୃଦ୍ଧି, ଆଉ ୩ଟି ବନ୍ଦର ବିକଶିତ କରିବା ପାଇଁ ଆଗକୁ ପଦକ୍ଷେପ ନିଆଯିବ । କିଛି ଜେଟି ଉନ୍ନତି ପାଇଁ ମଧ୍ୟ ପଦକ୍ଷେପ ନିଆଯିବ । ଆଗାମୀ ୫ ବର୍ଷ ଭିତରେ ଲକ୍ଷ୍ୟ ଠାରୁ ବି ଅଧିକ କାମ ହେବ । ୫୦୦ ବିଲିୟନ ଡଲାରର ଅର୍ଥନୀତି ହେବ ଓଡ଼ିଶା ।

# ସ୍ନାନ ପୂର୍ଣ୍ଣିମା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି

## ଏଆଇ ମାଧ୍ୟମରେ ହେବ ଭିଡ଼ ନିୟନ୍ତ୍ରଣ

ପୁରୀ, ୮।୬ : ନ୍ୟୁଜ୍ ବ୍ୟୁରୋ

ସ୍ନାନ ପୂର୍ଣ୍ଣିମା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି । ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଏଆଇ ମାଧ୍ୟମରେ ନିୟନ୍ତ୍ରଣ କରାଯିବ ବୋଲି ସୂଚନା ଦେଇଛନ୍ତି ପୁରୀ ଏସପି ବିନୀତ ଅଗ୍ରୱାଲ । ମୁତୟନ ହେବ ୭୦ ପ୍ଲାଟୁନ ଫୋର୍ସ ସମେତ ୪ ଏସପି, ୪୫୦ ପୋଲିସ ଅଧିକାରୀ । ଶ୍ରୀମନ୍ଦିର ଭିତରେ ଜଣେ ଏସପିଙ୍କ ସହ ରହିବେ ୩୪ ପ୍ଲାଟୁନ ପୋଲିସ ଫୋର୍ସ । ଶ୍ରୀମନ୍ଦିର ବାହାରେ ଭିଡ଼ ନିୟନ୍ତ୍ରଣ ପାଇଁ ରହିବେ ୨ ଏସପିଙ୍କ ସମେତ ୨୪ ପ୍ଲାଟୁନ ଫୋର୍ସ । ଟ୍ରାଫିକ



ସୁପରିଚାଳନା ପାଇଁ ଜଣେ ଏସପିଙ୍କ ସହ ୮ପ୍ଲାଟୁନ ଫୋର୍ସ ହେବେ ମୁତୟନ । ଭକ୍ତଙ୍କ ସହଯୋଗ ପାଇଁ ରହିବେ ଜଣେ ଅତିରିକ୍ତ ଏସପି ସହିତ ଏକ ପ୍ଲାଟୁନ ଫୋର୍ସ ।

# ୩୦ ଜିଲ୍ଲା ପାଇଁ ପୃଥକ ଅତିଥି ଭବନ ନିର୍ମାଣ କରିବେ ସରକାର

ଭୁବନେଶ୍ୱର, ୮।୬ : ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ରାଜଧାନୀକୁ ବିଭିନ୍ନ ଉଦ୍ଦେଶ୍ୟରେ ଆସୁଥିବା ଲୋକଙ୍କ ପାଇଁ ସୁଲଭ ବାସସ୍ଥାନ ଯୋଗାଇବା ନିମନ୍ତେ ରାଜ୍ୟ ସରକାର ଭୁବନେଶ୍ୱରରେ ୩୦ଟି ଅତିଥି ଭବନ ନିର୍ମାଣ କରିବେ । ରବିବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହା ପ୍ରକାଶ କରିଛନ୍ତି ।

ରାଜ୍ୟ ସରକାର ସମସ୍ତ ୩୦ଟି ଜିଲ୍ଲାର



ଲୋକଙ୍କ ପାଇଁ ପୃଥକ ଅତିଥି ଭବନ ନିର୍ମାଣ କରିବେ । ପ୍ରତ୍ୟେକ ଅତିଥି ଭବନରେ ୧୦୦ଟି କୋଠରୀ ରହିବ, ଯାହା ସ୍ୱାସ୍ଥ୍ୟ ସେବା କିମ୍ବା ଅନ୍ୟ କୌଣସି ଉଦ୍ଦେଶ୍ୟରେ ରାଜଧାନୀକୁ ଆସୁଥିବା ଲୋକଙ୍କ ପାଇଁ ଉଦ୍ଦିଷ୍ଟ ହେବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି ।

ଏହି ଲୋକମାନେ ପ୍ରାୟତଃ ରାଜଧାନୀରେ ସ୍ୱଳ୍ପ ସମୟ ରହିବା ପାଇଁ ଅସୁବିଧାର ସମ୍ମୁଖୀନ ହୁଅନ୍ତି । କେତେକ ସମୟରେ ସେମାନେ (ପୃଷ୍ଠା ୭ରେ)

## ବର୍ଷାରେ ଭିଜିବ ରଜ ! ଆସୁଛି ଲଘୁଚାପ, ସୃଷ୍ଟି ହେଲା ଘୂର୍ଣ୍ଣିବଳୟ



ଭୁବନେଶ୍ୱର, ୮।୬
ନ୍ୟୁଜ୍ ବ୍ୟୁରୋ

ଆସୁଛି ଲଘୁଚାପ । ବଙ୍ଗୋପସାଗରେ ଲଘୁଚାପ ସୃଷ୍ଟି ସମ୍ଭାବନା ଦେଖା ଦେଇଛି । ରବିବାର ଦକ୍ଷିଣ ପୂର୍ବ ଓ ସଂଲଗ୍ନ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଘୂର୍ଣ୍ଣିବଳୟ । ଏହାର ପ୍ରଭାବରେ ଆସନ୍ତା ୧୩ ତାରିଖ ମଧ୍ୟରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି । ୧୪-୧୬ ଜୁନ ମଧ୍ୟରେ ଉତ୍ତର ବଙ୍ଗୋପସାଗରରେ ଲଘୁଚାପ ସମ୍ଭାବନା ରହିଛି । ୧୨ ଜୁନ ପରଠାରୁ ରାଜ୍ୟରେ ପାଗରେ ପରିବର୍ତ୍ତନ ହେବା ସହିତ ୧୪ ତାରିଖଠାରୁ ଧୀରେ ଧୀରେ ବର୍ଷାର ବିସ୍ତୃତି ବଢ଼ିପାରେ ।

ଏଥିସହ ପାଣିପାଗ ବିଭାଗ ପକ୍ଷରୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ କାଳବୈଶାଖୀଜନିତ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ନେଇ ବିଭିନ୍ନ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହା ସହିତ ସୋମବାର ପାଇଁ ୨୬ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଚେତାବନୀ ମିଳିଛି । ଏହାର ପ୍ରଭାବରେ ବଙ୍ଗୋପସାଗର ଓ ଆଣ୍ଡାମାନ ସାଗର ଉପରେ ପାଗ ମେଘୁଆ ରହିବ । ଆକାଶ ବାଦଲରେ ଆଚ୍ଛାଦିତ ହେବ ବୋଲି ଅନୁମାନ କରାଯାଇଛି । ଅନ୍ୟପକ୍ଷରେ, (ପୃଷ୍ଠା ୭ରେ)

# ରାଜ୍ୟରେ ବଢ଼ୁଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା : ୪୫ ପଜିଟିଭ ଚିହ୍ନଟ

ଭୁବନେଶ୍ୱର, ୮।୬
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଆଉ ୭ ନୂଆ କୋଭିଡ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାଫଳରେ ଓଡ଼ିଶାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪୫କୁ ବୃଦ୍ଧି ପାଇଛି । ସେମାନଙ୍କ ମଧ୍ୟରୁ ୧୨ଜଣ ସୁସ୍ଥ ହୋଇସାରିଲେଣି । ଏବେ ସକ୍ରିୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୩ । ରବିବାର ଏନେଇ ସୂଚନା ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ।

ବର୍ତ୍ତମାନ ସୁଦ୍ଧା କଟକ ଜିଲ୍ଲାରେ ୨୨ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି । ଏମାନଙ୍କ ମଧ୍ୟରୁ ୫ ଜଣ ହସ୍ପିଟାଲରେ ଥିବା ବେଳେ ବାକି ୧୭ ଜଣ ହୋମ କ୍ୱାରେଣ୍ଟାଇନରେ



ଅଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କହିଛନ୍ତି, କଟକରେ ଭୟାବହ ପରିସ୍ଥିତି ନାହିଁ । ଲକ୍ଷଣ ଥିଲେ ଘରେ ରୁହନ୍ତୁ, ମାସ୍କ ପିନ୍ଧନ୍ତୁ, ଭିଡ଼ ଭିତରକୁ ଯାଆନ୍ତୁ ନାହିଁ, ଚିକିତ୍ସା କରାନ୍ତୁ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଶାନ୍ତ କୁମାର ହୋତା କହିଛନ୍ତି ।

ଏଣେ ଭାରତରେ ଦିନକୁ ଦିନ ବଢ଼ି ବଢ଼ି ଚାଲିଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା । ବର୍ତ୍ତମାନ ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୬ ହଜାର ମୁହାଁ ହୋଇଛି । ସକ୍ରିୟ ସଂକ୍ରମଣ ମାମଲା ୫ ହଜାର ୭୫୫ ରେ ପହଞ୍ଚିଛି । କେରଳରେ ସର୍ବାଧିକ ୧୮୦୬ଟି ମାମଲା ଚିହ୍ନଟ ହୋଇଥିବା ବେଳେ ଗୁଜରାଟରେ ୭୧୭, ଦିଲ୍ଲୀରେ ୬୬୫ ଏବଂ ମହାରାଷ୍ଟ୍ରରେ ସକ୍ରିୟ ମାମଲା ୫୭୭ ରହିଛି । ସେହିପରି କର୍ଣ୍ଣାଟକ ଓ ଉତ୍ତରପ୍ରଦେଶରେ ଯଥାକ୍ରମେ ୪୪୪ ଏବଂ ୨୮୮ ମାମଲା ଚିହ୍ନଟ ହୋଇଥିବା (ପୃଷ୍ଠା ୭ରେ)

# ଆମେ ୨୦୨୬ରେ ପଶ୍ଚିମବଙ୍ଗ-ତାମିଲନାଡୁରେ ସରକାର ଗଢ଼ିବୁ

ଚେନ୍ନାଇ, ୮।୬

ପଶ୍ଚିମବଙ୍ଗ ପରେ ପୁଣି ତାମିଲନାଡୁରେ ବିଜେପି ସରକାର ଗଢ଼ିବା ନେଇ ଦମ୍ଭୋକ୍ତି ଦେଖାଇଲେ ଶାହ । ମଦୁରାଇରେ ଏକ ଜନସଭାରେ ଖୋଲା ଘୋଷଣା କରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି- ଆମେ ୨୦୨୫ରେ ଦିଲ୍ଲୀରେ ସରକାର ଗଢ଼ିଲୁ ୨୦୨୬ରେ ପଶ୍ଚିମବଙ୍ଗ ଏବଂ ତାମିଲନାଡୁରେ ବିଜେପି ସରକାର ଗଢ଼ିବାକୁ ଯାଉଛି । କିଛିଦିନ ତଳେ କୋଲକାତା ଗସ୍ତରେ ଥିବା ଶାହ ପଶ୍ଚିମବଙ୍ଗରେ ଏଥର ପଦ୍ମ ଫୁଟୁଥିବା କହିଥିବା ବେଳେ ପୁଣି ସେହି କଥାକୁ ତାମିଲନାଡୁରେ ଦୋହରାଇ ପଶ୍ଚିମବଙ୍ଗ ସହ ତାମିଲନାଡୁରେ ବି ବିଜେପି ସରକାର ଗଢ଼ୁଥିବା ସେ ଦମ୍ଭ ଦେଖାଇଛନ୍ତି ।

ଏଥିସହ ମଦୁରାଇରେ ଷ୍ଟାଲିନ ସରକାରଙ୍କୁ ନିଶାନା କରିଛନ୍ତି ଶାହ । ଦୁର୍ନୀତିର ସବୁ ସୀମା ଟପିଗଲାଣି ଡିଏମକେ ସରକାର । ଗତ ୪ ବର୍ଷ ଭିତରେ ଗରିବଙ୍କୁ ଶୋଷଣ, ବାଲି ଦୁର୍ନୀତି ଭଳି ବଡ ବଡ଼ ସ୍କାମରେ ଲିପ୍ତ ରହିଥିବା ଷ୍ଟାଲିନ ସରକାର ଏଥର ଗାଦି ହରାଉଛି । ଆଉ ତାମିଲନାଡୁରେ ବିଜେପି ସରକାର ଗଢୁଛି ବୋଲି କହିଛନ୍ତି ଶାହ ।

ଓଡ଼ିଶା, ହରିୟାଣା, ମହାରାଷ୍ଟ୍ର ଏବଂ ଦିଲ୍ଲୀରେ ବିଜେପିର ବିଜୟ ପରେ ଆତ୍ମବିଶ୍ୱାସ ସହ ଆଗକୁ ବଢ଼ୁଥିବା ବିଜେପି ଆସନ୍ତାବର୍ଷ ନିର୍ବାଚନରେ ତାମିଲନାଡୁ ଏବଂ ପଶ୍ଚିମବଙ୍ଗରେ ସରକାର ଗଠନ କରିବାର ଦମ୍ଭୋକ୍ତି ରାଜନୀତିରେ ହଟଚମଟ ସୃଷ୍ଟି କରିଛି । କାରଣ ବିଭିନ୍ନ ରାଜ୍ୟକୁ ଗେରୁଆ କରିବାରେ ସଫଳ ହେଲାଣି ବିଜେପି ।



# ମାଟିତଳେ ଚାଲିବ ଭୁବନେଶ୍ୱର ମେଟ୍ରୋ

ଭୁବନେଶ୍ୱର, ୮।୬
ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱରରେ ବହୁ ପ୍ରତୀକ୍ଷିତ ମେଟ୍ରୋ ରେଳ ପ୍ରକଳ୍ପ ସମ୍ପର୍କରେ ଏକ ବଡ ନିଷ୍ପତ୍ତି ହୋଇଛି । ଓଡ଼ିଶା ସରକାର ସ୍ପଷ୍ଟ କରିଛନ୍ତି ଯେ ରାଜଧାନୀ ସହରରେ ଇଲେଭେଟେଡ ମେଟ୍ରୋ ରେଳ ବ୍ୟବସ୍ଥା ନୁହେଁ, ବରଂ ପ୍ରଶାସନ ବର୍ତ୍ତମାନ ଏକ ମାଟିତଳେ ମେଟ୍ରୋ ରେଳ ନେଟୱାର୍କ ପ୍ରବର୍ତ୍ତନ ପାଇଁ ଯୋଜନା ଉପରେ କାର୍ଯ୍ୟ କରୁଛି । ରବିବାର ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରରାଜ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି ।



ଗଣମାଧ୍ୟମକୁ କହିବା ଅବସରରେ ମନ୍ତ୍ରୀ ଜୋର ଦେଇ କହିଛନ୍ତି ଯେ ବିଭିନ୍ନ ଲଜିଷ୍ଟିକ ଏବଂ ସହରୀ ଯୋଜନା ସମ୍ବନ୍ଧୀୟ ଚିନ୍ତା ଯୋଗୁଁ ଭୁବନେଶ୍ୱର ପାଇଁ ଇଲେଭେଟେଡ ମେଟ୍ରୋ ରେଳକୁ ପ୍ରତ୍ୟାଖ୍ୟାନ (ପୃଷ୍ଠା ୭ରେ)

# ଭୁବନେଶ୍ୱରରେ ନିର୍ମାଣ ହେବ ୧୦,୦୦୦ ଆସନ କ୍ଷମତା ବିଶିଷ୍ଟ ଓଡ଼ିଶା ମଣ୍ଡପ

ଭୁବନେଶ୍ୱର, ୮।୬
ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ଭିତ୍ତିଭୂମିକୁ ଆଧୁନିକୀକରଣ ଦିଗରେ ଏକ ବଡ଼ ପଦକ୍ଷେପ ନେଇ ଓଡ଼ିଶା ସରକାର ଆଧୁନିକ ସ୍ଥାପତ୍ୟ ଢାଞ୍ଚାରେ ଲୋକସେବା ଭବନ ଓ ଓଡ଼ିଶା ବିଧାନସଭା ପାଇଁ ନୂତନ ଭବନ ନିର୍ମାଣର ମହତ୍ତ୍ୱାକାଂକ୍ଷୀ ଯୋଜନା ଘୋଷଣା କରିଛନ୍ତି । ଏଥିସହିତ ବିଦ୍ୟମାନ ପ୍ରଶାସନିକ କୋଠାଗୁଡ଼ିକୁ ନୂତନ ଡିଜାଇନ ଓ ରୂପାନ୍ତରଣ ପାଇଁ ସମୀକ୍ଷା କରାଯାଉଛି ବୋଲି ଲୋକ ନିର୍ମାଣ ବିଭାଗ (ପିଡବ୍ଲୁଡି) ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରବିବାର ସୂଚନା ଦେଇଛନ୍ତି ।

ଖବରଦାତାମାନଙ୍କୁ ମନ୍ତ୍ରୀ କହିଛନ୍ତି,



ଆମେ ଲୋକସେବା ଭବନ ଓ ବିଧାନସଭାର ବିଦ୍ୟମାନ ଭବନଗୁଡ଼ିକୁ ବିକାଶଶୀଳ ପ୍ରଶାସନ ଓ ସୌନ୍ଦର୍ଯ୍ୟବୋଧର ଆବଶ୍ୟକତା ଅନୁଯାୟୀ କିପରି ପୁନର୍ଗଠନ କରାଯାଇ ପାରିବ, ତାହା ମୂଲ୍ୟାଙ୍କନ କରୁଛୁ । ଏକ ନୂତନ ଗଠନ (ପୃଷ୍ଠା ୭ରେ)

## ବଦଳିବ ଲୋକସେବା ଭବନ ଓ ବିଧାନସଭାର ରୂପରେଖ

ଭୁବନେଶ୍ୱର, ୮।୬ : ନ୍ୟୁଜ୍ ବ୍ୟୁରୋ

ବଦଳିବ ଲୋକସେବା ଭବନ ଏବଂ ବିଧାସଭାର ଢାଞ୍ଚା । ଏନେଇ ସୂଚନା ଦେଇଛନ୍ତି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସେ କହିଛନ୍ତି, ନୂଆ ଢାଞ୍ଚାରେ ଲୋକସେବା ଭବନ ଏବଂ ବିଧାନସଭା ତିଆରି ହେବ । ପୁରୁଣା ବିଲ୍ଡିଂର ରୂପରେଖ ବଦଳା ଯିବା ପାଇଁ ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି । ସେହିପରି ମନ୍ତ୍ରୀ କହିଛନ୍ତି, ଚନ୍ଦ୍ରଶେଖରପୁରରେ ଓଡ଼ିଶା ମଣ୍ଡପ ନିର୍ମାଣ ହେବ । ୧୦ ହଜାର ଲୋକ ବସିବା କ୍ଷମତାର କନ୍‌ଭେନସନ ସେଣ୍ଟର ରହିବ । ଅନ୍ୟପକ୍ଷରେ ପୁରୀ ବଡ଼ଦାଣ୍ଡରେ ସବୁଦିନ ପାଇଁ ମଦ ଓ ଆମିଷ ବିକ୍ରି ବନ୍ଦ ହେବ । ଶ୍ରୀମନ୍ଦିର ଓ ବଡ଼ଦାଣ୍ଡର ୨ କିମି ପରିଧିରେ ମଦ ବାର ମନା ନେଇ ସୂଚନା ଦେଇଛନ୍ତି ମନ୍ତ୍ରୀ ।

## ଏକାଳ ପଖାଳ



କିଣାବିକା ଆଉ ହେବ ନାହିଁ
ବଡଦାଣ୍ଡେ ମଦ ମାଂସ
ଏଇ କଥାଟା ଜଲ୍‌ଦି ଲାଗୁ ହେଲେ
ପଡିବ ଅନ୍ୟାୟେ ଫାସ
ଧରମ କଲେଣି ନାଶ
ଶ୍ରୀକ୍ଷେତ୍ର ଧାମକୁ କ'ଣ ଭାବିଲେଣି
ଗୁଣ୍ଡା ଆଉ ବଦମାସ ।

# ୧୨୪ ବର୍ଷର ରେକର୍ଡ ଭାଙ୍ଗିଲା ମେ ମାସର ବର୍ଷା



ନୂଆଦିଲ୍ଲୀ, ୮।୬

ମେ' ମାସଟି ବର୍ଷର ସର୍ବାଧିକ ଗରମ ମାସଭାବେ ଜଣାଶୁଣା । କିନ୍ତୁ ଏଥର ଦୃଶ୍ୟ ସମ୍ପୂର୍ଣ୍ଣ ଭିନ୍ନ ଥିଲା । ଏଥର ମେ ମାସରେ ରେକର୍ଡ ବର୍ଷା ହୋଇଛି । ଏପରିକି ତାହା ୧୨୪ ବର୍ଷର ରେକର୍ଡ ଭାଙ୍ଗିଦେଇଛି । ପାଣିପାଗ ବିଭାଗ (ଆଇଏମଡି)ର ରିପୋର୍ଟ ଅନୁଯାୟୀ, ଏଥର ମେ ମାସରେ ୧୨୬.୭ ମିମି ବର୍ଷା ରେକର୍ଡ କରାଯାଇଛି । ଏହା ୧୯୦୧ ପରଠାରୁ ସର୍ବାଧିକ । ଅର୍ଥାତ୍, ଏହା ଏକ ଐତିହାସିକ ଋତୁକାଳୀନ ପରିବର୍ତ୍ତନ । ଗତ ଶତାବ୍ଦୀ ଆରମ୍ଭ ପରେ ଏବେ ଦେଖିବାକୁ ମିଳିଛି ।

ଏହା କେବଳ ବର୍ଷା ନୁହେଁ ବରଂ ପାଗର ମିଜାଜ । ଏକ ବଡ଼ ପରିବର୍ତ୍ତନ ଥିଲା । ପୁଣି ଆହୁରି ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏବର୍ଷ ସମୟର ଯଥେଷ୍ଟ ପୂର୍ବରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ଭାରତରେ ପହଞ୍ଚିଥିଲା । ଅନେକ ଅଞ୍ଚଳରେ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା, ଫସଲ କ୍ଷତିଗ୍ରସ୍ତ ହୋଇଥିଲା ଏବଂ ଲୋକମାନେ ମେ ମାସରେ ଛତା ଧରି ଚାଲିବା ଆରମ୍ଭ କରିଥିଲେ, ଯାହା ସାଧାରଣତଃ ଜୁଲାଇ କିମ୍ବା ତା'ପରେ ଘଟେ । ପ୍ରଶ୍ନ ଉଠୁଛି ଜଳବାୟୁ ଏବେ ସେହି ପୁରୁଣା ଚକ୍ରକୁ ପୁନରାବୃତ୍ତି କରୁଛି କି ? ଜଳବାୟୁ ବୈଜ୍ଞାନିକମାନେ (ପୃଷ୍ଠା ୭ରେ)

# ରାଜ୍ୟରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ, ୪୩ ଡିଗ୍ରୀ ପହଞ୍ଚିପାରେ ତାତି



ଭୁବନେଶ୍ୱର, ୮।୬
ନ୍ୟୁଜ୍ ବ୍ୟୁରୋ

ରବିବାର ରାଜଧାନୀରେ ଖରା ସାଙ୍ଗକୁ ମେଘୁଆ ପାଗ ପରିଲକ୍ଷିତ ହେଉଛି । ତେବେ ରାଜ୍ୟରେ ଅନୁଭୂତ ହେଉଛି ଅସହ୍ୟ ଗ୍ରୀଷ୍ମ ପ୍ରବାହ । ସୁନ୍ଦରଗଡ଼, ଦେବଗଡ଼, ନୟାଗଡ଼, ସୋନପୁର ଆଦି ଜିଲ୍ଲାରେ ରବିବାର ୪୨ ଡିଗ୍ରୀ ପାରଦ ପହଞ୍ଚିବା (ପୃଷ୍ଠା ୭ରେ)





# ଜଳକଷ୍ଟ ଅସମ୍ଭାଳ : ପିଇବା ପାଇଁ ମିଳୁନି, ରୋଷେଇ କରିବେ କେମିତି

**କେନ୍ଦୁଝର, ନ୍ୟୁଜ**



କେନ୍ଦୁଝର ଜିଲ୍ଲାର ନରଣପୁର ପଞ୍ଚାୟତ ଅନ୍ତର୍ଗତ ହଳଦିଆଟାଙ୍ଗିରି ଗ୍ରାମରେ ବସୁଧା ଯୋଜନା ଫେଲ୍ ମାରିଥିବା ବେଳେ ଲୋକେ ପାଣି ପିଇବା ପାଇଁ ତହଳବିକଳ ହେଉଛନ୍ତି। ଗ୍ରାମରେ ଗୋଟିଏ ସୋଲାର ନଳକୂପ ହିଁ ଜୀବନ ଭରସା ସେଥିରେ କେତେବେଳେ ପାଣି ବାହାରୁଚି ତ କେତେବେଳେ ପାଣି ମିଳୁନି। ପାଣି ବାହାରିଲେ ଲୋକେ ଖୁବ୍ ଜୋରରେ ଡାକ ପକାନ୍ତି। ପାଣି ଆସିଲା ହୋ ଆଉ ପଡ଼ିଉଠି ଲୋକେ ଧାଡ଼ି ଲଗାଇ ଠିଆ ହୋଇ ଯାଉଛନ୍ତି ପିଇବାପାଣି ଟୋପାଏ ପାଇଁ ସେଥିରେ ପୁଣି ଟ୍ୟାପ ଲାଗି ନାହିଁ ବୋଲି ଅନେକ ଜଳ ଅପଚୟ ହୋଇଯାଉଛି। ସୋଲାର ମାଧ୍ୟମରେ ଟାଙ୍କି ପୁରୁନି ଟାଙ୍ଗରପଲସା ଗ୍ରାମର ଲୋକେ ମଧ୍ୟ ଜାତୀୟ ରାଜପଥ ପାର ହୋଇ ଦୁର୍ଘଟଣାର ଭୟ ଭିତରେ ଆସି ପାଣି ନେବାକୁ ପହଞ୍ଚ ଯାଉଛନ୍ତି। ଗୋଟିଏ ଗ୍ରାମକୁ ପାଣି ହେଉନି, ସେଥିରେ ଦୁଇଟି ଗ୍ରାମବାସୀ ପହଞ୍ଚିବା ବେଳେ ପାଣି ଶେଷ। ଏପରି କି ଅନେକ ସମୟରେ ପରସ୍ପର ମଧ୍ୟରେ ଝଗଡ଼ା ପୂର୍ବତନ ରାଜ୍ୟପାଳ ରଘୁବର ଦାସଙ୍କ ନରଣପୁର ଗସ୍ତ ସମୟରେ ମାସେ ଭିତରେ ପାଇପ୍ ଯୋଗେ ପାଣିର ପ୍ରତିଶ୍ରୁତି ପ୍ରଦାନ କରିଥିବା ତତ୍କାଳୀନ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବସର ଗ୍ରହଣ କରି ସାରିଲେଣି ହେଲେ ଆଜି ଯାଏ ପାଣି ଆସିଲା ନାହିଁ। ଅନେକ ନଳ ଭାଙ୍ଗି ମାଟିରେ ମିଶି ଗଲାଣି। କେଉଁଠି ଆବର୍ଜନା ଗଦା ଭିତରେ ତ କେଉଁଠି ଜଙ୍ଗଲମୟ ବୁଦା ଭିତରେ ହଜି ଗଲାଣି। ପାଣି ପାଇପ୍ କେଜାଣି ଆଉ ପାଣି ଆସିବ କି ନାହିଁ ବୋଲି କହୁଛନ୍ତି ଗ୍ରାମବାସୀ। ତେବେ କେନ୍ଦୁଝର ଜିଲ୍ଲା ପ୍ରଶାସନର ମିଛ ପ୍ରତିଶ୍ରୁତି ନା ସତରେ କେବେ ପାଣି ଆସିବ ଆଉ ଲୋକେ ପାଣି ପାଇବେ ନା ଏହା ଆକାଶ କଇଁଆ ଚିଲିକା ମାଛ ତାହା ଦେବାକୁ ବାକି ରହିଲା।

# ତୁଳସୀ ମହିଳା ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଆଦେଶ ନଂ ୨୮୨୮୭, ତା- ୦୨.୦୬.୨୦୨୫ ଅନୁସାରେ ଡ ମଥୁରି ଚରଣ ନାୟକ, ପ୍ରାଧ୍ୟାପକ ସମାଜ ବିଜ୍ଞାନ ବିଭାଗଙ୍କୁ ତୁଳସୀ ମହିଳା ମହା ବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ଅବସ୍ଥାପିତ କରାଯାଇଛି। ଡ ନାୟକ କରିଲୋପାଟଣା ମହା ବିଦ୍ୟାଳୟରେ ତା- ୦୩.୦୫.୧୯୮୯ ରିଖରୁ ଅଧ୍ୟାପନା ଆରମ୍ଭ କରିଥିଲେ। ଡ. ନାୟକ ୨୦୧୫ ମସିହାରେ ପଣ୍ଡିଚେରି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ପି.ଏଚ୍.ଡି ଲାଭ କରିଥିଲେ। ତା ୦୭.୦୬.୨୦୧୬ ରିଖରେ ତୁଳସୀ ମହିଳା ମହାବିଦ୍ୟାଳୟକୁ ବଦଳି ହୋଇ ଆସିଥିଲେ। ତୁଳସୀ ମହିଳା ମହାବିଦ୍ୟାଳୟର ଶିକ୍ଷାଗତ ଓ ଢାଞ୍ଚାଗତ ବ୍ୟବସ୍ଥାରେ ଗୁଣାତ୍ମକ ପରିବର୍ତ୍ତନ ଆଣିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।



# ବାଲେଶ୍ୱରରେ ଗଡ଼ିଲା 'ଆମ ସଂକଳ୍ପ - ନିଶା ନୁହେଁ ଜୀବନ' ପାଇଁ ସଚେତନତା ଅଭିଯାନ ରଥ

**ବାଲେଶ୍ୱର, ନ୍ୟୁଜ୍**



ଜିଲ୍ଲା ପ୍ରଶାସନ ଏବଂ ଅବକାରୀ ବିଭାଗ, ବାଲେଶ୍ୱରଙ୍କ ଆନୁକୂଲ୍ୟରେ ଆମ ସଂକଳ୍ପ - ନିଶା ନୁହେଁ ଜୀବନ ପାଇଁ 'ଆମ ସଂକଳ୍ପ ରଥ'ର ସଚେତନତା ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକଂକ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଆମ ସଂକଳ୍ପ ରଥ ସଚେତନତା କାର୍ଯ୍ୟକ୍ରମର ଅଭିଯାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଗତ ୩୧.୦୫.୨୦୨୫ ଠାରୁ ଆରମ୍ଭ ହୋଇ ଆସନ୍ତା ୨୬ ଜୁନ ୨୦୨୫ ବିଶ୍ୱ ତମାଖୁ ବର୍ଜନ ଦିବସ ପର୍ଯ୍ୟନ୍ତ ଜାରି ରହିବ। ଏହି କ୍ରମରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଏବଂ ଅବକାରୀ ବିଭାଗଙ୍କ ମିଳିତ ସହଯୋଗରେ ଆମ ସଂକଳ୍ପ ରଥ ବାଲେଶ୍ୱର ଜିଲ୍ଲାର ୧୨ ଗୋଟି ବ୍ଲକ ପରିକ୍ରମଣ କରି ନିଶା ନିବାରଣ ପାଇଁ ସଚେତନତା ମୂଳକ ବାର୍ତ୍ତା ପ୍ରଚାର ଅଭିଯାନ ଚାଲୁ ରହିବ। ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ସମୟରେ ସ୍ଥାନୀୟ ଅବକାରୀ ଅଧିକ୍ଷକ ମନୋଜ କୁମାର ସେଠୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନିରଞ୍ଜନ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ, ଗଣ ମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ।

# ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୋଠା ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ



**ନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

କୋରାପୁଟ ଜିଲ୍ଲାପାଳ ଭି. କିର୍ତ୍ତି ଭାସନ ନନ୍ଦପୁର ବ୍ଲକ ପରିଦର୍ଶନ କରି ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ନୂତନ କୋଠା ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ କ୍ଷୋଭ ପ୍ରକାଶ କରିବା ସହ ତୁରନ୍ତ କାର୍ଯ୍ୟ ଶେଷ କରି କୋଠା ହସ୍ତାନ୍ତର କରିବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଜିଲ୍ଲାପାଳଙ୍କ ଏହି ଗସ୍ତ ରେ ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା, ନନ୍ଦପୁର ସହକାରୀ ତହସିଲଦାର ମାଧବ ପାଙ୍ଗି, ସୁପର ଭାଇଜର ସୋମନାଥ ମୁଦୁଲି, ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ସମେତ ଏନଆରଏଚଏମ୍ କନିଷ୍ଠ ଯନ୍ତ୍ରୀ ଓଏଇ ପ୍ରମୁଖ ଉପସ୍ଥିତ ରହିଥିଲେ। ଜିଲ୍ଲାପାଳଙ୍କ ଏହି ଗସ୍ତରେ ଥିବା ଗ୍ରାମପଞ୍ଚାୟତ ଅଧୀନସ୍ଥ ପାତ୍ରପଣ୍ଡି ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରି ସେ ସ୍ଥିତି ଅନୁଧ୍ୟାନ କରିବା ସହ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ତା' ସହ ଆବଶ୍ୟକୀୟ ଭିତ୍ତିଭୂମିର ସ୍ଥିତି ଅନୁଧ୍ୟାନ କରିଥିବା ମଧ୍ୟ ଜଣାପଡ଼ିଛି।

# କେନ୍ଦୁଝରରେ ସ୍ୱୟଂକ୍ରିୟ ଯାନ ପରୀକ୍ଷଣ କେନ୍ଦ୍ରର ଶିଳାନ୍ୟାସ

**କେନ୍ଦଝର, ନ୍ୟୁଜ୍**

ରାଜ୍ୟର ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ ସଡ଼କ ଦୁର୍ଘଟଣା ହ୍ରାସ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ସ୍ଥିତ କନଭେନସନ ହଲଠାରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକଳ୍ପ ଓ ସେବାର ଉଦ୍‌ଘାଟନ କରିଛନ୍ତି। ଏହି କ୍ରମରେ କେନ୍ଦୁଝର ରାମଚନ୍ଦ୍ରପୁରଠାରେ ଏକ ସ୍ୱୟଂକ୍ରିୟ ଯାନ ପରୀକ୍ଷଣ ବ୍ୟବସ୍ଥା କେନ୍ଦ୍ରର ସ୍ଥାପନ ପାଇଁ ଶିଳାନ୍ୟାସ ମଧ୍ୟ ହୋଇଛି। ଏଠାରେ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି ପାରଦର୍ଶୀତାର ସହ ଗାଡ଼ିର ଫିଟନେସ ପରୀକ୍ଷା ସଂପନ୍ନ କରାଯିବ। ଯାହା ସଡ଼କରୁ ଅନୁପଯୁକ୍ତ ଗାଡ଼ି ହ୍ରାସ କରି ସଡ଼କ ସୁରକ୍ଷାକୁ ସଶକ୍ତ କରିବ। ଏହି ପରିପ୍ରେକ୍ଷୀରେ ଆଜି ସନ୍ଧ୍ୟାରେ କେନ୍ଦୁଝର ଦରବାର ହଲଠାରେ ଆଭାସୀ ମାଧ୍ୟମରେ ଜିଲ୍ଲାପାଳ ବିଶାଳ ସିଂହ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଆଞ୍ଚଳିକ ପରିବହନ ଅଧିକାରୀ ଗୋପାଳ ଚନ୍ଦ୍ର ଦାସ, ଡେପୁଟି କଲେକ୍ଟର ଅଭିଳାଷ ପୁରୋହିତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ଅନ୍ୟ ପ୍ରଶାସନିକ ଅଧିକାରୀ, ସ୍ୱେଚ୍ଛାସେବୀ ଏବଂ ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିଲେ ଏବଂ ସଡ଼କ ସୁରକ୍ଷା ଶପଥ ପାଠ କରିଥିଲେ।

# ରବି ଋତୁ ଧାନ ସଂଗ୍ରହ କାର୍ଯ୍ୟକ୍ରମ ନେଇ ସଚେତନତା ରଥର ଶୁଭାରମ୍ଭ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ରବି ଋତୁ ଧାନ ସଂଗ୍ରହ କାର୍ଯ୍ୟକ୍ରମ ନେଇ ସଚେତନତା ରଥ ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଶୁଭାରମ୍ଭ ହୋଇଛି। ସକାଳ ୮ଟାରେ ଜୟପୁର ଉପ ଜିଲ୍ଲାପାଳ ଆକା ବରମ ଶଶ୍ୟା ରେଡ୍ଡି ଏହାର ଉଦ୍‌ଘାଟନ କରିଥିଲେ। ଜୟପୁର ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ଏହି ରଥ ୫ଟି ବ୍ଲକରେ ସଚେତନ କରିବ। ଏଠାରେ କମିଟିର ସମ୍ପାଦକ ଦୁର୍ଗା ପ୍ରସାଦ ଛୁରିଆ, ଉପାଧ୍ୟକ୍ଷ ବାଲା ରାୟ, ନିର୍ଦ୍ଦେଶକ ଦେବେନ୍ଦ୍ର ବାହିନିପତି ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୫ ତାରିଖରେ ରବି ମଣ୍ଡି ହେବ ଆରମ୍ଭ ହେବ। ଜୟପୁର ଉପଖଣ୍ଡରେ ୮୮ଟି ଧାନକ୍ରୟ କେନ୍ଦ୍ର କରାଯାଇଛି। ଧାନ କ୍ରୟ ଉପରେ ଧାନ କ୍ରୟକାରି ସଂସ୍ଥା ଓ ଚାଷୀମାନଙ୍କୁ ଏହି ରଥ ଗ୍ରାମ ଗ୍ରାମ ବୁଲି ସଚେତନ କରିବ। ଧାନକୁ ଏଫ୍.ଏ. କ୍ୟୁ. ମାନର ଉନ୍ନୀତ କରାଇ ବିକ୍ରୟ କେନ୍ଦ୍ରକୁ ଆଣିବା, ସପ୍ତାହିକ ବଜାର ଦିନ ମାନଙ୍କରେ ଧାନ କ୍ରୟ କେନ୍ଦ୍ର ବନ୍ଦ ରହିବ, ଚାଷୀମାନେ ଆଧାର କାର୍ଡ ଓ ବ୍ୟାଙ୍କ ପାସବୁକ ସାଙ୍ଗରେ ଧରି ଧାନ କ୍ରୟ କେନ୍ଦ୍ରକୁ ଧାନ ବିକିବା ନିମନ୍ତେ ଆସିବେ। ଟୋକନର ବୈଧତା ୩୦ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ। ପଞ୍ଜିକୃତ ଚାଷିଙ୍କ ମୋବାଇଲ ନମ୍ବରରେ ପ୍ରାପ୍ତ ସୂଚନା ଅନୁସାରେ ମଣ୍ଡିକୁ ଧାନ ଆଣିବା ପରେ ଏକ ପ୍ରାପ୍ତି ସ୍ୱୀକାର ପତ୍ର ଦିଆଯିବ। ପ୍ରାପ୍ତ ସୂଚନା ଅନୁସାରେ, ଚାଷୀ ଆଣିଥିବା ଧାନକୁ ଫିଫୋ ପ୍ରଥମ ଆଣିଥିବା ଧାନକୁ ପ୍ରଥମେ କିଣାଯିବା ପଦ୍ଧତିରେ ଧାନ କ୍ରୟ କରିଯିବ। ବୈଧ ଟୋକନ ଥିଲେ ଧାନକ୍ରୟ କେନ୍ଦ୍ର ମଧ୍ୟକୁ ଧାନ ପ୍ରବେଶ କରାଯିବ ଆଦି ଉପରେ ସଚେତନ କରିବା ସହ। କ୍ୱିଣ୍ଟାଲ ପ୍ରତି ଦର ସାଧାରଣ ଧାନକୁ ୨୩ ଶହ ଅତିରିକ୍ତ ଇନପୁଟ ସହାୟତା ୮ ଶହ ଟଙ୍କା ମୋଟ ୩୧ ଶହ ରହିଛି। ଧାନକୁ ଅଗାଡି, କାଠି, କୁଟା, କିମ୍ବା ଅନ୍ୟ ବାହ୍ୟ ପଦାର୍ଥ ମୁକ୍ତ ରଖିବା ଆଦି ସଚେତନ କରିବ। ୩ଟି ରଥ ଜୟପୁର ଉପଖଣ୍ଡର ବୈପାରିଗୁଡ଼ା, କୁନ୍ଦୁରା, ଜୟପୁର, ବୋରିଗୁମ୍ମା, କୋଟପାଡ଼ ବ୍ଲକର ପ୍ରତ୍ୟେକ ଗ୍ରାମରେ ଚାଷୀଙ୍କୁ ସଚେତନ କରିବ।

# ବ୍ଲକ କଳା ସଂସ୍କୃତି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ




**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକ କଳା ସଂସ୍କୃତି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ଶୁଭ୍ରାଞ୍ଜଳି ପ୍ରଧାନଙ୍କୁ ଏକ ଆଠ ଦଫା ଦାବି ପତ୍ର ପ୍ରଦାନ କରିଛନ୍ତି ଦାବିଗୁଡ଼ିକ ଭିତରେ ଜିଲ୍ଲାରେ ଥିବା କଳାକାରମାନଙ୍କ ଭତ୍ତା ବୃଦ୍ଧି, ନୂତନ କଳାକାରଙ୍କୁ ଭତ୍ତା ପ୍ରଦାନ, ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ କଳାକାର ମାନଙ୍କୁ ଦିଆଯାଉ, ଭଗବତ ଟୁଙ୍ଗୀ ନିର୍ମାଣ ଓ ବୀମା ପ୍ରଦାନ ଭଳି ଆଠ ଦଫା ରହିଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ କଳାକାର ସଂଘର ସଭାପତି ତ୍ରିନାଥ ପଣ୍ଡାଙ୍କ ନେତୃତ୍ୱରେ ନୀରଦୀୟ ପୁଜାରୀ, କରୁଣାକର ନାୟକ, ସନ୍ନ୍ୟାସୀ ବାଘ, କୁନି ସାହୁ, ରବିନ୍ଦ୍ର ମହାପାତ୍ର, ବିକ୍ରମ ପ୍ରଧାନ, ରମେଶ ପାତ୍ର, ବାଲେଶ୍ୱର ବରର୍ଡ଼ି ପ୍ରମୁଖଙ୍କ ସମେତ ବ୍ଲକର ବିଭିନ୍ନ ଅଞ୍ଚଳରୁ ଶତାଧିକ ମହିଳା ଓ ପୁରୁଷ କଳାକାର ସଦସ୍ୟ ଉପସ୍ଥିତ ଥିଲେ।

# ଯୁବବର୍ଗଙ୍କ ସନ୍ତରଣ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମର ତଦାରଖ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍କୁଲ କଲେଜ ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କ ପାଇଁ ସନ୍ତରଣ ଦକ୍ଷତା ବୃଦ୍ଧି ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଶୁଭାରମ୍ଭ ହୋଇ ପହଁରା ତାଲିମ ପ୍ରଦାନ କରାଯାଇଥିଲା। ଜିଲ୍ଲା ଷ୍ଟାଡିୟମ ଠାରେ ଥିବା ସନ୍ତରଣାଗାରରେ ଏହି ତାଲିମ ପ୍ରଦାନ କରାଯାଉଥିବା ବେଳେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ -ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ। ଓଡ୍ରାଫର ରାଜୀବ ଭଷ୍ଟ ସାୟର ଏହି ତାଲିମ ଉପରେ ଯୁବବର୍ଗଙ୍କୁ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ୫ମ ଆଇଆରବି, ବଲାସିଙ୍ଗାର ସମସ୍ତ ଓଡ୍ରାଫ୍ ଟିମ୍ ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ।

# ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**



କେନ୍ଦ୍ରାପଡ଼ା ଜିଲ୍ଲାର ଓସ୍ତପୁର ଗ୍ରାମ ପଞ୍ଚାୟତଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ୫ଶହରୁ ଉର୍ଦ୍ଧ୍ୱ କୃଷକ ଭାଗ ନେଇ ଉନ୍ନତ କୃଷି ପ୍ରଣାଳୀର ବିଭିନ୍ନ ଦିଗ ଯଥା ପ୍ରାକୃତିକ କୃଷି, ଜଳବାୟୁ ଅନୁକୂଳ କୃଷି, କୃଷିରେ ଡ୍ରୋନର୍ ବ୍ୟବହାର ଇତ୍ୟାଦି ବିଷୟରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ର କେନ୍ଦ୍ରାପଡାର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ. ଅରବିନ୍ଦ ଦାସ, କେନ୍ଦ୍ରୀୟ ମଧୁର ଜଳ ଗବେଷଣା କେନ୍ଦ୍ରର ପ୍ରଧାନ ବୈଜ୍ଞାନିକ ଡଃ. ଜିତେନ୍ଦ୍ର ସୁନ୍ଦରରାୟ, ଜାତୀୟ କୃଷିଜିବୀ ମହିଳା ପ୍ରତିଷ୍ଠାନର ବୈଜ୍ଞାନିକା ଡଃ. ଅର୍ପିତା ମହାପାତ୍ର, କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡାର ଉଦ୍ୟାନ କୃଷି ବୈଜ୍ଞାନିକ ଡଃ. ପ୍ରଭଞ୍ଜନ ମିଶ୍ର, କ୍ଷେତ୍ର ବିଜ୍ଞାନ ବିଭାଗର ବୈଜ୍ଞାନିକ ଡଃ. ତାପସ ରଞ୍ଜନ ସାହୁ ପ୍ରମୁଖ କୃଷକ ବୈଜ୍ଞାନିକ ଆଲୋଚନା ଚକ୍ରରେ ଯୋଗଦେଇ କୃଷି କ୍ଷେତ୍ର ଉପଜୁଥିବା ବିଭିନ୍ନ ସମସ୍ୟାର ସମାଧାନ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବିଭାଗର ଅଧିକାରୀ ଯଥା ଆତ୍ମାର ଉପପ୍ରକଳ୍ପ ନିର୍ଦ୍ଦେଶକ ନିରଞ୍ଜନ ରାଉତ, ବ୍ଲକ କୃଷି ଅଧିକାରୀ ବିନ୍ଦୁଶ୍ରୀ ବାଳା, ସହକାରୀ କୃଷି ଅଧିକାରୀ ପ୍ରିୟମ୍ବଦା ନାୟକ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଶୁଭଶ୍ରୀ ମଲ୍ଲିକ ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ଯୋଗଦେଇ ସରକାରଙ୍କର ବିଭିନ୍ନ କୃଷକ କଲ୍ୟାଣ ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ କୃଷି ବିଜ୍ଞାନ କେନ୍ଦ୍ର, କୃଷି ବିଭାଗର ଅନ୍ୟାନ୍ୟ କର୍ମଚାରୀଙ୍କ ସହିତ ଓସ୍ତପୁର ଗ୍ରାମପଞ୍ଚାୟତର ସରପଞ୍ଚ ପ୍ରସନ୍ନ ରାଉତ ସହାୟକ ହୋଇଥିଲେ।

# ବରଗଡ଼ରେ ଯୁଗ୍ମ ଅଭିଯୋଗ ଶୁଣାଣି : ୮୫ ମାମଲା ପଞ୍ଜିକୃତ

**ବରଗର, ନ୍ୟୁଜ୍‌ବ୍ୟୁରୋ**

ପାଇକମାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ସମେତ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ପଦ୍ମପୁର ଉପଜିଲ୍ଲାପାଳ ଅରୁଗୁଲା ସ୍ନେହା ଏବଂ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବରଗଡ଼ ସୁଭାଷ ଅଗ୍ରୱାଲ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସୂଚନାଯୋଗ୍ୟକି, ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୮୫ ଗୋଟି ଅଭିଯୋଗ ମଧ୍ୟରୁ ୪୬ ଗୋଟି ବ୍ୟକ୍ତିଗତ, ୩୯ ଗୋଟି ସାମୁହିକ ଅଭିଯୋଗର ଶୁଣାଣି ପରେ ହସ୍ତଗତ ହୋଇଥିବା ଅଭିଯୋଗ ମଧ୍ୟରୁ ତତକ୍ଷଣାତ ଗୋଟିଏ ଅଭିଯୋଗକୁ ସମାଧାନ କାରିବା ସହ ଅନ୍ୟାନ୍ୟ ସମସ୍ୟା ଗୁଡ଼ିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



# ଜୁନ୍ ୧୨ରୁ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ବିକାଶ ମେଳା, ପଲ୍ଲିଶ୍ରୀ ମେଳା ଓ ପାରମ୍ପରିକ ଖାଦ୍ୟ ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜୁନ ୧୨ ରୁ ୧୮ ତାରିଖ (୭ ଦିନ) ପର୍ଯ୍ୟନ୍ତ ବୌଦ୍ଧ କଚେରୀ ପଡ଼ିଆ ଠାରେ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ହେବାକୁ ଥିବା ବିକାଶ ମେଳା ଅବସରରେ ଆନୁସଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା ଓ ପ୍ରସ୍ତୁତି ସମ୍ପର୍କିତ ଆଲୋଚନା କରିଥିଲେ। ବିକାଶ ମେଳା ଓ ପଲ୍ଲିଶ୍ରୀ ମେଳା ଅବସରରେ ପାରମ୍ପରିକ ଖାଦ୍ୟ ଉତ୍ସବ ମଧ୍ୟ ଅନୁଷ୍ଠିତ ହେବ। ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଓରମାସ ଅଧିକାରୀ ଶିବାଶିଷ ଦାଶ, ଡିପିସି, ମିଶନ ଶକ୍ତି ରଶ୍ମି ରଞ୍ଜନ ସେଠୀ, ଜିଲ୍ଲା ଅଡିଟ୍ ଅଫିସର, ନିର୍ବାହୀ ଅଧିକାରୀ ବୌଦ୍ଧଗଡ଼ ଏନଏସି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଅଙ୍କୁର କୁମାର ଯାନୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଲିୟାରସିଂହଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବାଣିଜ୍ୟ ଓ ପରିବହନ ବିଭାଗର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ




**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ସ୍ଥିତ ଲୋକସେବା ଭବନର କନଭେନସନ ସେଣ୍ଟର ଠାରେ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟର ସମସ୍ତ ଜିଲ୍ଲା ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହି କ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ମଧ୍ୟ ଭିଡ଼ିଓ କନଫୋରେନ୍‌ସିଂରେ ଯୋଡ଼ି ହୋଇଥିଲା। ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ଆୟୋଜିତ ଜିଲ୍ଲା କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ଡଃ. ଦୁର୍ଗା ପ୍ରସନ୍ନ ନାୟକ, ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଆଞ୍ଚଳିକ ପରିବହନ ଅଧିକାରୀ ଧୀରେନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ରାପଡ଼ା ସହିତ ୨୧ ସ୍ଥାନରେ ସ୍ୱୟଂକ୍ରିୟ ପରୀକ୍ଷଣ ବ୍ୟବସ୍ଥାର ଶିଳାନ୍ୟାସ କରିଛନ୍ତି। ଏହା ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି। ପରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ସଡ଼କ ସୁରକ୍ଷା ସଂକ୍ରାନ୍ତରେ ଶପଥ ପାଠ କରାଇଥିଲେ।

# ଲଣ୍ଡା ପାହାଡ଼କୁ ସବୁଜ ବନାନୀରେ ପରିଣତ କଲେ ବନ ବିଭାଗ କର୍ମଚାରୀ

**ଭଞ୍ଜନଗର, ନ୍ୟୁଜ୍‌ବ୍ୟୁରୋ**



ସରକାର ଜନସାଧାରଣଙ୍କ ହିତକୁ ଦେଖି ଯୋଜନା କରିଥାନ୍ତି। କିନ୍ତୁ ତଳସ୍ତରରେ କାର୍ଯ୍ୟରତ ଅଧିକାରୀ ଏବଂ କର୍ମଚାରୀଙ୍କ ଉପରେ ଯୋଜନାର ସୁଫଳ ନିର୍ଭର କରୁଛି। କିଛି ଯୋଜନା ସଫଳ ହେଉଥିବା ବେଳେ ଆଉ କିଛି ଯୋଜନା ବିଫଳ ମଧ୍ୟ ହେଉଛି। ଏହିଭଳି ଗଞ୍ଜାମ ଜିଲ୍ଲା ଭଞ୍ଜନଗରସ୍ଥିତ ଘୁମୁସର ଉତ୍ତର ବନଖଣ୍ଡରେ ଗୋଟିଏ ଯୋଜନା ସଫଳ ହେଉଥିବା ବେଳେ ଆଉ ଗୋଟିଏ ଯୋଜନା ଫେଲ୍ ହେଉଥିବା ଲକ୍ଷ୍ୟ କରାଯାଇଛି। ଏହି ବନଖଣ୍ଡର ଗ୍ୟାଲେରି ରେଞ୍ଜର ତିଳିସିଙ୍ଗିରେ ଥିବା ଲଣ୍ଡା ପାହାଡ଼କୁ ବନ ବିଭାଗ କର୍ମଚାରୀ ଏକ ବର୍ଷ ମଧ୍ୟରେ ସବୁଜ ବନାନୀରେ ପରିଣତ କରିବାରେ ସକ୍ଷମ ହୋଇଛନ୍ତି। ଯାହାକି ବନ ବିଭାଗ ପାଇଁ ପ୍ରଶଂସା ଆଣିଛି। ଏଥିସହ ଅନ୍ୟ ରେଞ୍ଜ ପାଇଁ ତାହା ଉଦାହରଣ ପାଲଟିଛି।

ସୂଚନାଯୋଗ୍ୟ, ତିଳିସିଙ୍ଗି ପାହାଡ଼ଟି ରାଜସ୍ୱ ବିଭାଗ ଅଧୀନରେ ଥିଲା। ରାଜସ୍ୱ ବିଭାଗ ଅଧିକାରୀମାନେ ବିଗତ ଦିନରେ ଉକ୍ତ ପାହାଡ଼ର ସୁରକ୍ଷା ପ୍ରତି ଦୃଷ୍ଟି ଦେଇ ନ ଥିଲେ। ଗତବର୍ଷ ବନ ବିଭାଗ ଅଧିକାରୀ ଉକ୍ତ ଲଣ୍ଡା ପାହାଡ଼କୁ ବନୀକରଣ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ୫ ହେକ୍ଟର ଲଣ୍ଡା ପାହାଡ଼ରେ ପ୍ରାୟ ୮ ହଜାର ବଡ ଚାରା ଲଗାଯାଇଥିଲା। ବର୍ତ୍ତମାନ ଚାରାଗୁଡ଼ିକ ବହୁତ ବଡ଼ ହେବା ସହ ପାହାଡ଼ଟି ସବୁଜ ବନାନୀରେ ପରିଣତ ହୋଇଛି। ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି, ରେଞ୍ଜର ଆଶାଲତା ଦିଗାଲ, ବନପାଳ ଶୁଭସ୍ମିତା ପାତ୍ରଙ୍କ ବ୍ୟକ୍ତିଗତ ପ୍ରଚେଷ୍ଟାରେ ଆଜି ଲଣ୍ଡା ପାହାଡ଼ ସବୁଜ ବନାନୀରେ ପରିଣତ ହୋଇପାରିଛି। କିନ୍ତୁ ଉକ୍ତ ଲଣ୍ଡା ପାହାଡ଼କୁ ଲାଗି ଏବେବି ଆହୁରି ଅନେକ ହେକ୍ଟର ଜମି ପଡ଼ିଆ ପଡ଼ିଛି। ତାକୁ ମଧ୍ୟ ସବୁଜ ବନାନୀରେ ପରିଣତ କରିବା ପାଇଁ ଦାବି ହୋଇଛି। ଅନ୍ୟପଟେ ଏହି ବନଖଣ୍ଡର ତାରସିଂ ରେଞ୍ଜ କାର୍ଯ୍ୟାଳୟ ଠାରୁ ମାତ୍ର ୫ ଶହ ମିଟର ଦୂରରେ ଥିବା ସଂରକ୍ଷିତ ଜଙ୍ଗଲରୁ ଦିନ ବେଳେ ଜାତୀୟ ରାଜପଥ କଡ଼ରୁ କାଠ ଚୋରି ହେଉଛି। ଲୋକେ ବିଭିନ୍ନ ସମୟରେ ଜଙ୍ଗଲକୁ ଯାଇ ବଡ଼ କାଠ ଗଣ୍ଡିକୁ ଜାଳେଣି କାଠ ଭାବେ କାଟି ଜଙ୍ଗଲରେ ପକାଇ ଦିଅନ୍ତି। କାଠଗୁଡ଼ିକ ଶୁଖିଲା ପରେ ତାକୁ ସୁବିଧା ସୁଯୋଗ ଦେଖି ବିଭିନ୍ନ ମାଧ୍ୟମରେ ନେଇଥାନ୍ତି। ଏଥିସହ କିଛି ମାସ ପୂର୍ବେ ରେଞ୍ଜ କାର୍ଯ୍ୟାଳୟକୁ ଲାଗିଥିବା ଏକ ସ୍ଥାନରୁ ଏକାଧିକ ଚନ୍ଦନ ଗଛ ଚୋରି ହୋଇଥିଲା। ଏହି ମାମଲାରେ ବନ ବିଭାଗ ଅଧିକାରୀ କାହାରିକୁ ମଧ୍ୟ ଗିରଫ କରିନାହିଁ। ଏହିଭଳି ଉକ୍ତ ରେଞ୍ଜରେ ଲୋକେ ଜଙ୍ଗଲରୁ ଅନେକ ସମୟରେ ମୂଲ୍ୟବାନ କାଠ କାଟି ନେଉଥିବା ଅଭିଯୋଗ ହେଉଛି। ଯାହାକି ଚିନ୍ତାଜନକ ବିଷୟ। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ଦାବି ହେଉଛି।

# ବଡ଼ବିଲରେ ଡ୍ରଗ୍ସ ରାକେଟର ଫର୍ଦ୍ଦାଫାସ : ୩ ଗିରଫ

**ଯୋଡ଼ା, ନ୍ୟୁଜ୍‌ବ୍ୟୁରୋ**

ବଡ଼ବିଲ ପୋଲିସ ବେଲକୁଣ୍ଡି ଫୁଟବଲ୍ ପଡିଆ ନିକଟରେ ଗୋଟିଏ ବଡ଼ ଡ୍ରଗ୍ସ ରାକେଟର ଫର୍ଦ୍ଦାଫାସ କରି ତିନି ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ଠାରୁ ୫୦ କିଲୋ ୩୦୫ ଗ୍ରାମ ପୋପି ସଟ୍ରେ (ଡୋଡା ପାଉଡ଼ର), ଏକ ମୋବାଇଲ୍ ଫୋନ୍ ଏବଂ ଅଭିଯୁକ୍ତଙ୍କ ଠାରୁ ନଗଦ ଏକ ହଜାର ଟଙ୍କା ଜବତ କରିଛି। ଗିରଫ ହୋଇଥିବା ଡ୍ରଗ୍ସ ପେଡଲରମାନେ ଝାଡ଼ଖଣ୍ଡ ରାଜ୍ୟର ଷଢ଼େଇକଳା ଓ ପଶ୍ଚିମ ସିଂହଭୂମ ଜିଲ୍ଲାର ପବନ ମହତୋ (୫୩), ଭୋଲାନାଥ ମଣ୍ଡଳ (୨୬) ଓ ସୁରୁ ଦାସ (୫୦) ବୋଲି ଜଣାପଡ଼ିଛି। ଏହି ଅଭିଯୁକ୍ତମାନେ ପେସାଦାର ଡ୍ରଗ୍ସ ପେଡଲର୍ ବୋଲି ପୁଲିସ କହିଛି, ଯେଉଁମାନେ ସ୍ଥାନୀୟ ଡ୍ରଗ୍ ବ୍ୟବସାୟୀଙ୍କୁ ଡୋଡା ପାଉଡ଼ର ବିକ୍ରି କରିବା ଯୋଜନା କରୁଥିଲେ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୯ ଜୁନ୍ ୨୦୨୫ ସୋମବାର





# ‘ଅପରେସନ ସିନ୍ଦୂର’ ସମଗ୍ର ଦେଶବାସୀଙ୍କୁ ଚକିତ କରିଛି : ସାଂସଦ ପ୍ରତାପ ଷଡଙ୍ଗୀ



**ଜଳେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାରଙ୍କ ଏକ ବର୍ଷ ହୋଇଥିବା ବେଳେ କେନ୍ଦ୍ର ସରକାରଙ୍କ ଏଗାର ବର୍ଷ। ବିକଶିତ ଭାରତର ଅମୃତକାଳ ସେବା ସୁଶାସନ ଏବଂ ଗରିବ କଲ୍ୟାଣରେ କେନ୍ଦ୍ର ସରକାରଙ୍କ ଏଗାର ବର୍ଷ ଓ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଜିଲ୍ଲା ସ୍ତରୀୟ କର୍ମଶାଳା ଜଳେଶ୍ୱର ବ୍ଲକ କୃଷ୍ଣନଗର ସ୍ଥିତ ଇସ୍କନ ମନ୍ଦିରର ସମ୍ମିଳନୀ କକ୍ଷରେ ଭାରତୀୟ ଜନତା ପାର୍ଟି, ବାଲେଶ୍ୱର (ଉତ୍ତର) ପକ୍ଷରୁ ଉତ୍ତର ବାଲେଶ୍ୱର ସାଂଗଠନିକ ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ଅତିଥି ଭାବେ ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗଦେଇ କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସଫଳତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଗତ ଏପ୍ରିଲ ୨୨ରେ ଜମ୍ମୁକାଶ୍ମୀର ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣ ଯୋଗୁଁ ୨୬ ଜଣ ନିରିହ ପର୍ଯ୍ୟଟକଙ୍କର ମୃତ୍ୟୁ ଘଟିଥିଲା। ତେଣୁ ଜିଲ୍ଲା ସ୍ତରୀୟ କର୍ମଶାଳା ଆତଙ୍କବାଦ ଆକ୍ରମଣ ପରେ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରେ ଆତଙ୍କବାଦୀ ଆଡା ଉପରେ ଭାରତୀୟ ସେନା ପକ୍ଷରୁ ‘ଅପରେସନ୍ ସିନ୍ଦୂର’ ଜରିଆରେ ଆତଙ୍କବାଦୀଙ୍କୁ କଡ଼ା ଯବାବ ଦିଆଯାଇଥିଲା। ଆତଙ୍କ ବିରୋଧ ଲଢ଼େଇ ‘ଅପରେସନ ସିନ୍ଦୂର’ ସଫଳତାରେ ଆମ ବୀର ଓ ସାହସୀ ଯବାନମାନଙ୍କର କୌଶଳ ବୀରତ୍ୱ ଓ ପରାକ୍ରମ ସମଗ୍ର ଦେଶବାସୀଙ୍କୁ ଚକିତ କରିବା ସହିତ ଗର୍ବ ଆଣିଦେଇଛି। କେନ୍ଦ୍ରରେ ବିଜେପି ସରକାରର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଗୃହ ମନ୍ତ୍ରୀ ଅମିତ୍ ଶାହା ଅପରେସନ ସିନ୍ଦୂର ପରାକାଷ୍ଠାର ଗୋଟି ଚାଳନା କରି ଭାରତୀୟ ସେନାର ମନୋବଳକୁ ବଢାଇଛନ୍ତି ବୋଲି ସାଂସଦ ଶ୍ରୀ ଷଡ଼ଙ୍ଗୀ ପ୍ରକାଶ କରିଥିଲେ। ଏହି ଅସୀମ ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇ ଜଳେଶ୍ୱର ଚନ୍ଦନା ଛକ ଠାରୁ ଇସ୍କନ ମନ୍ଦିର ପର୍ଯ୍ୟନ୍ତ ପରିକ୍ରମା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶୋଭାଯାତ୍ରାରେ ପୂର୍ବତନ ଉପାଧ୍ୟକ୍ଷ ତଥା ଯୁବ ନେତା ଏବଂ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ, ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ବସ୍ତା ନିର୍ବାଚନୀ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ଅଣ୍ଡିଆ, ଭୋଗରାଇ ନିର୍ବାଚନୀ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଆଶିଷ କୁମାର ପାତ୍ର, ସମୀର ପାତ୍ର, ସମୀର ଦାସ, ରାଜେଶ ଖଟୁଆ, ଫଲଗୁନି ପାଣି ଗ୍ରାହୀ, କାଉନସିଲର ଚନ୍ଦନ ଦାସ, ଶିବ ନାରାୟଣ ମହାପାତ୍ର, ଶ୍ରୀକଣ୍ଠ ମହାନ୍ତି ଓ ବହୁ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ଚୂଡାନ୍ତ କାର୍ଯ୍ୟକ୍ରମ ରୂପରେଖର ସମୀକ୍ଷା କଲେ ଖଣି ଓ ଇସ୍ପାତ ମନ୍ତ୍ରୀ




**ରାୟଗଡ, ନ୍ୟୁଜ ବ୍ୟୁରୋ**

ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ଓଡିଶା ତଥା ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ବିଭୁତି ଭୁଷଣ ଜେନା ଦିନିକିଆ ରାୟଗଡ଼ ଜିଲ୍ଲା ଗସ୍ତରେ ପହଞ୍ଚିଥିଲେ। ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାଓ୍ୱାରୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜିଲ୍ଲା ପରିଷଦ ସମିଳନୀ କକ୍ଷରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସମୀକ୍ଷା କରିଥିଲେ । ଏହା ସହିତ ଏକ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ଆସନ୍ତା ଗୁରୁବାରରୁ ୧୮/୦୬ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବିକାଶ ମେଳାର ଚୁଡାନ୍ତ କାର୍ଯ୍ୟକ୍ରମର ରୂପରେଖ ସମ୍ବନ୍ଧରେ ସମୀକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ଜେନା କହିଥିଲେ ଯେ, ସେବା ସୁଶାସନ ଓ ଗରିବ କଲ୍ୟାଣର ଅମୃତ ବର୍ଷର ଉପଲବ୍ଧିକୁ ସୁବ୍ୟବସ୍ଥିତ ଢଙ୍ଗରେ ଲୋକଙ୍କ ପାଖରେ ପହଞ୍ଚାଇବା ଏହି ମେଳାର ମୂଳ ଉଦ୍ଦେଶ୍ୟ । ରାଜ୍ୟର ପ୍ରତ୍ୟେକ ଜିଲ୍ଲା ସଦର ମହକୁମାରେ ବିକାଶ ମେଳା କରାଯିବ ଏବଂ ରାଜ୍ୟର ପ୍ରମୁଖ ଜିଲ୍ଲାମାନଙ୍କରେ କୃଷକ ମେଳା, ନାରୀଶକ୍ତି, ଯୁବଶକ୍ତି ଓ ଆଦିବାସୀ ଶକ୍ତି ସମାବେଶ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଥିଲେ । ଦଳଗତ ନିର୍ବିଶେଷରେ ସମସ୍ତଙ୍କୁ ସାମିଲ କରାଯିବ । ଏକ ବର୍ଷ ଭିତରେ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଉପରେ ପ୍ରଦର୍ଶନୀ ମଣ୍ଡପ ମାଧ୍ୟମରେ ଲୋକଙ୍କୁ ପ୍ରଦର୍ଶିତ କରାଯିବ । ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପଡ଼ିଆ ଠାରେ ଏହି ବିକାଶ ମେଳା ଆୟୋଜନ କରାଯିବ । ଏହା ସହିତ ପାରମ୍ପରିକ ଖାଦ୍ୟ ମେଳା, ମୋ’ ସ୍ୱପ୍ନରେ ଓଡ଼ିଶା–୨୦୩୬ ଓ ମୋ’ସ୍ୱପ୍ନରେ ଭାରତ –୨୦୪୭ ବିଷୟରେ ପ୍ରବନ୍ଧ ଓ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହେବ । କୃତୀ ପ୍ରତିଯୋଗୀମାନଙ୍କୁ ଏହି ମେଳାରେ ପୁରସ୍କୃତ କରାଯିବ। ସରକାରଙ୍କ ସଫଳ କାହାଣୀର ଦୈନିକ ଦୃଶ୍ୟ ଶ୍ରାବ୍ୟ ମାଧ୍ୟମରେ ପ୍ରଦର୍ଶିତ କରାଯିବ । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ହାସଲ କରିଥିବା ବ୍ୟକ୍ତି ବିଶେଷ, ଛାତ୍ର ଛାତ୍ରୀଙ୍କୁ ସମ୍ମାନିତ କରାଯିବ । ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଦୈନିକ ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ମନ୍ତ୍ରୀ ଓ ଅତିଥି ମାନଙ୍କ ଦ୍ୱାରା ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯିବ । କ୍ରୀଡା ମାଧ୍ୟମରେ ଯୁବ ଗୋଷ୍ଠୀକୁ ସାମିଲ କରାଯିବ । ଏହା ବ୍ୟତୀତ ବିଭିନ୍ନ ବ୍ଲକରେ ବିକାଶ ବାହାନା ମାଧ୍ୟମରେ ଏକ ବର୍ଷର ଉପଲବ୍ଧି ଲୋକଙ୍କୁ ଜଣାଇଦିଆଯିବ। ସ୍ଥାନେ ସ୍ଥାନେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଉତ୍ସବ ମୁଖର କରାଯିବ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରର ଲୋକମାନଙ୍କୁ ବିଶେଷ କରି ମାନ୍ୟଗଣ୍ୟ, ବୁଦ୍ଧିଜୀବୀ, ଗଣମାଧ୍ୟମ, ଯୁବ ସମାଜ, ବିଭିନ୍ନ ସଂଘଠନର ଲୋକଙ୍କୁ ନେଇ ଆଲୋଚନା ଚକ୍ର ଓ କର୍ମଶାଳା ଆୟୋଜନ କରିବାକୁ ମନ୍ତ୍ରୀ ଶ୍ରୀ ଜେନା ପରାମର୍ଶ ଦେଇଥିଲେ। ଏହା ସହିତ ବିଭିନ୍ନ କ୍ଷେତ୍ରରେ ହିତାଧିକାରୀଙ୍କୁ ସୁବିଧା ପ୍ରଦାନ କରାଯିବାକୁ ମନ୍ତ୍ରୀ କହିଥିଲେ।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଅକ୍ଷୟ କୁମାର ଖେମୁଣ୍ଡୁ, ରାୟଗଡ଼ାର ଉପଜିଲ୍ଲାପାଳ ରମେଶ କୁମାର ଜେନା, ପ୍ରକଳ୍ପ ପ୍ରଶାସକ ସମ୍ମାନିତ ଆଦିବାସୀ ଉନ୍ନୟନ ସଂସ୍ଥା ଗୁଣୁପୁର ଅଜୟ କୁମାର ପ୍ରଧାନ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଯୋଗଦେଇଥିଲେ ।

# ଖଣ୍ଡଦେଉଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପ୍ରକୃତିମିତ୍ର ପୁରସ୍କାର

**ଦିଗପହଣ୍ଡି, ନ୍ୟୁଜ ବ୍ୟୁରୋ**



ପରିବେଶ ଦିବସ ଅବସରରେ କୃଷି ଶିକ୍ଷା ସଦନ, ଓୟୁଏଟି, ଭୁବନେଶ୍ୱର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବରେ ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ଛଣମେରି ପଞ୍ଚାୟତର ଖଣ୍ଡଦେଉଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରକୃତି ମିତ୍ର ପୁରସ୍କାର ଲାଭ କରିଛି। ମୁଖ୍ୟ ଅତିଥି ରୂପେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଜଙ୍ଗଲ ପରିବେଶ ଜଳବାୟୁ ବିଭାଗ ମନ୍ତ୍ରୀ ଗଣେଶ ସିଂ ରାମ ଖୁଣ୍ଟିଆଙ୍କ ସହ ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ଉପସ୍ଥିତ ରହି ପରିବେଶ ସୁରକ୍ଷା ଓ ସଚେତନତା ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ଏହି ବିଦ୍ୟାଳୟକୁ ପୁରସ୍କୃତ କରିଥିଲେ । ପ୍ରଧାନଶିକ୍ଷକ ସଞ୍ଜୟ ସେଠୀ ଓ ସହକାରୀ ଶିକ୍ଷକ ଚନ୍ଦନ ମହାରଣା ମୁଖ୍ୟଅତିଥିଙ୍କ ଠାରୁ ପ୍ରମାଣ ପତ୍ର ସହ ୨୦ ହଜାର ଟଙ୍କାର ଚେକ୍ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ପରିବେଶ ବିଭାଗ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ଜି. ରାଜେଶ ପ୍ରମୁଖ ଉପସ୍ଥିତ ଥିଲେ ।

# ହୋଟେଲ ମଧ୍ୟକୁ ମାଡିଗଲା ଟ୍ରକ : ଜଣେ ମୃତ

**ସାଲେପୁର, ନ୍ୟୁଜ**

କଟକ-ଚାନ୍ଦବାଲି ରାସ୍ତାରେ ଶିଶୁଆ ବଜାରସ୍ଥିତ ସିଦ୍ଧି ନାମକ ହୋଟେଲ ଉପରକୁ ଏକ ୧୮ଚକିଆ ଟ୍ରକ ମାଡ଼ିଯିବାରୁ ଜଣେ ହୋଟେଲ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଗୋଟିଏ ବାଇକ୍ ନଷ୍ଟ ହୋଇଥିବା ବେଳେ ହୋଟେଲ୍‌ର ବ୍ୟାପକ କ୍ଷତି ହୋଇଛି। ସୂଚନା ମୁତାବକ, ଶୁକ୍ରବାର ରାତି ପ୍ରାୟ ୨ଟା ସମୟରେ ଓଡି୦୪-ଜେ-୫୫୧୭ ନମ୍ବର ଟ୍ରକ କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଦୃତ ଗତିରେ ଯାଉଥିଲା । ଟ୍ରକଟି ଭାରସାମ୍ୟ ହରାଇ ହୋଟେଲକୁ ମାଡ଼ିଯିବାରୁ ହେଟେଲ୍‌ରେ କାର୍ଯ୍ୟରତ କର୍ମଚାରୀ ଆଠଗଡ଼ ଅଞ୍ଚଳର ମନୋଜ ନାମକ ବ୍ୟକ୍ତି ଟ୍ରକ ତଳେ ଚାପି ହୋଇଯାଇଥିଲେ । ଘଟଣାସ୍ଥଳରେ ମନୋଜର ମୃତ୍ୟୁ ଘଟିଥିଲା । ଦୁର୍ଘଟଣା ପରେ ଘଟଣା ସ୍ଥଳରେ ଉତ୍ତେଜନା ଲାଗିକରିଥିବା ବେଳେ ଉତ୍ତେଜିତ ଲୋକମାନେ ରାସ୍ତା ଅବରୋଧ କରିଥିଲେ । ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତ୍ୟୁଦେହ ଉଦ୍ଧାର କରିବା ସହ ଟ୍ରକକୁ ଜବତ କରିଛି ଓ ଡ୍ରାଇଭରକୁ ଅଟକ ରଖି ପଚରାଉଚରା ଜାରି ରଖିଛି । ଦୁର୍ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିବା ସହ ରାସ୍ତାରୋକ ହୋଇଥିବାରୁ ପୁଲିସ ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଛି ।

# ତିବ୍ବତର ସ୍ୱାଧୀନତା ଉତ୍ତର ଭାରତ ସୀମାନ୍ତର ସୁରକ୍ଷା ପାଇଁ ଅତ୍ୟନ୍ତ ଜରୁରୀ : ସାଂସଦ

**କେନ୍ଦୁଝର: ନ୍ୟୁଜ**



କେନ୍ଦୁଝର ସାଂସଦ ଅନନ୍ତ ନାୟକ ହିମାଚଳ ପ୍ରଦେଶର ଧର୍ମଶାଳା ନିକଟସ୍ଥ ମ୍ୟାକଲୋଡଗଂଜ ଠାରେ ନୋବେଲ ପୁରସ୍କାର ବିଜେତା ତଥା ତିବ୍ବତର ସର୍ବୋଚ୍ଚ ଧର୍ମଗୁରୁ ପରମ ପାବନ ଦଲାଇଲାମାଙ୍କୁ ସାକ୍ଷାତକରି ତାଙ୍କ ଠାରୁ ଆଶୀର୍ବାଦ ନେଇଛନ୍ତି। ଏହି ଅବସରରେ ପରମ ପାବନ ଦଲାଇଲାମା ଶ୍ରୀ ନାୟକଙ୍କ ବୌଦ୍ଧ ଧର୍ମ ସମ୍ପର୍କରେ ଓ ନିର୍ବାସିତ ତିବ୍ବତୀୟ ମାନଙ୍କ ସମ୍ପର୍କରେ ତାଙ୍କ ସହ ଆଲୋଚନା କରିଥିଲେ । ଶ୍ରୀ ନାୟକ ମଧ୍ୟ ଚୀନ ତିବତକୁ ଅଧିକାର କରି ନେବା ପରେ କିପରି ସେଠାରେ ତିବ୍ବତୀୟ ମାନଙ୍କ ସହ ପାଶବିକ ଅତ୍ୟାଚାର କରିବା ସହ ସେଠାକାର ତିବ୍ବତୀୟ ସଂସ୍କୃତିକୁ ନଷ୍ଟ କରିବାକୁ ସୁନିୟୋଜିତ ଭାବେ ଅଭିଯାନ ଚଳାଉଛି ତାକୁ ନେଇ ଉଦବେଗ ପ୍ରକାଶ କରିଥିଲେ । ତିବ୍ବତର ସ୍ୱାଧୀନତା ଉତ୍ତର ଭାରତର ସୀମାନ୍ତର ସୁରକ୍ଷା ପାଇଁ ଅତ୍ୟନ୍ତ ଜରୁରୀ ବୋଲି ଶ୍ରୀ ନାୟକ ମତ ପ୍ରକାଶ କରିଥିଲେ ।

ଉଲ୍ଲେଖନୀୟ ଯେ କେନ୍ଦୁଝର ସାଂସଦ ଶ୍ରୀ ନାୟକ ଏକ ସଂସଦୀୟ କମିଟିର ଗସ୍ତରେ ବର୍ତ୍ତମାନ ହିମାଚଳ ପ୍ରଦେଶ ଗସ୍ତରେ ଅଛନ୍ତି । ଏହି ସାକ୍ଷାତ ସମୟରେ ତାଙ୍କର ଧର୍ମପତ୍ନୀ ଲବଙ୍ଗଲତା ନାୟକ ମଧ୍ୟ ଉପସ୍ଥିତ ଥିଲେ । ଏହା ସହ ସଂସଦୀୟ କମିଟିର ଅନ୍ୟ ସଦସ୍ୟମାନେ ମଧ୍ୟ ପରମ ପାବନ ଦଲାଇଲାମାଙ୍କୁ ସାକ୍ଷାତ କରିଥିବା ଜଣାପଡିଛି ।

# ଗଞ୍ଜାମରେ ହତ୍ୟା, ରାହାଜାନି ଓ ଦୁଷ୍କର୍ମ ଅହେତୁକ ବୃଦ୍ଧି ପାଉଛି : ବିଜେଡ଼ି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାର ଗୋଳନ୍ଥରା ପୋଲିସ ଥାନା ଅନ୍ତର୍ଗତ ଗତ ୩ ତାରିଖରେ ଘଟିଥିବା ଦୁଇ ନାବାଳିକା ଗଣଦୁଷ୍କର୍ମ ମାମଲାରେ ବିଜୁ ଜନତା ଦଳର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ବ୍ରହ୍ମପୁର ଏସପିଙ୍କୁ ଭେଟି ଉଦ୍‌ବେଗ ପ୍ରକାଶ କରିବା ସହିତ ପୀଡ଼ିତାଙ୍କ ପରିବାରକୁ ତୁରନ୍ତ ନ୍ୟାୟ ପ୍ରଦାନ ଦାବି କରିଛି । ବ୍ରହ୍ମପୁର ଓ ସମଗ୍ର ରାଜ୍ୟରେ ଗଣ ଦୁଷ୍କର୍ମ, ହତ୍ୟା, ରାହାଜାନି ଇତ୍ୟାଦି ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଛି, ଯାହା ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ଦର୍ଶାଉଛି ବୋଲି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ର ସଦସ୍ୟମାନେ କହିଛନ୍ତି । ଗତ ୩ ତାରିଖ ରାତିରେ, ଦୁଇ ଜଣ ନାବାଳିକା ଗୋଟିଏ ବିବାହ ଭୋଜିରୁ ଫେରିବା ସମୟରେ, ଜଣେ ଦୁର୍ବୃତ୍ତ ପୀଡ଼ିତାଙ୍କ ପୂର୍ବରୁ ପରିଚିତ ଥିଲେ, ତାଙ୍କ ସହ ଆସିବାକୁ କହିଥିଲେ । ସେ ଓ ତାଙ୍କ ସହ ଆଉ ତିନି ଜଣ ଯୁବକ ଦୁଇ ନାବାଳିକାଙ୍କୁ ଏକ ନିକାଞ୍ଚନ ଜାଗାକୁ ନେଇଯାଇ ରାତି ସାରା ଦୁଷ୍କର୍ମ କରିଥିଲେ । ସକାଳେ ଦୁଇ ନାବାଳିକା ସେମାନଙ୍କ ଘରେ ପହଞ୍ଚିବା ପରେ, ତାଙ୍କ ପରିବାର ଲୋକ ଏହି ଘଟଣା ସମ୍ପର୍କରେ ଜାଣିଥିଲେ । ତାପରେ, ଗୋଳନ୍ଥରା ଥାନାରେ ଏତଲା ଦେଇଥିଲେ । ପୋଲିସ, ମାମଲା ରୁଜୁ କରିଥିଲେ ହେଁ ଦୁର୍ବୃର୍ତ୍ତମାନଙ୍କ ଟେର ପାଇ ନଥିଲା । ଏହି ସମ୍ବେଦନଶୀଳ ଘଟଣାର ଗୁରୁତ୍ୱ ଉପଲବ୍ଧି କରି, ବିଜୁ ଜନତା ଦଳ ତରଫରୁ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରା ଯାଇଥିଲା। ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ର ସଦସ୍ୟମାନେ ବ୍ରହ୍ମପୁର ଏସପିଙ୍କୁ ଭେଟି ଉଦ୍‌ବେଗ ପ୍ରକାଶ କରିଥିଲେ । ବିଜେଡି ତରଫରୁ ଏସ୍‌ପିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରା ଯାଇଥିଲା, ଯେଉଁଥିରେ ପୀଡ଼ିତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ସହିତ ବ୍ରହ୍ମପୁର ପୋଲିସ ଜିଲ୍ଲାରେ ଆଇନ ଶୃଙ୍ଖଳା ସ୍ଥିତିକୁ ସୁଧାରିବା ପାଇଁ ଦାବି ରଖାଯାଇଥିଲା। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ର ସଦସ୍ୟ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଥିଲେ, ଏହି ସମ୍ବେଦନଶୀଳ ଘଟଣାରେ ପୋଲିସ ନିଷ୍କ୍ରିୟତା ଦେଖିବାକୁ ମିଳିଛି। ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ବ୍ରହ୍ମପୁର ଗସ୍ତ କରି ଘଟଣା ଉପରେ ଉଦ୍‌ବେଗ ପ୍ରକାଶ କରିବା ପରେ ଦୁର୍ବୃତ୍ତଙ୍କୁ ଗିରଫ କରାଯାଇଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି । ସମଗ୍ର ଜିଲ୍ଲାରେ ଉଦ୍‌ବେଗଜନକ ଭାବେ ହତ୍ୟା, ରାହାଜାନି ଓ ଦୁଷ୍କର୍ମ ଇତ୍ୟାଦି ବୃଦ୍ଧି ପାଇଛି । ରାଜ୍ୟରେ ନାବାଳିକା, ଆଦିବାସୀ, ଦଳିତ ମହିଳାଙ୍କ ଦୁଷ୍କର୍ମ ଅହେତୁକ ବୃଦ୍ଧି ପାଇଛି । ପୂର୍ବତନ ସାଂସଦ ଶ୍ରୀମତୀ ରାଜଶ୍ରୀ ମଲ୍ଲିକ କହିଥିଲେ, ଆଇନ ଶୃଙ୍ଖଳା ପରିସ୍ଥିତିକୁ ବଜାୟ ରଖିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ତା’ଛଡା, ମହିଳାମାନଙ୍କ ସୁବିଧା ପାଇଁ ରାଜ୍ୟର ପ୍ରତି ପୋଲିସ ଥାନାରେ, ପୂର୍ବ ସରକାରଙ୍କ ଦ୍ୱାରା ଯେଉଁ ମହିଳା ଡେସ୍କ ସ୍ଥାପନ କରାଯାଇଥିଲା, ତାହାକୁ ବିଜେପି ସରକାର ଉଚ୍ଛେଦ କରି ଦେଇଛନ୍ତି। ସେହିପରି ପୂର୍ବତନ ବିଧାୟକ ସୁଶ୍ରୀ ଲତିକା ପ୍ରଧାନ କହିଥିଲେ, ଦୁର୍ବୃତ୍ତମାନେ ଜାନିଯାତ୍ରା ସମୟରେ ନାବାଳିକାମାନଙ୍କୁ ଟାର୍ଗେଟ କରୁଥିବାରୁ ପୋଲିସ ଏଥିପ୍ରତି ଯତ୍ନବାନ ହେବାର ଆବଶ୍ୟକ ରହିଛି। ବିଜେଡି ପ୍ରତିନିଧି ମଣ୍ଡଳୀରେ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ସାଂସଦ ରାଜଶ୍ରୀ ମଲ୍ଲିକ, ପ୍ରମିଳା ବିଷୋୟୀ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଆସ୍କା ଲୋକସଭା ପ୍ରାର୍ଥୀ ଶ୍ରୀମତୀ ରଞ୍ଜିତା ସାହୁ, ପୂର୍ବତନ ବିଧାୟକ ଶ୍ରୀମତୀ ଲତିକା ପ୍ରଧାନ, ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ସୁବାଷ ବେହେରା, ଶ୍ରୀକାନ୍ତ ସାହୁ, ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀମତୀ ଅଞ୍ଜଳି ସ୍ୱାଇଁ, ଉପାଧ୍ୟକ୍ଷ ରାଜେଶ୍ୱରୀ ଦୋରା, ରଙ୍ଗେଇଲୁଣ୍ଡା ବ୍ଲକ ସଭାପତି ଅଜିତ ଦାସ, ଦୀପକ ସାମନ୍ତ, ପୂର୍ବତନ ଜିଲ୍ଲା ସଭାପତି ସୁବାଷ ମହାରଣା, ଦଳର ରାଜ୍ୟ ମୁଖପାତ୍ର ତୁମ୍ବନାଥ ପଣ୍ଡା ଓ ନାରାୟଣ ଜେନା, ଦଳର ଅନ୍ୟ କର୍ପୋରେଟରମାନେ ଉପସ୍ଥିତ ଥିଲେ।

# ଭାଷା ସୁରକ୍ଷା ଓ ବୟନ ଶିଳ୍ପ କାରଖାନା ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ



**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

କୋଶଲ ସାହିତ୍ୟ ସଂସ୍କୃତି ଏକାଡେମୀ ଏବଂ ସୁବର୍ଣ୍ଣପୁର ବୁଣାକାର ଉନ୍ନୟନ ସଂଘ ତରଫରୁ ସ୍ଥାନୀୟ ସର୍କିଟ ହାଉସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦୁଇଟି ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏହି ସ୍ମାରକପତ୍ର କୋଶଲ ସାହିତ୍ୟ ସଂସ୍କୃତି ଏକାଡେମୀର ସାଧାରଣ ସଂପାଦକ ତଥା ସୁବର୍ଣ୍ଣପୁର ବୁଣାକାର ଉନ୍ନୟନ ସଂଘର ପୂର୍ବତନ ସଭାପତି ଗୋରେଖନାଥ ସାହୁ ପ୍ରଦାନ କରିଥିଲେ। ଉକ୍ତ ସ୍ମାରକ ପତ୍ରରେ କୋଶଲି/ସମ୍ବଲପୁରୀ ଭାଷାକୁ ସାମ୍ବିଧାନିକ ମାନ୍ୟତା ଦେବା ସଙ୍ଗେ ସଙ୍ଗେ ପ୍ରାଥମିକ ସ୍ତରରେ ପଶ୍ଚିମ ଓଡ଼ିଶାର ଶିଶୁମାନଙ୍କୁ ସେମାନଙ୍କ ମାତୃଭାଷା କୋଶଲି/ସମ୍ବଲପୁରୀ ଭାଷାରେ ଶିକ୍ଷାଦାନ ପାଇଁ ପଶ୍ଚିମ ଓଡ଼ିଶାବାସୀଙ୍କ ତରଫରୁ ଦାବି କରାଯାଇଛି । ଉକ୍ତ ସ୍ମାରକପତ୍ରରେ ସୂଚନା ଦିଆଯାଇଛି ଯେ ପଶ୍ଚିମ ଓଡିଶାର ଶିଶୁମାନଙ୍କୁ ସେମାନଙ୍କ ମାତୃଭାଷାରେ ଶିକ୍ଷା ଦିଆ ନ ଯିବା ଦ୍ୱାରା ସେମାନଙ୍କ ବୌଦ୍ଧିକ ବିକାଶ ବ୍ୟାହତ ହେଉଛି ଏବଂ ଏହି ଅଞ୍ଚଳରେ ଅପାଠୁଆ ଓ ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ୨୦୨୦ ଶିକ୍ଷାନୀତି ପ୍ରାଥମିକ ସ୍ତରରେ ଶିଶୁମାନଙ୍କୁ ମାତୃଭାଷାରେ ଶିକ୍ଷାଦାନ ବାଧ୍ୟତାମୂଳକ ବୋଲି ସରକାରଙ୍କୁ ସ୍ମରଣ କରାଇ ଦିଆଯାଇଛି । ଅପରପକ୍ଷରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ସୁବର୍ଣ୍ଣପୁର ଠାରେ ତାଙ୍କ ନିର୍ବାଚନୀ ସଭାରେ ବିଜେପିର ଡବଲ ଇଂଜିନ ସରକାର କ୍ଷମତାକୁ ଆସିଲେ ସୁବର୍ଣ୍ଣପୁର ଠାରେ ଏକ ବୟନ ଶିଳ୍ପ କାରଖାନା ପ୍ରତିଷ୍ଠା ପାଇଁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ଶୀଘ୍ର କାର୍ଯ୍ୟକାରୀ କରିବାକୁ ବୁଣାକାର ଉନ୍ନୟନ ସଂଘ ତରଫରୁ ନିବେଦନ କରାଯାଇଛି । ଏହି ଅବସରରେ ସୁବର୍ଣ୍ଣପୁର ସଂପର୍କୀତ ସ୍ୱ ରଚିତ କେତୋଟି ପୁସ୍ତକ ଶ୍ରୀ ସାହୁ ମୁଖ୍ୟମନ୍ତ୍ରୀଙ୍କୁ ଉପହାର ଦେଇଥିଲେ ଯାହା ଦେଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆନନ୍ଦ ପ୍ରକାଶ କରିଥିଲେ ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୯।୬।୨୦୨୫, ଜ୍ୟୈଷ୍ଠ ଦ୨୬ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୦୭।୨୨** **ଚନ୍ଦ୍ରୋଦୟ- ଦିଘ ୪।୫୧।୧୩**

**ତ୍ରୟୋଦଶୀ-** ଦିଘ ୯।୩୬ ପର୍ଯ୍ୟନ୍ତ । **ବିଶାଖା ନକ୍ଷତ୍ର-** ଦିଘ ୩।୩୧ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ଦିଘ ୮।୫୦ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । ଦିଘ ୮।୫୦ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ଦିଘ ୯।୩୬ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୨ ଗତେ ଘ ୧୦।୨୬ ମଧ୍ୟେ । ରାଘ ୯।୧୪ ଗତେ ଘ ୧୦।୨୫ ମଧ୍ୟେ । **ପର୍ବୋତ୍ସବ-** ବିର୍ସାମୁଣ୍ଡା ଶହୀଦ୍ ଦିବସ ।



**ମେଷ:** ଯୋଜନାବଦ୍ଧ ଭାବରେ କାର୍ଯ୍ୟ ନିର୍ବାହ କରିପାରିବେ ନାହିଁ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଚଞ୍ଚକତାର ଶିକାର ହୋଇପାରନ୍ତି । ପାରିବାରିକ ସହଯୋଗ ଲାଭ କରିବେ । ଦେହ ଓ ମନ ଭଲ ରହିବ ।



**ବୃଷ:** ମନରେ ଶତ ସିଂହର ବଳ ଆସିବ । ସାହାଯ୍ୟ ସହଯୋଗ ପ୍ରାପ୍ତି ହେବା ସହିତ ବନ୍ଧୁ ପ୍ରୀତି ଲାଭର ସୂଚନା । ଆୟର ପଥ ପରିଷ୍କାର ହେବ । ଦ୍ରବ୍ୟ ଲାଭ ପରିବାରକୁ ଆନନ୍ଦ ଦେବ । ପାରିବାରିକ ସୁଖ ଲାଭ ।



**ମିଥୁନ:** ଅସହଯୋଗରୁ ବିରକ୍ତି ପ୍ରକାଶ ପାଇବ । ସାମୟିକ ବ୍ୟସ୍ତତା ଦେଖାଦେବ । ଭୋଗ ବିଳାସରେ ବିଘ୍ନ ଘଟିବ । କର୍ମକ୍ଷେତ୍ରରେ ପଥରୋଧର ଆଶଙ୍କା । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ଲାଭ ହେବ ।



**କର୍କଟ:** ମନରେ ଚଞ୍ଚଳତା ହେତୁ କୌଣସି କାମରେ ମନ ଲାଗିବ ନାହିଁ । ବିଚାର ବିମର୍ଷ ବା ସୁପରାମର୍ଶ କ୍ରମେ କାର୍ଯ୍ୟ ହାସଲ । ହଠାତ୍ ଭାଇ ବା କର୍ମଚାରୀ ସହ କଳହ ଆଶଙ୍କା । ଘରେ ଆନନ୍ଦ ଦେଖାଦେବାର ସୂଚନା ।



**ସିଂହ:** ସମସ୍ତ ସୁବିଧା ଥିଲେ ମଧ୍ୟ ଆକସ୍ମିକ ପରିସ୍ଥିତି କେତେକ ସମସ୍ୟା ସୃଷ୍ଟି କରାଇବ । ଆୟ ଓ ବ୍ୟୟ ସମାନ ରହିବ । ସାଧାରଣ କଥା ବୃହତ୍ ହେବ । ପରିବାରରୁ ସମର୍ଥନ ଲାଭ କରିବେ । ମନ ଅସ୍ଥିର ରହିବ ।



**କନ୍ୟା:** ଯାହା କଲେ ତାହା ଖୁସିରେ ହୋଇପାରିବ । ଅନ୍ୟର ଉପକାର କରି ଲୋକ ସମ୍ପର୍କ ବୃଦ୍ଧି କରିବେ । କିନ୍ତୁ ପାରିବାରିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ । ଆୟରେ ଉନ୍ନତି ହେବ । ମହିଳାମାନେ ଗର୍ବୀ ହେବେ ।



**ତୁଳା:** ମନରେ ଅଭିମାନ ଆସିବ । କର୍ମ ପଥରେ ବନ୍ଧନ ତଥା ପରାଧୀନତା ଅନୁଭବ କରିବେ । ଜଣେ ଆଗନ୍ତୁକଙ୍କ ପାଇଁ ଅଶାନ୍ତି ସୃଷ୍ଟିର ସମ୍ଭାବନା । ପରିବାରରେ ତୃପ୍ତି ଲାଭ । ବ୍ୟୟର ମାତ୍ରା ବଢ଼ିବ ।



**ବିଛା:** ମନରେ ଅସ୍ଥିରତା ଦେଖାଦେବ । ତଥାପି ବନ୍ଧୁ ସହଯୋଗରୁ କର୍ମପ୍ରାପ୍ତି ତଥା ସୁଖ ସନ୍ତୋଷ ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ କଳହ ଦେଖାଦେଇପାରେ । କଚେରି ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ ।



**ଧନୁ:** ଆପଣ ଯେତେ ଯାହା କରନ୍ତୁ ଅନ୍ୟମାନଙ୍କର ସମାଲୋଚନାର ଶିକାର ହେବେ । ତଥାପି କର୍ମପ୍ରାପ୍ତି ଆନନ୍ଦ ଦେବ । ଆୟ ପୂର୍ବ ପରି ସ୍ଥିର ରହିବ । ଘରେ ଗତିରୋଧର ସମ୍ମୁଖୀନ ହେବେ ।



**ମକର:** ବହୁ ପରିମାଣ ଅର୍ଥର ଆବଶ୍ୟକତା ଅନୁଭବ କରିବେ । କୌଣସି ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ବନ୍ଧୁ ସହଯୋଗ ମିଳିବ । ଆୟ ମଧ୍ୟମ ହେବ । ଘରେ ଶାନ୍ତି ଲାଭ । ମହିଳାମାନେ ସୁଖୀ ହେବେ।



**କୁମ୍ଭ:** ଅନ୍ୟମାନଙ୍କ କଥାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିଚାଲିବେ । କର୍ମ ପ୍ରାପ୍ତି ସହିତ ପ୍ରଶଂସା ପାଇବେ । ଆର୍ଥିକ ଦିଗଟି ବେଶ୍ ଉନ୍ନତିକର ହେବ । ପରିବାରରେ ଅସହଯୋଗ ଦେଖାଦେବ । ବନ୍ଧୁ ଦର୍ଶନର ସୁଯୋଗ ।



**ମୀନ:** କେତେକ ବାକି କାର୍ଯ୍ୟ ସମାଧାନ ସହିତ ପୁରୁଣା କାର୍ଯ୍ୟ ପ୍ରାପ୍ୟ ଆଦାୟ ମନରେ ଖୁସି ଆଣିବ । ଦୂରଯାତ୍ରା କରି ସୁଫଳ ପାଇପାରିବେ । ପରିବାରରୁ ସତ୍ ପରାମର୍ଶ ମିଳିବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୦।୦୬।୨୦୨୫, ଜ୍ୟେଷ୍ଠ ଦି୨୭ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୦୭।୨୫** **ଚନ୍ଦ୍ରୋଦୟ- ସଂଘ ୫/୪୬/୦୮**

**ଚତୁର୍ଦ୍ଦଶୀ-** ଦିଘ ୧୧/୩୬ ପର୍ଯ୍ୟନ୍ତ। **ଅନୁରାଧା ନକ୍ଷତ୍ର-** ସଂଘ ୬/୦୨ ପର୍ଯ୍ୟନ୍ତ। **ବିଛାଚନ୍ଦ୍ର-** ଅହୋରାତ୍ର। ଚନ୍ଦ୍ରଶୁଦ୍ଧି- ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ନାସ୍ତି। **ଶ୍ରାଦ୍ଧନିର୍ଣ୍ଣୟ-** ପୂର୍ଣ୍ଣିମାର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ଦିଘ ୧୧/୩୬ ପରେ ଆମିଷ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫/୧୧ ଗତେ ଘ ୬/୫୦ ମଧ୍ୟେ, ଦିଘ ୪/୪୩ ଗତେ ଘ ୫/୨୯ ମଧ୍ୟେ। **ପର୍ବୋତ୍ସବ-** ପୂର୍ଣ୍ଣିମା ବିହିତ ଚନ୍ଦ୍ରପୂଜା ଓ ଉପବାସ।

31 YEARS
ସମ୍ବାଦ କଳିକା

# ୨୦୩୦ ସୁଦ୍ଧା ଦାରିଦ୍ର୍ୟ ସଂଖ୍ୟା ରହିବ ୫୭.୪ କୋଟି

ସାରା ବିଶ୍ୱ ୧୯୭୦ ପରେ ସବୁଠୁ ଖରାପ ମାନ୍ଦାବସ୍ଥା ସମୟ ଦେଇ ଗତି କରୁଛି । ଏହାର ପ୍ରଭାବରେ ବର୍ଷ ଶେଷ ବେଳକୁ ଉତ୍କଟ ଦାରିଦ୍ର୍ୟ ମଧ୍ୟରେ ଜୀବନ ଅତିବାହିତ କରୁଥିବା ଲୋକଙ୍କ ସଂଖ୍ୟା ୬୮.୫ କୋଟିକୁ ବୃଦ୍ଧି ପାଇବ ବୋଲି ବିଶ୍ୱବ୍ୟାଙ୍କ ଆକଳନ କରିଛି । ଦାରିଦ୍ର୍ୟ ଦୂରୀକରଣ ଦିଗରେ ୨୦୨୨ ଏକ ବଡ ଧକ୍କା ସାବ୍ୟସ୍ତ ହେବାକୁ ଯାଉଛି । ୨୦୨୦କୁ ବାଦ ଦେଲେ ଗତ ଦୁଇ ଦଶନ୍ଧି ମଧ୍ୟରେ ଏଭଳି ଖରାପ ସମୟ ପୂର୍ବରୁ କେବେ ଦେଖିବାକୁ ମିଳିନଥିଲା ବୋଲି ବିଶ୍ୱବ୍ୟାଙ୍କ ଜଣାଇଛି ।

ବିଶ୍ୱବ୍ୟାଙ୍କ ଆକଳନ କରିଛି ଯେ ୨୦୩୦ ସୁଦ୍ଧା ଉତ୍କଟ ଦାରିଦ୍ର୍ୟ ମଧ୍ୟରେ ଥିବା ଲୋକଙ୍କ ସଂଖ୍ୟା ୫୭.୪ କୋଟି ରହିବ । କରୋନା ମହାମାରୀର ପ୍ରଭାବ ବ୍ୟତୀତ ଖାଦ୍ୟ ଓ ଶକ୍ତି ମୂଲ୍ୟରେ ଅହେତୁକ ବୃଦ୍ଧି, ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବଂ ଋଷ୍-ୟୁକ୍ରେନ ଯୁଦ୍ଧ ଯୋଗୁ ଅର୍ଥନୀତିରେ ଆଶାନୁରୂପ ସୁଧାର ହୋଇନି । ବର୍ଷକ ଭିତରେ ବିକାଶଶୀଳ ରାଷ୍ଟ୍ରରେ ଋଣ ସଙ୍କଟ ଉତ୍କଟ ହୋଇଛି । ବିଶ୍ୱର ୬୦ ପ୍ରତିଶତ ଗରିବ ରାଷ୍ଟ୍ର ଋଣ ସଙ୍କଟରେ ପଡିଛନ୍ତି ଅଥବା ପଡିବାକୁ ଯାଉଛନ୍ତି । ଋଣରେ ବୁଡ଼ି ରହିଥିବାରୁ ଗରିବ ଦେଶଗୁଡ଼ିକ ଅର୍ଥନୈତିକ ସଂସ୍କାର, ସ୍ୱାସ୍ଥ୍ୟ ସେବା, ଜଳବାୟୁ ପରିବର୍ତ୍ତନ ପ୍ରଭାବକୁ ରୋକିବା ଏବଂ ଶିକ୍ଷା ଆଦି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ନିବେଶ କରିପାରୁନାହାନ୍ତି । ୨୦୨୨ର ପ୍ରଥମ ଭାଗରେ ଶକ୍ତି ମୂଲ୍ୟରେ ହୋଇଥିବା ବୃଦ୍ଧି ଯୋଗୁ ୨୦୩୦ ସୁଦ୍ଧା ସମସ୍ତଙ୍କ ପାଖରେ ସୁଲଭ ମୂଲ୍ୟରେ ଶକ୍ତି ପହଞ୍ଚାଇବା ଲକ୍ଷ୍ୟ ହାସଲ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି । ବର୍ତ୍ତମାନ ସୁଦ୍ଧା ୭୩.୩ କୋଟି ଲୋକଙ୍କ ପାଖରେ ବିଦ୍ୟୁତ ପହଞ୍ଚିନି । ୨୦୩୦ ସୁଦ୍ଧା ୬୭ କୋଟି ଲୋକଙ୍କ ପାଖରେ ବିଦ୍ୟୁତ ପହଞ୍ଚିନଥିବ ବୋଲି ବିଶ୍ୱବ୍ୟାଙ୍କ ଆକଳନ କରିଛି ।

୨୦୦୦ ମସିହା ପରେ ଦାରିଦ୍ର୍ୟ ଦୂରୀକରଣରେ ମିଳିଥିବା ସଫଳତା ଦୂର ହୋଇଯିବ । ବିଶେଷ କରି ନିମ୍ନ ଓ ମଧ୍ୟମ ଆୟ ବର୍ଗ ରାଷ୍ଟ୍ରରେ ଏହି ଲାଭ ଅର୍ଥହୀନ ହୋଇପଡିବ । ନିମ୍ନ ଓ ମଧ୍ୟମ ଆୟ ବର୍ଗର ରାଷ୍ଟ୍ରରେ ପ୍ରତି ୧୦୦ ପିଲାଙ୍କ ମଧ୍ୟରୁ ୬୦ ଜଣ ଶିକ୍ଷାରୁ ବଞ୍ଚିତ ୧୦ ଜଣ ସ୍କୁଲ ଯିବାରୁ ବଞ୍ଚିତ ହୋଇଛନ୍ତି । ଯଦି ସେହି କ୍ଷତି ଭରଣା କରାନଯିବ ତେବେ ତାହାର ଦୀର୍ଘସ୍ଥାୟୀ ପ୍ରଭାବ ଦେଶର ଅର୍ଥନୀତି ଉପରେ ରହିବ । ଫଳରେ ଅସମାନତା ବୃଦ୍ଧି ପାଇବା ସହ ସାମାଜିକ ଅସ୍ଥିରତା ଦେଖାଦେବ ।



## ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ
## ଗୀତାମୃତ ଲହରୀ

ଚତୁର୍ଥ ଅଧ୍ୟାୟ
(କଳା କଳେବର କହ୍ନାଇ-ବୃତ୍ତେ)

ଜନ୍ମ ମୃତ୍ୟୁ ମୋର ନ ଥାଏ ତେଣୁ ଅଜନ୍ମା ମୁହିଁ
ଧର୍ମନାଶ ବେଳେ ସ୍ୱେଚ୍ଛାଏ କଳେବର ଧରଇ ।୧୦।

ପାପିଷ୍ଠ ଜନଙ୍କୁ ସଂହାରି ସାଧୁଙ୍କୁ କରି ରକ୍ଷା
ନଷ୍ଟ ଧର୍ମ କଷ୍ଟେ ଉଦ୍ଧାରି ଦିଅଇ ଲୋକଶିକ୍ଷା ।୧୧।

ଯେ ମୋତେ ଏ ଭାବେ ଜାଣଇ ପ୍ରାଣପଣେ ଭଜଇ
ଈଶ୍ୱରୀ ମାୟାକୁ ବୁଝିଣ ଅନାସକ୍ତେ ମଜ୍ଜଇ ।୧୨।

ଜ୍ଞାନରୂପୀ ଅଗ୍ନି ଜଳାଇ କାମସଙ୍କଳ୍ପ ସବୁ
କର୍ମଫଳ ସଙ୍ଗ ଛାଡିଣ ନିଶ୍ଚିନ୍ତେ ରହ ବାବୁ ।୧୩।

ଯାହା ଜଗତରେ ହେଉଛି ହେବ, ସବୁ ମୋ ମାୟା
ତଥାପି ନିର୍ଲିପ୍ତ ତହିଁରେ ମୋତେ ନ ଲାଗେ ଏହା ।୧୪।

ସଙ୍କଳ୍ପ ସମୂହ ଏଡ଼ିଣ ଯଜ୍ଞ କରମ କର
ସେବା ଶୁଦ୍ଧି, ସବୁ ମୂଳରେ ଇନ୍ଦ୍ରିଦମନ ସାର ।୧୫।

ଦାନ ଧ୍ୟାନ ପ୍ରାଣାୟାମାଦି ଯଜ୍ଞ ଯେତେ ପ୍ରକାର
ଗୁରୁବିନେ ଏହା ସାଧିବା ହେବ ଅହିତକର ।୧୬।

ଜ୍ଞାନ ଯଜ୍ଞ ଆଶ୍ରେ କରିଣ ମୁକ୍ତି ପାଆନ୍ତି ପାପୀ
ଶ୍ରଦ୍ଧାରେ ସୁହୃଦେ ଶରଣ ସଦା ହୁଅନ୍ତି ତପୀ ।୧୭।

(କ୍ରମଶଃ)

# ଗଜାନନ ବେଶରେ କାଳିଆ ରାଜା



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଶ୍ରୀଜଗନ୍ନାଥ; ଓଡ଼ିଆର କାଳିଆ ରାଜା, କାଳିଆ ଦିଅଁ, କଳାଠାକୁର; ଯଶୋମତୀ ମା' ଦ୍ୱାପରରେ ଡାକୁଥିଲେ କଳାମାଣିକ, କଳିରେ କିଏ ତାଙ୍କୁ ଡାକେ ଗୁଣ୍ଡୁଣୀହାତୀ; ଏମିତି ଶ୍ରୀଜଗନ୍ନାଥଙ୍କ ସହସ୍ର ନାମ; ପୁନଶ୍ଚ ତାଙ୍କ ଲୀଳାଖେଳାକୁ ନେଇ ତାଙ୍କ ନାମକରଣ, ସେ ହିଁ ଇଚ୍ଛାମୟ; ତାଙ୍କରି ଇଚ୍ଛାରେ ଚାଲିଛି ସାରା ବିଶ୍ୱ; କେତେବେଳେ କେଉଁ ରୂପରେ ବା ସିଏ ଦେଖାଦିଅନ୍ତି; କିଏ ବା କଳିପାରିବ କାଳିଆ ମହିମାକୁ ? ସେ ସ୍ୱୟଂ ପରମବ୍ରହ୍ମ, ଆଦି, ଅନାଦି, ସାକାର, ନିରାକାର, ଶୂନ୍ୟ, ଶୂନ୍ୟ ମହାଶୂନ୍ୟ; କଳିରେ ସେ ଦାରୁଦେବତା, ବଡ଼ଭାଇ ବଳଭଦ୍ର, ଭଗିନୀ ସୁଭଦ୍ରା, ଅସ୍ତ୍ର ସୁଦର୍ଶନ ସହ ଚତୁର୍ଦ୍ଧା ମୂର୍ତ୍ତି ବିଜେ ନୀଳ ପର୍ବତରେ; ତାଙ୍କରି ମନ୍ଦିର ଶ୍ରୀମନ୍ଦିର, କ୍ଷେତ୍ର ଶ୍ରୀକ୍ଷେତ୍ର । ଶ୍ରୀମନ୍ଦିର ଗର୍ଭଗୃହରେ ରତ୍ନବେଦୀ; ଦିଅଁମାନଙ୍କର ବିଜେସ୍ଥଳୀ । ଗଜପତି ମହାରାଜା, ପୂଜାପଣ୍ଡା, ଦଇତାପତି, ରାଜଗୁରୁ, ପରିଛା, ପାଟଯୋଶୀ ମହାପାତ୍ର, ଭିତରଚ୍ଛ ମହାପାତ୍ର, ତଳିଛ, ମୁଦିରଥ, ଦେଉଳ ପୁରୋହିତ, ବଡ଼ପଣ୍ଡା, ପୁଷ୍ପାଳକ, ମହାଜନ, ମୁଦ୍ରାସେବକ, ଖୁଣ୍ଟିଆ, ଭଣ୍ଡାର ମେକାପ, ପାଳିଆ ମେକାପ, ପ୍ରତିହାରୀ, ପତି ମହାପାତ୍ର, ପତ୍ରିବଡୁ, ଗରାବଡୁ, ସୁଆରବଡୁ ଆଦି ଅନେକ ଶ୍ରୀ ଜଗନ୍ନାଥଙ୍କ ସେବକ, ଏମିତି ୧୧୯ ପ୍ରକାର ସେବାର ବ୍ୟବସ୍ଥା ଜଗା ପାଇଁ, ତତ୍‌ସହିତ ବାର ଓଷା ତେରପର୍ବ, ଯାନିଯାତ୍ରା, ଦିଅଁମାନଙ୍କର ବିଭିନ୍ନ ବେଶ, ଦୈନନ୍ଦିନ ନୀତି; ଦ୍ୱାରଫିଟା, ମଇଲମ, ଅବକାଶ, ବେଶଲାଗି, ରୋଷହୋମ, ସୂର୍ଯ୍ୟପୂଜା, ସକାଳ ଧୂପ, ମଧ୍ୟାହ୍ନ ଧୂପ, ମଧ୍ୟାହ୍ନ ପହୁଡ଼, ସନ୍ଧ୍ୟା ଆଳତି, ସନ୍ଧ୍ୟା ଧୂପ, ମଇଲମ, ଚନ୍ଦନଲାଗି, ବଡ଼ସିଂହାର ବେଶ, ବଡ଼ସିଂହାର ଭୋଗ, ଖଟଶେଯ ଲାଗି, ରାତ୍ର ପହୁଡ଼ ନୀତି ସହିତ ଆଉ କେତେକ ବିଶେଷ ନୀତି ରହିଛି, ଏଥି ସହିତ ଦିଅଁମାନଙ୍କୁ ବିଭିନ୍ନ ପ୍ରକାର ବେଶ ଲାଗି କରାଯାଏ; ତନ୍ମଧ୍ୟରୁ ସ୍ନାନଯାତ୍ରାରେ କାଳିଆର ହାତୀବେଶ ବେଶ୍ ପ୍ରସିଦ୍ଧ; ଏହାକୁ ଗଜାନନ ବେଶ ମଧ୍ୟ କୁହାଯାଏ ।

କାଳିଆ ରସିକ ରାଜା; କେତେବେଳେ ବିଳାସୀ, ଦେହରେ ମହଣ ମହଣ ସ୍ୱର୍ଣ୍ଣ ଅଳଙ୍କାର, ରାଜାଧିରାଜ ବେଶ; ପୁନଶ୍ଚ ମନୁଆର ହାତୀ ବେଶ, ଏମିତି ବର୍ଷ ତମାମ ମୁଖ୍ୟତଃ ଆକର୍ଷଣୀୟ ୨୨ଟି ବେଶରେ ଦିଅଁମାନେ ଦର୍ଶନ ଦିଅନ୍ତି । କେବଳ ବିଶେଷ ତିଥି ନକ୍ଷତ୍ରରେ 'ରଘୁନାଥ', ନାଗାର୍ଜୁନ ବେଶ ମଧ୍ୟ ହୋଇଥାଏ । ଦେବସ୍ନାନ ପୂର୍ଣ୍ଣମୀରେ ଶ୍ରୀଜୀଉମାନଙ୍କର ଗଜାନନ ବେଶ ହେବା ସହିତ ଏହାର ଆଉ ଏକ ଗୁରୁତ୍ୱ ରହିଛି । ଏହିଦିନଠାରୁ ଜଗାର ଆଉ ରତ୍ନବେଦୀର ମୋହନାହିଁ, ସ୍ନାନ ପରେ ରହିବେ ଅଣସର ପିଣ୍ଡିରେ, ତା' ପରେ ହେବ ଶ୍ରୀଘୋଷଯାତ୍ରା; ମାଉସୀ ମା' ଘରେ ରହଣି; ପୁନଶ୍ଚ ନିଳାଦ୍ରୀ ବିଜେ ଆଷାଢ଼ ଶୁକ୍ଳ ତ୍ରୟୋଦଶୀରେ । ତାଙ୍କ ଲୀଳାର ଏତ ଏକ ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା; ରଥ ଉପରେ ତାଙ୍କୁ ଦର୍ଶନ କଲେ କୋଟି ପୁଣ୍ୟ ମିଳେ, ପୁନର୍ଜନ୍ମ ଆଉ ନାହିଁ; ଏମିତି ଦୟାଳୁ କାହିଁ ନାହାନ୍ତି ଜଗତରେ !

ପବିତ୍ର ଜ୍ୟେଷ୍ଠ ପୂର୍ଣ୍ଣିମା, ଦେବସ୍ନାନ ପୂର୍ଣ୍ଣିମା ଭାବେ ବିଦିତ । ଶ୍ରୀ ଜଗନ୍ନାଥଙ୍କର ସ୍ନାନଯାତ୍ରା । ବଇଶାଖର ତାତିରୁ ନିସ୍ତାର ପାଇଁ ଚନ୍ଦନ ବେଶ ଲାଗି ହେଲେ ଦିଅଁମାନେ ଅକ୍ଷୟ ତୃତୀୟାରେ; ଏବେ ନିଦାଘ ଜ୍ୟେଷ୍ଠ; କାଳିଆ ମନଭରି ସ୍ନାନ କରିବ, ଆନନ୍ଦବଜାର ସ୍ଥିତ ସ୍ନାନବେଦୀରେ । ତା' ପରେ ଦର୍ଶନ ଦେବେ କାଳିଆ ହାତୀ ବେଶରେ; ସତରେ ଏ ତ' ତାର ଅଦ୍ଭୁତ ମହିମା !

ଶ୍ରୀ ଜଗନ୍ନାଥ ମନ୍ଦିରରେ ବହୁଯାତ୍ରା, ପର୍ବ ପର୍ବାଣି ପାଳିତ ହୁଏ; ମାତ୍ର ଦ୍ୱାଦଶ ଯାତ୍ରା ଅତୀବ ଗୁରୁତ୍ୱପୂର୍ଣ୍ଣ । ସ୍ନାନଯାତ୍ରା, ରଥଯାତ୍ରା, ଶୟନ, ଦକ୍ଷିଣାୟନ, ପାର୍ଶ୍ୱ ପରିବର୍ତ୍ତନ, ଉତ୍‌ଥାନ, ପ୍ରାବରଣ, ଷଷ୍ଠୀ, ପୁଷ୍ୟପୂଜା, ଉତ୍ତରାୟଣ, ଦୋଳ, ମଦନ ଚତୁର୍ଦ୍ଦଶୀ, ଅକ୍ଷୟ ତୃତୀୟା - ଏମିତି ଦ୍ୱାଦଶ ଯାତ୍ରା । ଏଣୁ କଥିତ ଅଛି, "ମଞ୍ଚ ସ୍ନାନଂ ରଥ ବରଗତିଃ ଶାୟନଂ ଚୟନେ ଦେବ / ପାର୍ଶ୍ୱ କୁତ୍ତିଃ ଶୟନ ନିବୃତ୍ତିଃ ପ୍ରାବୃତ୍ତୈଃ ପୁଷ୍ୟପୂଜା / ଦୋଳଯାତ୍ରା ଦମନକମହୋତ୍ସାକ୍ଷପୂଜା ତୃତୀୟା / ଚୈତ୍ରଂ ଯାତ୍ରା ବିଧି ନିଗଦିତା ଦ୍ୱାଦଶୈତା ନରେନ୍ଦ୍ର ।" ଅକ୍ଷୟ ତୃତୀୟାର ଚନ୍ଦନ ଯାତ୍ରା ବୈଶାଖରେ; ଜ୍ୟେଷ୍ଠରେ ସ୍ନାନଯାତ୍ରା; ବର୍ଷ ସାରା ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ଯାତ୍ରା ଅନୁଷ୍ଠିତ ହୋଇଆସୁଛି ।

ଜ୍ୟେଷ୍ଠ ପୂର୍ଣ୍ଣିମା ପବିତ୍ର ସକାଳ, ଶ୍ରୀଜୀଉମାନଙ୍କର ନୀତି ପରେ ଆରମ୍ଭ ହୁଏ ପହଣ୍ଡି ବିଜେ ରତ୍ନବେଦୀରୁ ସ୍ନାନବେଦୀ ଯାଏ; ଆସନ୍ତି ଠାକୁରମାନେ ଧାଡ଼ି ପହଣ୍ଡିରେ; ଗୋଟିକ ପରେ ଗୋଟିଏ, ଚତୁର୍ଦ୍ଧା ମୂର୍ତ୍ତି । ଶ୍ରୀଜଗନ୍ନାଥଙ୍କ କେତେକ ଯାତ୍ରା, ପର୍ବପର୍ବାଣିରେ ଦିଅଁମାନଙ୍କର ବିଜେ ପ୍ରତିମା, ଏପରିକି ସୁଦର୍ଶନ ମଧ୍ୟ ବିଜେ କରୁଥିବା ସ୍ଥଳେ, ସ୍ନାନଯାତ୍ରା, ଶ୍ରୀଘୋଷ ଯାତ୍ରାରେ ସ୍ୱୟଂ ଚତୁର୍ଦ୍ଧା ମୂର୍ତ୍ତି ବିଜେ କରନ୍ତି । ଏହି କଥାର ସୂଚନା ଦେଇଛନ୍ତି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ କାବ୍ୟରେ, "ସ୍ନାନ ଗୁଣ୍ଡିଚ୍ଚ ଏ ବେନି ସ୍ୱୟଂ ଲୀଳା ଯାର/ ପତିତ ପାବନ ଅର୍ଥେ ପ୍ରାସାଦୁଁ ବାହାର ।" ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ସ୍ନାନ ଯାତ୍ରାଠାରୁ ଶ୍ରୀଜୀଉମାନଙ୍କ ନିଳାଦ୍ରୀବିଜେ ପର୍ଯ୍ୟନ୍ତ ଦଇତାପତି ସେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଜ୍ୟେଷ୍ଠ ଶୁକ୍ଳ ତ୍ରୟୋଦଶୀ, ବଡ଼ ସିଂହାର ବେଶ, ପହୁଡ଼ ଆଳତି ଶେଷ, ଏଣିକି ସେବା ଦଇତାପତିଙ୍କର । ସେମାନେ ଗର୍ଭଗୃହକୁ ପ୍ରବେଶ କରି ବାହୁଟ କଣ୍ଠି କରନ୍ତି, ତତ୍ ପରେ କୋଠ ସୁଆଁସିଆମାନେ ଚରମାଳ ବାନ୍ଧନ୍ତି, ଚତୁର୍ଦ୍ଦଶୀ ଦିନ ଦଇତାପତିମାନେ ସେନାପଟା ଲାଗି କରନ୍ତି, ଏଦିନ ପହୁଡ଼ ଆଳତି ପରେ ମଦନ ମୋହନ, ଲକ୍ଷ୍ମୀ ଦକ୍ଷିଣୀ ଘର, ଭୂଦେବୀ, ମାଧବ ଖଟଶେଯ ଘରକୁ ବିଜେ କରନ୍ତି ।

ଜ୍ୟେଷ୍ଠ ପୂର୍ଣ୍ଣିମାରେ ସ୍ୱତନ୍ତ୍ର ବିଧି ରହିଛି, ପ୍ରଭାତରୁ ପୂଜାପଣ୍ଡା, ମୁଦିରଥ, ପତି ମହାପାତ୍ର, ତିନିବାଡ଼ (ବଳଭଦ୍ର, ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କ)ରେ ମଙ୍ଗଳାପଣ କରନ୍ତି । ତତ୍‌ପରେ ଶ୍ରୀଜୀଉମାନଙ୍କୁ ଡୋରଲାଗି କରାଯାଏ, ଏଣିକି ସେଇ ବହୁ ପ୍ରତିକ୍ଷିତ ମୁହୂର୍ତ୍ତ ସମୁପଗତ; ବାଜେ ଘଣ୍ଟ, ଘଣ୍ଟା, କାହାଳୀ; ଉଚ୍ଛୁଳି ପଡ଼େ ଶ୍ରୀମନ୍ଦିର, ଆଳଟ, ଚାମର, ଛତ୍ର ଧରିଛନ୍ତି ସେବାୟତମାନେ, ଆରମ୍ଭ ହୁଏ ଧାଡ଼ିପହଣ୍ଡି, ପ୍ରଥମେ ସୁଦର୍ଶନ, ତା' ପରେ ବଳଭଦ୍ର, ମାତା ସୁଭଦ୍ରା; ଶେଷରେ ଶ୍ରୀଜଗନ୍ନାଥଙ୍କ ପହଣ୍ଡି, ସାତ ଚଉରାଠାରେ ଠାକୁରମାନଙ୍କୁ ଟାହିଆ, ଚୂଳଲାଗି କରଯାଇଥାଏ । ପରମ୍ପରା କ୍ରମେ ଏହାକୁ ରାଘବମଠ ଯୋଗାଇଥାଏ; ଏବେ ଶ୍ରୀଜୀଉମାନେ ବିଜେ ସ୍ନାନବେଦୀରେ । ଆରମ୍ଭ ହୁଏ ଦିଅଁଙ୍କ ସ୍ନାନ ।

ସୁନା ଗୋସେଇଁ, ମୁଦିରସ୍ତ; ଏମାନେ ସୁନାକୂଅ (ଶୀତଳାଙ୍କ କୂଅ) ରୁ ୧୦୮ ଗରା ଜଳ ଆଣି ଅଧିବାସ ଘରେ ରଖନ୍ତି । ଏଥିରୁ ୩୫ କୁମ୍ଭ, ୩୩, ୨୨, ୧୮ କୁମ୍ଭ ଯଥାକ୍ରମେ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନଙ୍କ ସ୍ନାନ ପାଇଁ ଉଦ୍ଦିଷ୍ଟ । ଏହି ୧୦୮ କୁମ୍ଭ ଉପରେ ଗରାବଡୁ ସେବକମାନେ ପ୍ରତିଟିରେ ଖଣ୍ଡେ କରିଆ, ଗୋଟେ ନାରିକେଳ ରଖିବା ପରେ ହୁଏ ଜଳ ଅଧିବାସ । ତତ୍‌ପରେ ଦିଅଁଙ୍କ ନୀତି, ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି; ତତ୍‌ପରେ ଧୋପଖୋଳାଦି କର୍ମ ଶେଷ ହୁଏ । ଏଣିକି ଶ୍ରୀଜୀଉମାନଙ୍କର ସ୍ନାନପର୍ବ । ଅଗରେ ତଳିଛ, ପ୍ରଧାନୀ ସେବକମାନେ ହାତ ପଇଠରେ ଚାଲନ୍ତି, ଗରାବଡୁ ସେବକମାନଙ୍କ ମୁହଁରେ ମୁହଁବନ୍ଧା, ହାତରେ ସକଳ ତୀର୍ଥ ଜଳପୂର୍ଣ୍ଣ କୁମ୍ଭ । ଘଣ୍ଟ କାହାଳୀ ବାଜିଉଠେ; ଚାରିବାଡ଼ରେ ଜଳଛେକ ସଜ୍ଜିତ ହୋଇ ରହେ; ପୂଜାପଣ୍ଡାଙ୍କ ଷୋଡ଼ଶ ଉପଚାରେ ପୂଜା ଶେଷ ହୁଏ । ତତ୍‌ପରେ ଗରାବଡୁମାନେ ତିନିଜଣ ମେକାପ ଧରିଥିବା ରୂପା ପିଙ୍ଗଣରେ ଜଳ ଢାଳନ୍ତି, ପୂଜାପଣ୍ଡାମାନେ ଏହି ଜଳରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସ୍ନାନ କରାନ୍ତି; ଗଜପତି ମହାରାଜା ଅବା ମୁଦିରସ୍ତ ସ୍ନାନବେଦୀରେ ଛେରା ପହଁରା କରନ୍ତି । ତା' ପରେ ଆରମ୍ଭ ହୁଏ ହାତୀବେଶ ।

ପୁଷ୍ପାଳକ, ଦଇତାପତି ସେବକମାନେ ଶ୍ରୀଜୀଉଙ୍କୁ ହାତୀବେଶ (ଗଜାନନ, ଗଣପତି ବେଶ) କରନ୍ତି । ଗୋପାଳତୀର୍ଥ ମଠରୁ ଆସିଥାଏ ବଡ଼ବାଡ଼ (ବଳଭଦ୍ର ବାଡ଼), ସୁଦର୍ଶନଙ୍କର ସାଜସରଞ୍ଜାମ, ସେହିପରି ରାଘବଦାସଙ୍କ ମଠରୁ ଆସେ ଅନ୍ୟ ଦୁଇବାଡ଼ (ଶ୍ରୀଜଗନ୍ନାଥ, ସୁଭଦ୍ରାଙ୍କ)ଙ୍କ ପାଇଁ ପାଇଁ ସାଜ-ଉପକରଣ । ଭିତରଛ, ତଳିଛ, ପୁଷ୍ପାଳକ, ଖୁଣ୍ଟିଆ, ଦଇତାପତିମାନେ ଶ୍ରୀ ଜଗନ୍ନାଥଙ୍କୁ କଳାହାତୀ, ବଳଭଦ୍ରଙ୍କୁ ଧବଳହାତୀ ସାଜ ଲାଗି କରନ୍ତି । ଗଜାନନ ବେଶ ଉପକରଣଗୁଡ଼ିକ ମୁଖ୍ୟତଃ ସୋଲ, ଜରି, କଦଳୀପଟରେ ତିଆରି, ଏଥିରେ ତରାସ, ଚୂଳ, କରପଲ୍ଲବ ସଂଯୁକ୍ତ କରାଯାଏ । ବେଶ ଶେଷରେ ଦିଅଁମାନଙ୍କୁ କର୍ପୂର ଲାଗି କରାଯାଏ, ତା'ପରେ ସ୍ନାନବେଦୀରେ ଧୋପଖୋଳା ହୁଏ । ତତ୍‌ପରେ ଶ୍ରୀଜୀଉମାନଙ୍କ ଭୋଗଲାଗି କରାଯାଏ; ଏ ନୀତି ସମାପନ ପରେ 'ସାହାଣ ମେଳା' । ଉତ୍କଣ୍ଠିତ ଭକ୍ତଟି ମନ ପୂରେଇ ଦେଖେ ମନୁଆ କାଳିଆକୁ କଳାହାତୀ ବେଶରେ । ଚକ୍ଷୁ ପବିତ୍ର ହୋଇଯାଏ; ଅଶେଷ ପାତକକ୍ଷୟ ହୁଏ; ପୁଣ୍ୟ ମିଳେ ।

ଭକ୍ତଜନଙ୍କ 'ହାତୀବେଶ' ସନ୍ଦର୍ଶନ ପରେ ହୁଏ ହାତୀବେଶ ମଇଲମ (ବେଶ, ଅଳଙ୍କାର ଆଦି ବଡ଼ାଯିବା ବା ଉଲାଗି ହେବା) । ତିନିବାଡ଼ରେ ପୁଷ୍ପାଞ୍ଜଳି ପରେ ହୁଏ ଡୋର ଲାଗି, ବାଜେ ଭେରୀ, ତୁରି, ଘଣ୍ଟକାହାଳୀ, ଦିଅଁମାନଙ୍କର ଚାଲେ ଗୋଟି ପହଣ୍ଡି, ଏଣିକି ରତ୍ନବେଦୀ ନୁହେଁ, ଚତୁର୍ଦ୍ଧା ମୂର୍ତ୍ତିଙ୍କ ରହଣି ଅଣସର ପିଣ୍ଡିରେ । ପୁନଶ୍ଚ ଅପେକ୍ଷା ଭକ୍ତଟିର ନବଯୌବନ ଦର୍ଶନ ଯାଏ । ସାଧାରଣତଃ ଜ୍ୟେଷ୍ଠ ଅମାବାସ୍ୟାର ପ୍ରାତଃ ସମୟକୁ 'ସାହାଣ ମେଳା' ହୋଇଥାଏ ।

ମହାପ୍ରଭୁଙ୍କ ଗଜାନନ ବେଶ ଓଡ଼ିଶାର ଶେଷ ଗଙ୍ଗବଂଶୀ ରାଜା ଭାନୁଦେବଙ୍କ ରାଜତ୍ୱକାଳ (ଖ୍ରୀ ୧୪୧୪-୧୪୩୫)ରେ ଆରମ୍ଭ ହୋଇଥିବା ଅନେକତ୍ର ପ୍ରକାଶ ପାଇଛି । ଏ ସମ୍ପର୍କରେ ମଧ୍ୟ କିମ୍ବଦନ୍ତୀଟିଏ ରହିଛି । ପଞ୍ଚଦଶ ଶତାବ୍ଦୀରେ ମହାଗାଣପତ୍ୟ ସମ୍ପ୍ରଦାୟର ଶ୍ରୀ ଗଣପତି ଭଟ୍ଟ ନାମକ ଜଣେ ବିଶିଷ୍ଟ ପଣ୍ଡିତ ଶ୍ରୀଜୀଉମାନଙ୍କୁ ସ୍ନାନ ମଣ୍ଡପରେ ଦର୍ଶନ କରିଥିଲେ; ମାତ୍ର ତାଙ୍କୁ ମିଳିନଥିଲା ଇପ୍‌ସିତ ତୃପ୍ତି ଟିକକ । ନିରାଶ ହୋଇ ଫେରୁଥିଲେ ଗଣପତି ଭଟ୍ଟ, ମୁକ୍ତେଶ୍ୱର ଠାରେ ଶୂନ୍ୟବାଣୀ ହେଲା । ତାଙ୍କ ଇଷ୍ଟଦେବତା ଗଣପତି ସଦୃଶ ଶ୍ରୀଜଗନ୍ନାଥ, ବଳଭଦ୍ର ସ୍ନାନବେଦୀରେ ଶୋଭା ପାଉଛନ୍ତି । ଆକୁଳ ହୋଇ ଫେରିଆସିଲେ ଗଣପତି; ବାସ୍ତବରେ ଦେଖିଲେ ମହାପ୍ରଭୁଙ୍କୁ ଗଜାନନ ରୂପରେ; ସାଷ୍ଟାଙ୍ଗ ପ୍ରଣିପାତ ପୂର୍ବକ ତାଙ୍କୁ ପୂଜାର୍ଚ୍ଚନା କଲେ । ଗଣପତି ଭଟ୍ଟଙ୍କ ଶ୍ରୀଜଗନ୍ନାଥଙ୍କ ଗଜାନନ ବେଶ ଦର୍ଶନର ସ୍ମାରକୀ ସ୍ୱରୂପ ପ୍ରତିବର୍ଷ ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରୀଜୀଉମାନଙ୍କ 'ହାତୀବେଶ' ଅନୁଷ୍ଠିତ ହୋଇ ଆସୁଛି - ଏହା ହିଁ କିମ୍ବଦନ୍ତୀର କଥାବସ୍ତୁ ।

ଓଡ଼ିଶାର ଗେହ୍ଲାପୁଅ 'କାଳିଆ' । ସାଧାରଣ ଓଡ଼ିଆଟି ପରି ତା'ର ଚଳିଚଳଣି, ରୀତି, ନୀତି । ବିଚିତ୍ର ତା'ର ବିଭୂତି, ଅନୁରୂପ ଭାବେ ତା'ର ବେଶ ପୋଷାକ, ବୈଶାଖରେ ଚନ୍ଦନ ବେଶ, ଜ୍ୟେଷ୍ଠ-ହାତୀବେଶ, ଆଷାଢ଼-ନବଯୌବନ ବେଶ, ସୁନାବେଶ, ଶ୍ରାବଣ-ଚିତାଲାଗି ବେଶ, ଭାଦ୍ରବ - ବଣଭୋଜି, କାଳୀୟ ଦଳନ, ପ୍ରଳମ୍ବାସୁର ବଧ, ରାମ ବଳରାମ ବେଶ, ଅଶ୍ୱିନ-ସୁନାବେଶ, ରାଧା ଦାମୋଦର ବେଶ, କାର୍ତ୍ତିକ-ହରିହର ବେଶ, ଲକ୍ଷ୍ମୀନାରାୟଣ, ତ୍ରିବିକ୍ରମ, ବାଙ୍କଚୂଡ଼ ବେଶ, ମାର୍ଗଶିର-ଶ୍ରାଦ୍ଧବେଶ, ଘୋଡ଼ାଲାଗି ବେଶ, ପୌଷ- ସୁନାବେଶ, ପଦ୍ମବେଶ, ଗଜଉଦ୍ଧାରଣ ବେଶ, ଫାଲଗୁନ-ଚାଚେରୀ, ସୁନାବେଶ, ଚୈତ୍ରରେ ରଘୁନାଥ ବେଶ, ଆଜି ସ୍ନାନପୂର୍ଣ୍ଣିମାରେ କାଳିଆ ରାଜା ହାତୀବେଶରେ ।

ସଖୀଟିଏ ତାଙ୍କୁ ଦେଖି ଆରେକକୁ କହୁଛି, "ସଖୀ, ଏଇ ପରା ସେଇ କାଳିଆ । କେଳି କଦମ୍ବମୂଳିଆ, କେକିପୁଚ୍ଛ ଚାରୁଚୁଳିଆ, କାଳିନ୍ଦୀକୂଳ ତ୍ରିଭଙ୍ଗିଆ ।" ଆଉ ଭକ୍ତଟିଏ ବିହ୍ୱଳରେ ଗାଉଛି,

"କଦାଚିତ୍ କାଳିନ୍ଦୀ ତଟ ବିପିନ ସଙ୍ଗୀତ କରବୋ
ମୁଦାଭୀରୀ ନାରୀ ବଦନ କମଳ ସ୍ୱାଦ - ମଧୁପବଃ
ରମାଶମ୍ଭୁ ବ୍ରହ୍ମା ସୁରପତି ଗଣେଶାର୍ଚ୍ଚିତ ପଦୋ
ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁମେ ।"

ଜଗନ୍ନାଥଅଷ୍ଟକମ୍, ହରିବୋଲ, ହୁଳହୁଳି, ଶଙ୍ଖନାଦରେ ପ୍ରକମ୍ପିତ ସ୍ନାନବେଦୀ, ନତମସ୍ତକ ହୋଇ ଓଡ଼ିଆ ଜାତି ଆଶିଷ ଭିକ୍ଷା କରୁଛି 'ଗୁଣ୍ଡୁଣୀ ହାତୀ'ଙ୍କ ନିକଟରେ । ଧନ୍ୟ ଏ ଠାକୁର ଦେଶ ! ଯାହାର ମହାରାଜା ଗଜପତି, ତା'ର ପ୍ରାଣଦେବତା ଶ୍ରୀଜଗନ୍ନାଥ ସାରା ବିଶ୍ୱ ଆଗରେ ଆଜି ହାତୀ ବେଶରେ; ଏଇତ ସେଇ ଲୀଳାମୟଙ୍କ ଇଚ୍ଛା !

ହାତୀ ବିଭବ, ପ୍ରାଚୁର୍ଯ୍ୟର ପ୍ରତୀକ । ଶ୍ରୀଜଗନ୍ନାଥଙ୍କ ହାତୀ ବେଶ ପ୍ରତିପାଦିତ କରିଦେଉଛି; ଓଡ଼ିଶା ଐଶ୍ୱର୍ଯ୍ୟଶାଳୀ, ବିଭବମୟୀ, ସାରା ସଂସାରେ ସାର; ଆମ ଓଡ଼ିଶା ଭୂଇଁ । ସବୁ ସେଇ କାଳିଆ ରାଜାର କରୁଣା !



ଗଜାନନ (ହାତୀ) ବେଶ

# ଜ୍ଞାନ, ବିଜ୍ଞାନ, ଆତ୍ମଜ୍ଞାନ



ମନୋରଞ୍ଜନ ମହାନ୍ତି
ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ବହି ପଢ଼ି ଯେଉଁ ସୂଚନା ସଂଗ୍ରହ କରାଯାଏ, ତାହା 'ଜ୍ଞାନ' । ପରୀକ୍ଷାଲବ୍ଧ ପ୍ରଣାଳୀବଦ୍ଧ ବ୍ୟାପକ ଜ୍ଞାନ ହେଉଛି 'ବିଜ୍ଞାନ' । ନିଜ ଭିତରେ ଯେଉଁ ଅନନ୍ତ ଶକ୍ତି, ଅସୀମ ସମ୍ଭାବନା ରୂପରେ ଐଶ୍ୱରିକ ଐଶ୍ୱର୍ଯ୍ୟ ଭରି ରହିଛି ତାକୁ ଉପଲବ୍ଧି କରି ଉପଯୋଗ କରିବା ଅର୍ଥାତ୍ ନିଜେ ବ୍ରହ୍ମାନୁଭବରେ ପ୍ରତିଷ୍ଠିତ ହୋଇ ସର୍ବତ୍ର ବ୍ରହ୍ମଦର୍ଶନ କରିବା ହେଉଛି 'ଆତ୍ମଜ୍ଞାନ' । ଜଣେ ଜ୍ଞାନୀ ସରଳ ହେଇପାରେ, ଜଟିଳ ବି ହେଇପାରେ ; ବିନୟୀ ହେଇପାରେ, ଅହଂକାରୀ ବି ହେଇପାରେ । କିନ୍ତୁ ଜଣେ ଆତ୍ମଜ୍ଞାନୀ ସ୍ୱାଭାବିକ ଭାବରେ ସରଳ ଓ ବିନୟୀ । ଐତିହାସିକ ଆବୁଲ୍‌ଫଜଲ୍ କାଶ୍ମୀର ଉପତ୍ୟକାରେ ସାକ୍ଷାତ କରିଛନ୍ତି ସୁଫି ସନ୍ଥ ୱାହିଦ୍‌ଙ୍କୁ, ଯାହାଙ୍କ ସମ୍ପର୍କରେ ସେ ଲେଖିଛନ୍ତି :- 'ସୁଫି ୱାହିଦ୍ ତିରିଶ ବର୍ଷ ଧରି ଗୋଟେ ପୁରୁଣା ଚଟ ବା ଆସନକୁ ବ୍ୟବହାର କରୁଛନ୍ତି, ଖୁସି ବି ଅଛନ୍ତି, ସୁଖଦୁଃଖରୁ ଅଲଗା ରହୁଛନ୍ତି । କାହାରିଠାରୁ ଟୁକୁଡ଼ା ରୁଟି ବ୍ୟତୀତ ଅନ୍ୟ କିଛି ଗ୍ରହଣ କରୁନାହାନ୍ତି । ତାଙ୍କ ମିତାଚାର, ମିତାହାର, ସ୍ଥିତପ୍ରଜ୍ଞ ସ୍ୱଭାବକୁ ଦେଖିଲେ ବୋଧ ହେଉଛି ସେ ଜଣେ ଆତ୍ମଜ୍ଞାନୀ' ମୋଗଲ ସମ୍ରାଟ ଜାହାଙ୍ଗୀର ନିଜର ଆତ୍ମଚରିତରେ ଲେଖିଛନ୍ତି, 'ସୁଫିମାନେ ସରଳ ଓ ଛଳନାଶୂନ୍ୟ, କାହାକୁ ଗାଳିଦିଅନ୍ତି ନାହିଁ, କାହା ପ୍ରତି ଦୁର୍ବ୍ୟବହାର କରନ୍ତି ନାହିଁ, ଇଚ୍ଛାର ଜିଭରେ ଲଗାମ ଲଗାନ୍ତି, ଖୋଜିବାର ପାଦକୁ ରୋକନ୍ତି, ଫଳ ଧାରଣ କରୁଥିବା ଗଛର ଚାରା ରୋପଣ କରନ୍ତି, ଯେପରି ଅନ୍ୟମାନେ ସେଥିରୁ ଉପକାର ପାଇବେ । ସେମାନଙ୍କର ନିଜର କୌଣସି ଲାଭର ଆଶା ନଥାଏ। ଯାକୁଇ କହନ୍ତି ଆତ୍ମଜ୍ଞାନ ।'

ସୁଫିମାନେ ମଧ୍ୟ-ଏସିଆ, ଇରାନ, ଇରାକରୁ ଆସି କାଶ୍ମୀର ଉପତ୍ୟକାରେ ବାସ କରୁଥିଲେ । ଏବେ ସେହି ସିଦ୍ଧ ପୁରୁଷମାନଙ୍କ ସମାଧିସ୍ଥଳ, ଯାହାକୁ କୁହାଯାଉଛି ଦରଘା, ଶ୍ରୀନଗର ଭିତରେ ଓ ଚାରିପଟେ ଅଛି, ଯାହା ଉଭୟ ହିନ୍ଦୁ ଓ ମୁସଲମାନଙ୍କ ପାଇଁ ତୀର୍ଥସ୍ଥାନ । ଜଣେ ପ୍ରସିଦ୍ଧ ସୁଫି ସନ୍ଥ ହମ୍‌ଦାନ୍ ଇରାନ୍‌ରୁ ସାତଶହ ସୁଫିଙ୍କୁ ସାଥିରେ ଆଣି ଶ୍ରୀନଗରକୁ ଆସିଥିଲେ। ଉପତ୍ୟକାରେ ହମ୍‌ଦାନ୍‌ଙ୍କ ଉପସ୍ଥିତି ଲୋକମାନଙ୍କୁ ଖୁବ୍ ପ୍ରଭାବିତ କରିଥିଲା। ସେ ଥିଲେ ଜଣେ ଲେଖକ, କବି । ସେ ଓ ତାଙ୍କର ଶିଷ୍ୟ, ଅନୁଗାମୀମାନେ ସାଧାରଣ ଲୋକଙ୍କ ପାଇଁ ଧର୍ମଶାଳା ନିର୍ମାଣ କରିଥିଲେ । ଉପତ୍ୟକାର ତତ୍କାଳୀନ ସୁଲତାନ୍ କୁତବ୍-ଉଦ୍ଦିନ୍ ତାଙ୍କର ମହାନତାକୁ ସ୍ୱୀକାର କରି କହିଥିଲେ, 'ଆତ୍ମଜ୍ଞାନୀମାନଙ୍କର ମହାନତା ସେମାନଙ୍କ ମହାନୁଭବତାରେ ଥାଏ । ହମ୍‌ଦାନ୍ କେବଳ କବିତା ରଚନା କରୁନଥିଲେ, ସମସ୍ତଙ୍କଠାରେ ପରମେଶ୍ୱର ଦର୍ଶନ କରି ପରୋପକାରରେ ମନୋନିବେଶ କରିଥିଲେ ।

ଗତ ଶତାବ୍ଦୀର ଦୁଇଜଣ ପାଶ୍ଚାତ୍ୟ ବିଦ୍ୱାନ, ପ୍ରାଚ୍ୟବିଦ୍ୟାବିଶାରଦ, ଆଧ୍ୟାତ୍ମିକ ରୂପରେ ଇଚ୍ଛୁକ ବ୍ୟକ୍ତି ଆଲ୍‌ଡସ୍ ହକ୍ସଲେ ଓ କାର୍ଲ୍ ଗୁସ୍ତାଭ୍ ଜଙ୍ଗ୍ ସେମାନଙ୍କ ଫଳପ୍ରଦ ଜୀବନର ଅନ୍ତିମ ଚରଣରେ ଆତ୍ମଜ୍ଞାନ ସମ୍ବନ୍ଧରେ ସନ୍ଦେହ ପୋଷଣ କରିଥିଲେ । ଜଣେ ଯଶସ୍ୱୀ ମନୋଚିକିତ୍ସକ ଭାବରେ ଜଙ୍ଗ୍‌ଙ୍କ ମନରେ ଆତ୍ମଜ୍ଞାନର ସମ୍ପୂର୍ଣ୍ଣ ସଂଜ୍ଞା ସମ୍ବନ୍ଧରେ ପ୍ରବଳ ସନ୍ଦେହ ଥିଲା । ପ୍ରଥମତଃ ଆତ୍ମଜ୍ଞାନର ସମ୍ପୂର୍ଣ୍ଣ ଅବଧାରଣା ବା ସଂକଳ୍ପନା ହେଉଛି ଏକ ବ୍ୟକ୍ତିନିଷ୍ଠ ପ୍ରକ୍ରିୟା । ବାସ୍ତବରେ ଆତ୍ମଜ୍ଞାନ ହେଉଛି ସର୍ବୋତ୍କୃଷ୍ଟ, ସାରମୟ ଆଧ୍ୟାତ୍ମିକ ଆତ୍ମବାଦ ବା ଅହଂ ବ୍ରହ୍ମାସ୍ମିବାଦ । ଏଇଟା ପୂର୍ଣ୍ଣତଃ ଗୋଟେ ବ୍ୟକ୍ତିନିଷ୍ଠ ଅନୁଭୂତି, ଯାହା ଏତେ ତରଳ ଓ ଅଣାକାର ଯେ ତାକୁ ମାପିବାକୁ, ଆକଳନ କରିବାକୁ କୌଣସି ତରିକା ନାହିଁ । ଆମେରିକାର ଦାର୍ଶନିକ, କବି ୱାଲ୍ଟ ହ୍ୱିଟ୍‌ମ୍ୟାନ୍ କହନ୍ତି, ଆମେ ମଣିଷମାନେ ହେଉଛୁ ଆତ୍ମବୋଧ ବା ଆତ୍ମାନୁଭୂତିର ପଥରେ ଶାଶ୍ୱତ ସାଧକ। ଆମର ଅସ୍ତିତ୍ୱ ଅଛି ବୋଲି ଭଗବାନଙ୍କର ଅସ୍ତିତ୍ୱ ଅଛି !

ସେହିଭଳି ଜଣେ ଆତ୍ମଜ୍ଞାନୀ ଥିଲେ ଶୁଦ୍ଧ ବା ସୈଦ୍ଧାନ୍ତିକ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନ୍ । ଜଣେ ଆତ୍ମଜ୍ଞାନୀର ସକଳ ଲକ୍ଷଣ : ସରଳତା, ବିନୟ, ସମଦର୍ଶିତା, ଭଗବତ୍ ବିଶ୍ୱାସ, ଅଧ୍ୟାତ୍ମ ସାଧନା, ଆତ୍ମୋପଲବ୍ଧି, ସର୍ବତ୍ର ବ୍ରହ୍ମାନୁଭବ ତାଙ୍କଠାରେ ପ୍ରକାଶ ପାଇଥିଲା । ତ୍ୟାଗରାଜ ଓ ବିସ୍‌ମିଲ୍ଲା ଖାଁଙ୍କର ସଙ୍ଗୀତ ମାର୍ଗରେ, ମୀରାବାଈଙ୍କର ଭଜନ ମାର୍ଗରେ, ଆଦି ଶଙ୍କରଙ୍କର ଦର୍ଶନ, ମୋହନଦାସ କରମଚାନ୍ଦ ଗାନ୍ଧିଙ୍କର କର୍ମବାଦ ବା ସକ୍ରିୟତାବାଦ ମାର୍ଗରେ ଈଶ୍ୱରାନୁଭବ ହୋଇଥିଲା । ସେହି ଈଶ୍ୱର ସର୍ବବ୍ୟାପୀ ଓ ଅନନ୍ତ । ପୁଣି ସୂକ୍ଷ୍ମ ଓ ଅଦୃଶ୍ୟ । ସେ ଏକ, ଅନନ୍ତ ଓ ଶୂନ୍ୟ ମଧ୍ୟ । ତତ୍କାଳୀନ ମହୀଶୂର ଷ୍ଟେଟ୍ (ଏବର ତାମିଲନାଡୁ)ର ଇରୋଡ୍‌ଠାରେ ୧୮୮୭ ମସିହାରେ ଜନ୍ମଗ୍ରହଣ କରିଥିବା ଶ୍ରୀନିବାସ ରାମାନୁଜନ୍ ଗଣିତ ମାର୍ଗରେ ଈଶ୍ୱରାନୁଭବ ପ୍ରାପ୍ତ ହୋଇଥିଲେ । ସବୁ ବିଜ୍ଞାନ ଭଳି ଗଣିତ ଦୁଇ ପ୍ରକାର : ଶୁଦ୍ଧ ବା ସୈଦ୍ଧାନ୍ତିକ ଓ ବ୍ୟାବହାରିକ । ରାମାନୁଜନ୍‌ଙ୍କର ବ୍ୟାବହାରିକ ଗଣିତରେ ରୁଚି ନଥିଲା, ସେ ଶୁଦ୍ଧ ଗଣିତ ପ୍ରତି ସମର୍ପିତ ଥିଲେ ।

ମାନବ-ଗଣକମାନେ ଏପରି ବ୍ୟକ୍ତି ଯେଉଁମାନେ କୌଣସି ଉପକରଣ ବା ମେସିନ୍‌ର ବିନା ସହାୟତାରେ ଜଟିଳ ଗଣିତୀୟ ଗଣନା ଅର୍ଥାତ୍ ବଡ଼ ବଡ଼ ସଂଖ୍ୟାର ଗୁଣନ, ହରଣ କରିପାରନ୍ତି । ପରନ୍ତୁ ସଚ୍ଚା ଗଣିତଜ୍ଞମାନେ ଗୋଟେ ଭିନ୍ନ ଜନଜାତିର । ସେମାନେ ସୃଷ୍ଟିରେ ପ୍ୟାଟର୍ଣ୍ଣ ଯାଞ୍ଚ କରନ୍ତି, ଯାହାକୁ ପରବର୍ତ୍ତୀ ସମୟରେ ଗଣିତୀୟ ପ୍ରମେୟ (ଥିଓରମ୍) ଆକାରରେ ପ୍ରକାଶ କରନ୍ତି । ସେମାନଙ୍କ ଗଣିତରେ ଗୋଟେ ଆଧ୍ୟାତ୍ମିକ ଅନ୍ତର୍ଧାରା ଥାଏ । ପିଥାଗୋରାସ୍, ନିଉଟନ୍, ଆଇନ୍‌ଷ୍ଟାଇନ୍, ଶ୍ରୀନିବାସ ରାମାନୁଜନ୍ ପ୍ରମୁଖ ସେହିପରି ଗଣିତଜ୍ଞ ଥିଲେ । ସେମାନେ ଏକାଧାରରେ ବିଜ୍ଞାନୀ, ଆତ୍ମଜ୍ଞାନୀ ।

ଶୁଦ୍ଧ ଗଣିତଜ୍ଞମାନେ ଅନନ୍ତ (ଇନ୍‌ଫିନିଟି) ସହିତ ଯୋଡ଼ି ହୋଇ ରହନ୍ତି । ପାରମ୍ପରିକ ଅର୍ଥରେ ସେମାନେ ଧର୍ମନିଷ୍ଠ ହୋଇପାରନ୍ତି ବା ନପାରନ୍ତି । କିନ୍ତୁ ରାମାନୁଜନ୍‌ଙ୍କର ଧାର୍ମିକତା, ପୁଣ୍ୟଶୀଳତା ଅତ୍ୟନ୍ତ ସ୍ପଷ୍ଟ ଥିଲା । ସେ ନିଜ କୁଳଦେବତା 'ନାମଗିରି'ଙ୍କ ପ୍ରତି ସମର୍ପିତ ଥିଲେ । ନାମଗିରି ନରସିଂହଙ୍କ ପତ୍ନୀ । ନରସିଂହ ହେଉଛନ୍ତି ମହାବିଷ୍ଣୁଙ୍କର ଅବତାର । ରାମାନୁଜନ୍‌ଙ୍କର କୌଣସି ଔପଚାରିକ ଡିଗ୍ରୀ ନଥିଲା ଏବଂ ୧୯୧୦ ମସିହାରେ ସେ ଥିଲେ ବେକାର୍, ବେରୋଜଗାର୍ । ସେତିକିବେଳେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରୁ ତାଙ୍କୁ ନିମନ୍ତ୍ରଣ ମିଳିଲା । ରାମାନୁଜନ୍ ବ୍ରାହ୍ମଣ ହୋଇଥିବାରୁ ସମୁଦ୍ର ଅତିକ୍ରମ କରି ଇଂଲଣ୍ଡକୁ ପାଠ ପଢ଼ିବା ପାଇଁ ଯିବା (ସେତେବେଳେ ସମୁଦ୍ର ଅତିକ୍ରମ କରି ବିଦେଶକୁ ଯିବା 'ଆଧ୍ୟାତ୍ମିକ ପ୍ରଦୂଷଣ' ରୂପେ ବିଚାର କରାଯାଉଥିଲା) ଉଚିତ୍ ହେବ କି ନାହିଁ ସେଥିପାଇଁ ମାର୍ଗଦର୍ଶନ ନିମିତ୍ତ ସେ ନାମକ୍କଲ୍‌ସ୍ଥିତ ଦେବୀ ମନ୍ଦିର ପ୍ରାଙ୍ଗଣରେ ତିନିରାତି ଜାଗ୍ରତ ହୋଇ ବିତାଇଲେ । ତୃତୀୟ ଦିନର ମଧ୍ୟରାତ୍ରିରେ ଉଜ୍ଜ୍ୱଳ ଆଲୋକର ଏକ ସ୍ତମ୍ଭ ଚମକିଉଠିଲା, ଯାହାକୁ ସେ ଦେବୀଙ୍କ ସହମତି ରୂପରେ ଗ୍ରହଣ କଲେ, ଜଳଯାତ୍ରା କରି କେମ୍ବ୍ରିଜ୍‌ରେ ପହଞ୍ଚିଲେ । ପରବର୍ତ୍ତୀ ସମୟରେ ଗଣିତଶାସ୍ତ୍ର ଇତିହାସରେ ସେ ହେଲେ ଜଣେ ଯୁଗପୁରୁଷ, ଏକାଧାରରେ ଜ୍ଞାନୀ, ବିଜ୍ଞାନୀ, ଆତ୍ମଜ୍ଞାନୀ, ଯିଏ ଗଣିତୀୟ ସତ୍ୟ ପ୍ରତି ନିଜ ଅନ୍ତର୍ଜ୍ଞାନର ଶ୍ରେୟ ଈଶ୍ୱରଙ୍କୁ ହିଁ ଦେଉଥିଲେ ।

ବାଳକ ବୟସରେ ରାମାନୁଜନ୍ ଗଣିତ ସହିତ ଯୁକ୍ତ ରହସ୍ୟମୟ ଏକାଳାପ (ମନୋଲଗ୍)ରେ ଲିପ୍ତ ରହୁଥିଲେ, ଯାହାକୁ ତାଙ୍କର ଶ୍ରୋତାମାନେ ଅନେକ ସମୟରେ ବିଚିତ୍ର ବା ଅଜବ ବୋଲି ଭାବୁଥିଲେ । ଥରେ କୁମ୍ଭକୋନମ୍‌ରେ ସ୍ଥାନୀୟ ଶ୍ରୋତାମାନଙ୍କ ଆଗରେ 'ଈଶ୍ୱର', 'ଶୂନ୍ୟ' ଓ 'ଅନନ୍ତ' ମଧ୍ୟରେ ସମ୍ବନ୍ଧ ଆଧାରିତ ତାଙ୍କର ଏକାଳାପ ବିଷୟରେ କହି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ । ସେ ଅନେକ ସମୟରେ କହୁଥିଲେ, କୌଣସି ସମୀକରଣର ସେପର୍ଯ୍ୟନ୍ତ କିଛି ମୂଲ୍ୟ ନାହିଁ ଯେପର୍ଯ୍ୟନ୍ତ ତାହା ଈଶ୍ୱରଙ୍କ ବିଚାରକୁ ବ୍ୟକ୍ତ କରୁନାହିଁ ।

'ବିଷ୍ଣୁ ସହସ୍ରନାମମ୍'ରେ ମହାବିଷ୍ଣୁଙ୍କର ୧,୦୦୦ ନାମ ମଧ୍ୟରେ 'ଅନନ୍ତ' (ଇନ୍‌ଫିନିଟି) ଗୋଟିଏ ନାମ। ଗଣିତରେ ରାମାନୁଜନ୍‌ଙ୍କ ଅଧିକାଂଶ ଖୋଜ୍ ବା ଆବିଷ୍କାର 'ଅନନ୍ତ-ଶୃଙ୍ଖଳା' (ଇନ୍‌ଫିନିଟି ସିରିଜ୍) ସହିତ ସମ୍ବନ୍ଧିତ। ଯେତେବେଳେ ସେ କହୁଥିଲେ ତାଙ୍କର ଅନେକ ନିଷ୍କର୍ଷକୁ ଈଶ୍ୱର ତାଙ୍କୁ ସ୍ୱପ୍ନରେ କହିଦେଉଥିଲେ, ତାହା ତାଙ୍କ ପାଶ୍ଚାତ୍ୟର ତର୍କସଙ୍ଗତ ମିତ୍ରମାନଙ୍କ ପାଇଁ ଚିତ୍ତାକର୍ଷକ, ପ୍ରାୟତଃ ସଙ୍କୋଚଶୀଳ ଥିଲା । ତାଙ୍କର ପ୍ରମେୟଗୁଡ଼ିକ ଅନେକ ସମୟରେ ସୋପାନ ଡେଇଁଯାଉଥିଲେ । ବେଦାନ୍ତର ସୂତ୍ର ଭଳି ସେଗୁଡ଼ିକ ଗୁପ୍ତ ବା ଅପ୍ରକଟ ଥିଲା, ଗୂଢ଼ ଥିବାରୁ ଅବ୍ୟକ୍ତ ବୋଧ ହେଉଥିଲା । ପାଶ୍ଚାତ୍ୟ ଗଣିତଜ୍ଞମାନେ ରାମାନୁଜନ୍‌ଙ୍କ ପ୍ରମେୟଗୁଡ଼ିକୁ ଶୈକ୍ଷଣିକ ଅନୁଶାସନର ଅନୁରୂପ କରିବା ପାଇଁ ପ୍ରମାଣ କରିବାକୁ କଠିନ ପରିଶ୍ରମ କରୁଥିଲେ । ସେମାନେ ରାମାନୁଜନ୍‌ଙ୍କ ପ୍ରତିଭାରେ ଆଶ୍ଚର୍ଯ୍ୟଚକିତ ହେଉଥିଲେ, ଚିନ୍ତା କରୁଥିଲେ ଅତି ସାଧାରଣ ଭଳି ଦୃଶ୍ୟ ହେଉଥିବା ଜଣେ ମଣିଷଠାରେ ଈଶ୍ୱର ସତରେ ଏପରି ଅନ୍ତର୍ଜ୍ଞାନକୁ ପ୍ରେରିତ କରିଥିଲେ, ଯାହା ଥିଲା ତାଙ୍କର ଆତ୍ମଜ୍ଞାନ, ଯେଉଁ ଆତ୍ମଜ୍ଞାନ ଥିଲା ଜ୍ଞାନ ଓ ବିଜ୍ଞାନର ବହୁ ଊର୍ଦ୍ଧ୍ୱରେ, ଅକଳ୍ପନୀୟ ଦୂରତାରେ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୯ ଜୁନ୍ ୨୦୨୫ ସୋମବାର





# ଜିଲ୍ଲା ପ୍ରଶାସନର ନିରବତା ଯୋଗୁ ବଢ଼ି ଚାଲିଛି ବେଆଇନ୍ ଇଟାଭାଟି

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିରର ଚତୁର୍ଦ୍ଦିଗରେ ଗଢିଉଠିଛି ବେଆଇନ୍ ଇଟାଭାଟି। ଏହି ଇଟାଭାଟି ଉପରେ ଅଙ୍କୁଶ ଲଗାଇବାରେ ବିଫଳ ହୋଇଛି ଜିଲ୍ଲାପ୍ରଶାସନ। ଏଣୁ ରାଜ୍ୟ ସରକାର ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ଇଟା, ବାଲି, ପଥର ଇତ୍ୟାଦି ସାମଗ୍ରୀର ତତ୍ତ୍ୱାବଧାନର ଦାୟିତ୍ୱ ଖଣି ବିଭାଗକୁ ହସ୍ତାନ୍ତର କରିଛନ୍ତି। ଖଣି ବିଭାଗ ଏହି ଦାୟିତ୍ୱ ପାଇବା ପରେ କିଛି ବେଆଇନ୍ ଇଟାଭାଟି ଉପରେ ଅଙ୍କୁଶ ଲଗାଇଥିବା ବିଷୟ ଖଣି ଅଧିକାରୀଙ୍କ ଠାରୁ ପ୍ରକାଶ। କର୍ମଚାରୀ ଅଭାବ ଯୋଗୁଁ ଖଣି ଅଧିକାରୀ ଅତିରିକ୍ତ ଜିଲ୍ଲାପାଳଙ୍କୁ ପତ୍ର ସଂଖ୍ୟା ୩୧୯ରେ ଗତ ମେ ମାସ ୧୫ ତାରିଖରେ ରାଜସ୍ୱ ଏବଂ ପୋଲିସ ବିଭାଗର ସାହାଯ୍ୟ ଲୋଡିଥିଲେ। ଜିଲ୍ଲାର ସମସ୍ତ ତହସିଲଦାର ରେଭେନ୍ୟୁ ଇନ୍ସପେକ୍ଟର ମାନଙ୍କ ଜରିଆରେ ଜିଲ୍ଲାରେ ବେଆଇନ୍ ଭାବେ ଗଢି ଉଠିଥିବା ଇଟାଭାଟି ଚିହ୍ନଟ କରିବା ପାଇଁ ପତ୍ର ମାଧ୍ୟମରେ ଅନୁରୋଧ କରିଥିଲେ। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଖଣି ଅଧିକାରୀ ଜିଲ୍ଲା ପ୍ରଶାସନ ଠାରୁ କୌଣସି ସାହାଯ୍ୟ ସହଯୋଗ ପାଇ ନଥିବା ପ୍ରକାଶ କରିଛନ୍ତି। ଇଟାଭାଟି ଯୋଗୁ ଜଙ୍ଗଲ ଉଜୁଡି ଯାଉଛି। ଇଟାଭାଟିରେ ବହୁଳ ପରିମାଣରେ ମାଟି ବ୍ୟବହାର ହେଉଥିବାରୁ ମାଟି କ୍ଷୟ ହେଉଛି। ବାୟୁ ପ୍ରଦୂଷଣ ହେଉଛି। ବେଆଇନ୍ ବିଦ୍ୟୁତ୍ ସଂଯୋଗ ଦ୍ୱାରା ବିଦ୍ୟୁତ୍ ଅପଚୟ ସହ ଅନେକ ଜନଜୀବନ, ଜୀବଜନ୍ତୁ ପ୍ରତି ବିପଦ ଅଛି। ଏଣୁ ଜଙ୍ଗଲ, ରାଜସ୍ୱ, ବିଦ୍ୟୁତ୍ ଏବଂ ଖଣି ବିଭାଗର ମିଳିତ ଚଢଉ ହେଲେ ବେଆଇନ୍ ଇଟା ଭାଟିକୁ ଦମନ କରାଯାଇ ପାରିବ ବୋଲି ଖଣି ଅଧିକାରୀ ପ୍ରକାଶ କରିଛନ୍ତି। ପୁଇନ୍ତଲା ବ୍ଲକ୍ ଅଧୀନସ୍ଥ ସୂର୍ଡା ଗ୍ରାମ ନିକଟସ୍ଥ ଫଟାମୁଣ୍ଡା ଗ୍ରାମ ଶେଷ ମୁଣ୍ଡରେ ଥିବା ପରମା ନାଏକ ନାମକ



ଜନୈକ ବ୍ୟକ୍ତି ତାଙ୍କ ଜମିରେ ବର୍ଷ ବର୍ଷ ଧରି ଲକ୍ଷାଧିକ ଇଟା ନିର୍ମାଣ କରୁଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏହି ଇଟାଭାଟିର ଉତ୍ତାପ ଯୋଗୁଁ ଗ୍ରାମ ଉତ୍ତପ୍ତ ରହୁଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ମଧ୍ୟ ଚର୍ଚ୍ଚା ହେଉଛି। ଏଭଳି ବଲାଙ୍ଗିର ସହରର ଆଖପାଖ ଗ୍ରାମାଞ୍ଚଳରେ ହଜାର ହଜାର ବେଆଇନ୍ ଇଟାଭାଟି ଗଢି ଉଠିଥିବା ବେଳେ ଉପରୋକ୍ତ ବିଭାଗର ଦୃଷ୍ଟି ଆଢୁଆଳରେ ରହିଯାଉଛି। ଇଟାଭାଟିର ଉତ୍ତାପରେ ଉତ୍ତପ୍ତ ସହର। ନୀରବ ପ୍ରଶାସନ। ଅସନ୍ତୁଳିତ ଅସୁରକ୍ଷିତ ବନ୍ୟ ଜୀବଜନ୍ତୁ। ଚିର ନିଦ୍ରାରେ ଜଙ୍ଗଲ ବିଭାଗ। ବେଆଇନ୍ ବିଦ୍ୟୁତ୍ ସଂଯୋଗ, ଅସୁରକ୍ଷିତ ବନ୍ୟ ଜୀବଜନ୍ତୁ ଏବଂ ଜନଜୀବନ। ଏ ସମସ୍ତ ବିଭାଗର ଦାୟିତ୍ୱହୀନତାର ଫାଇଦା ଉଠାଉଛନ୍ତି ବେଆଇନ୍ ଇଟା ଭାଟିର ମାଲିକ। ଖଣି ବିଭାଗ ବେଆଇନ୍ ଇଟା, ବାଲି, ପଥର ଚାଲାଣକୁ ରୋକିବା ପାଇଁ ଅଣ୍ଟା ଭିଡ଼ି ବାହାରିଥିବା ବେଳେ ଉପରୋକ୍ତ ବିଭାଗ ମାନଙ୍କର ସାହାଯ୍ୟ ସହଯୋଗ ନିତାନ୍ତ ଜରୁରୀ ହୋଇପଡିଛି। ଏଣୁ ଜିଲ୍ଲା ପ୍ରଶାସନ ଏ ବିଷୟରେ ପଦକ୍ଷେପ ନେଲେ ଅନେକ ସମସ୍ୟା ଦୂର ହେବ।

# ରୋଷ୍ଟର ଡ୍ୟୁଟି କରୁନାହାନ୍ତି ଶିକ୍ଷକ, ଶିକ୍ଷୟତ୍ରୀ:ବିଦ୍ୟାଳୟରେ ତାଲା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଛାତ୍ରଛାତ୍ରୀଙ୍କ ପାଠପଢ଼ା ଓ ବିଦ୍ୟାଳୟର ସୁରକ୍ଷା ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । କିନ୍ତୁ ବହୁ ସମୟରେ କିଛି ଅମାନିଆ କର୍ମଚାରୀଙ୍କ ନିମନ୍ତେ ଶିକ୍ଷା ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେବାରେ ସମସ୍ୟା ହେଉଛି । ଏହି କ୍ରମରେ ଛୁଟି ସମୟରେ ରୋଷ୍ଟର ଡ୍ୟୁଟିରେ କିଛି ଅମାନିଆ ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ଯୋଗୁଁ ସହରର ବହୁ ବିଦ୍ୟାଳୟରେ ତାଲା ଝୁଲୁଥିବା ପରିଲକ୍ଷିତ ହୋଇଛି । ବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଇଥିବା ବେଳେ ବିଦ୍ୟାଳୟ ଓ ବିଭାଗ ମଧ୍ୟରେ ଯୋଗସୂତ୍ର ସ୍ଥାପନ ଓ ଅନ୍ୟାନ୍ୟ କାର୍ଯ୍ୟ ସମ୍ପାଦନ ପାଇଁ ଶିକ୍ଷା ବିଭାଗ ପକ୍ଷରୁ ରୋଷ୍ଟର ଡ୍ୟୁଟିର ବ୍ୟବସ୍ଥା କରାଯାଇଛି । ତେବେ ଏହି ନିୟମକୁ କିଛି ଶିକ୍ଷକ/ଶିକ୍ଷୟିତ୍ରୀ ମାନୁନଥିବାରୁ ସମସ୍ୟା ସୃଷ୍ଟି ହେଉଛି । ଗତ ମଇ ମାସ ୬ ତାରିଖ ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗ୍ରୀଷ୍ମ ଅବକାଶ ଘୋଷଣା କରାଯାଇଛି । ତେବେ ଏଥି ମଧ୍ୟରେ ସରକାରୀ ଛୁଟିଦିନ ବ୍ୟତୀତ ଅନ୍ୟ ସମସ୍ତ ଦିନ ମାନଙ୍କରେ ସକାଳ ସାଢ଼େ ୬ଟା ଠାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ବିଦ୍ୟାଳୟରେ ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ରହିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଫଳରେ ଏହି ସମୟରେ ରୋଷ୍ଟର ଡ୍ୟୁଟିରେ କାର୍ଯ୍ୟରତ ଶିକ୍ଷକ/ଶିକ୍ଷୟିତ୍ରୀ ବିଦ୍ୟାଳୟରେ ନାମଲେଖା, ଟିସି ପ୍ରଦାନ ଓ ବିଦ୍ୟାଳୟର ଭିତିଭୂମି ରକ୍ଷଣାବେକ୍ଷଣ ସମେତ ଅନ୍ୟାନ୍ୟ କାର୍ଯ୍ୟରେ ସହଯୋଗ କରିବାକୁ ନିର୍ଦ୍ଦେଶ ରହିଛି । ତେବେ ସ୍ଥାନୀୟ ବିଜୁ ପଟ୍ଟନାୟକ ପାର୍କ ସମ୍ମୁଖସ୍ଥ ମହମଡ଼ାନ୍ ସରକାରୀ ପ୍ରାଥମିକ ବିଦ୍ୟାଳୟ ବାଲାଜୀପେଣ୍ଠ ସାହି ସ୍ଥିତ




ସରକାରୀ ପ୍ରାଥମିକ ବିଦ୍ୟାଳୟ, ଶ୍ରୀରାମ ନଗର ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଜଗବନ୍ଧୁ ସାହିସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ପୁରୁଣା ବ୍ରହ୍ମପୁର ସ୍ଥିତ ସରକାରୀ ପୌର ଉଚ୍ଚ ବିଦ୍ୟାଳୟ ସମେତ ଅନ୍ୟକିଛି ବିଦ୍ୟାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି । ଏହି ସମୟରେ ବିଦ୍ୟାଳୟକୁ ଆସୁଥିବା ବହୁ ଛାତ୍ରଛାତ୍ରୀଙ୍କ ଅଭିଭାବକ ଶିକ୍ଷାନୁଷ୍ଠାନରେ ତାଲା ଝୁଲୁଥିବା ଦେଖି ଫେରିଯାଉଛନ୍ତି । କର୍ମଚାରୀଙ୍କ କାର୍ଯ୍ୟରେ ଅବହେଳାରୁ କେବଳ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ଏହା ନୁହେଁ ବରଂ ଏହା ଦ୍ୱାରା ବିଦ୍ୟାଳୟର ରକ୍ଷଣାବେକ୍ଷଣରେ ଅଭାବ ଯୋଗୁଁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ଅନ୍ୟାନ୍ୟ ସାମଗ୍ରୀ ନଷ୍ଟ ହେଉଥିବା ଅଭିଯୋଗ ହୋଇଛି । ରୋଷ୍ଟର ଡ୍ୟୁଟିରେ ଥିବା ଶିକ୍ଷକ/ଶିକ୍ଷୟିତ୍ରୀ ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିବାରୁ ଏଭଳି ସମସ୍ୟା ଉପୁଜୁଥିବା ଅଭିଯୋଗ ହୋଇଛି । ସବୁଠାରୁ ବଡ଼କଥା ହେଲା ରୋଷ୍ଟର ଡ୍ୟୁଟି କରିବା ଦୂରର କଥା ଅନେକ ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପରିସ୍ଥ ଅଧିକାରୀଙ୍କ ବିନା ଅନୁମତିରେ ହେଡ୍‌କ୍ୱାର୍ଟର ଛାଡ଼ି ଅନ୍ୟତ୍ର ଭ୍ରମଣ କରୁଥିବା ଭଳି ଗୁରୁତର ଅଭିଯୋଗ ମଧ୍ୟ ରହିଛି । ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଦିନକୁ ଦିନ ଅମାନିଆ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଅପରପକ୍ଷରେ କିଛି ଦିନ ପୂର୍ବେ ରୋଷ୍ଟର ଡ୍ୟୁଟିରେ ଅବହେଳା କରିଥିବା କିଛି ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଅଭିଯୋଗ ଆସିଲେ କାର୍ଯ୍ୟରେ ଅବହେଳା କରୁଥିବା ସମ୍ପୃକ୍ତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା ।

## ।।।।।। 'ସମ୍ବଲପୁରୀ ଦରପନ'ର ସ୍ୱନକ୍ଷତ୍ର ମହୋତ୍ସବ ।।।।।।

# ସମ୍ବଲପୁରୀ ଭାଷାରେ ପତ୍ରିକା ପ୍ରକାଶନ ଏକ ବଡ଼ ଆହ୍ୱାନ




**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁରୀ ଦରପନ ପକ୍ଷରୁ ପ୍ରଥମ ଦରପନ ମହୋତ୍ସବ ସାମ୍ବାଦିକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମ୍ବଲପୁରୀ ଦରପନ ପତ୍ରିକାର ସ୍ୱନକ୍ଷତ୍ର ସଂଖ୍ୟା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡ. ପ୍ରମୋଦ ରଥ କହିଥିଲେ ଯେ ସମ୍ବଲପୁରୀ ଭାଷାରେ ପତ୍ରିକା ପ୍ରକାଶନ ଏକ ବଡ଼ ଆହ୍ୱାନ ହୋଇଛି। ତେବେ ସମ୍ବଲପୁରୀ ଭାଷାର ସାମ୍ବିଧାନିକ ମାନ୍ୟତା ପାଇଁ ସମ୍ବଲପୁରୀର ସମସ୍ତ ତଥ୍ୟ ଲିପିବଦ୍ଧ କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ସମ୍ବଲପୁରୀ ଦରପନ ପତ୍ରିକାର ପ୍ରକାଶିକା ଡଲିମା ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଲପୁରୀ ଗୀତିକାର ଲକ୍ଷ୍ମୀନାରାୟଣ ପଣ୍ଡା, ଗାଳ୍ପିକ କାଳିନ୍ଦୀ ପ୍ରତାପ ସିଂହ, ସମ୍ବଲପୁରୀ ଦରପନର ପରିଚାଳନା ସମ୍ପାଦକ ଦେବୀ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଏହି ଅବସରରେ ସମ୍ବଲପୁରୀ ଦରପନ ପକ୍ଷରୁ ପ୍ରତିବର୍ଷ ସମ୍ବଲପୁରୀ ଭାଷା ସାହିତ୍ୟ ସଂସ୍କୃତିର ରେକର୍ଡ ପ୍ରକାଶନ ସହ ରେକର୍ଡ ଅଧିକାରୀମାନଙ୍କୁ ସମ୍ମାନୀତ କରାଯିବାକୁ ଘୋଷଣା କରାଯାଇଥିଲା। ଏହି ଅବସରରେ ସମ୍ବଲପୁରୀ କବିତା ପାଠ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ସୁପ୍ରୀୟା ଦାସ୍, ଆୟୁଷ ବଡ଼ାଇ, କଳ୍ପନା ମହାପାତ୍ର, ବିଭୁତି ଭୂଷଣ ମିଶ୍ର, କମଲ ଲୋଚନ ପଣ୍ଡା, ଆଭାଷ ପଣ୍ଡା, ସୁଷମା ପ୍ରଧାନ, ପ୍ରଭଞ୍ଜନ ପୁରୋହିତ, ଅନୁପମା ବିଶ୍ୱାଳ, ସବିତା ମିଶ୍ର, ସୁପ୍ରିକା ସାହୁ, ଭବାନୀ ଶଙ୍କର ମେହେର, ମାନସ ରଞ୍ଜନ ଷଡ଼ଙ୍ଗୀ ପ୍ରମୁଖ ସମ୍ବଲପୁରୀ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ମାନସ ରଞ୍ଜନ ବକ୍ସୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସମ୍ବଲପୁରୀ ପ୍ରଚାରକ ସବ୍ୟସାଚୀ ମିଶ୍ର ଏବଂ ସମ୍ବଲପୁରୀ କବି ବୃନ୍ଦାବନ ସାହୁଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପତ୍ରିକାର ସମ୍ପାଦକ ଭବାନୀଶ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗଛ ଲଗାଇ ପରିବେଶ ସୁରକ୍ଷା ପାଇଁ ପ୍ରୟାସ

**ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅଧିନସ୍ଥ ବିଭିନ୍ନ ପଞ୍ଚାୟତ ଓ ପୌରପାଳିକା ଏବଂ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ପରିବେଶକୁ ସୁସ୍ଥ ରଖିବା ପାଇଁ ବିଶ୍ୱପରିବେଶ ଦିବସରେ ବୃକ୍ଷ ରୋପଣ କରାଯାଇଛି। ଉକ୍ତ ବିଶ୍ୱ ପରିବେଶ ଦିବସଟି ସମସ୍ତେ ବହୁ ଆନନ୍ଦ ସହିତ ପାଳନ କରିଥିବାର ଦେଖିବାକୁ ମିଳିଛି। ଯଥା ସରକାରୀ ସ୍ଥାନ, ସ୍କୁଲ, ଖେଳ ପଡ଼ିଆ, ସର୍ବସାଧାରଣ ହାଟ ଛକ ବଜାରରେ ବୃକ୍ଷ ରୋପଣ କରି ପରିବେଶକୁ ସୁସ୍ଥ ରଖିବା ପାଇଁ ପ୍ରୟାସ କରିଛନ୍ତି। ଜଳେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ବିଜେପି ଯୁବ ନେତା ତଥା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା, ଫାଲଗୁନୀ ପାଣିଗ୍ରାହୀ, କାଳୀଚରଣ ଦାସ, ରାଜେଶ ଖଟୁଆ ଓ ଅନ୍ୟାନ୍ୟ ନେତୃବୃନ୍ଦ ଉପସ୍ଥିତ ରହି ଚାରାରୋପଣ କରିଛନ୍ତି। ସେହିପରି ଜଳେଶ୍ୱର ପୂର୍ବତନ କଂଗ୍ରେସ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ, ବ୍ଲକ ସଭାପତି ରାଜିବ ପରିଡ଼ା, କୃଷକ ନେତା ସୁଦାମ ପାତ୍ର, ଜେଇ ସବିତା ମାଝୀ, ବର୍ଡନା ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟ ଏବଂ ସୁଲକ୍ଷଣା ଶୀତଳା ମାତା ଯୁବକ ସଂଘର ସଭାପତି ଗଜେନ୍ଦ୍ର ନାଥ ବେହେରା ଓ ବର୍ଡନା ପଞ୍ଚାୟତର ନାରୀ ମହାଶକ୍ତି ସଂଘର ସମସ୍ତ ସଦସ୍ୟା ଓ ସ୍ଥାନୀୟ ଯୁବକ ସହଯୋଗ କରିବା ସହିତ ସରକାରଙ୍କର କାର୍ଯ୍ୟକ୍ରମକୁ ସମ୍ମାନ ଜଣାଇଥିଲେ।

# 'ପ୍ରକୃତିର ସଂରକ୍ଷଣ କରିବା ଏକାନ୍ତ ଅପରିହାର୍ଯ୍ୟ'



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ବନଖଣ୍ଡ ବିଭାଗ ତଥା ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସ୍ଥାନୀୟ ଗଣପତି ହୋଟେଲ ସ୍ଥିତ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ-୨୦୨୫ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଜେପୁର ବିଧାୟକ ସନତ କୁମାର ଗଡତିଆ ଯୋଗଦେଇ ପ୍ରଦୂଷିତ ପୃଥିବୀର ଭୟାବହତାକୁ ହୃଦୟଙ୍ଗମ କରି ଅଧିକରୁ ଅଧିକ ସବୁଜ ପରିବେଶ ସୃଷ୍ଟି କରିବା ଏବଂ ପ୍ରକୃତିର ସଂରକ୍ଷଣ କରିବା ଏକାନ୍ତ ଅପରିହାର୍ଯ୍ୟ ହୋଇପଡିଛି। ପରିବେଶ ସଂରକ୍ଷଣ ପାଇଁ ନିଆଯାଉଥିବା ପଦକ୍ଷେପ, ଭବିଷ୍ୟତ ପିଢ଼ି ପାଇଁ ଏକ ସୁସ୍ଥ ଜୀବନଯାପନର ସହଜ ଏବଂ ସରଳ ମାଧ୍ୟମ ହେଇପାରିବ ବୋଲି ଏହି ଅବସରରେ ଉଦ୍‌ବୋଧନ ଦେଇ କହିଛନ୍ତି। ଏଥିସହ ଶ୍ରୀ ଗଡତିଆ ପ୍ଲାଷ୍ଟିକ୍ ପ୍ରଦୂଷଣକୁ ସମାପ୍ତି କରି ଅଧିକରୁ ଅଧିକ ବୃକ୍ଷ ରୋପଣ କରିବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ୍ କରିଥିଲେ । ଜିଲ୍ଲା ବନଖଣ୍ଡ ଅଧିକାରୀ ବିକ୍ରମଦେବ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସମେତ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ କୁମାର ମିଶ୍ର, ବରଗଡ଼ ମୁଖ୍ୟ ପ୍ରାଣି ଚିକିତ୍ସା ଅଧିକାରୀ ବିରୂପାକ୍ଷ ନାୟକ ଯୋଗଦେଇ ଜଳବାୟୁ ପରିବର୍ତ୍ତନ, ପ୍ରକୃତିର ଜଳ, ସ୍ଥଳ ଏବଂ ଜୈବ ବିବିଧତାରେ କ୍ଷୟ ଏବଂ ପ୍ରଦୂଷଣ ଓ ଆବର୍ଜନାର ସମସ୍ୟା ପାଳଟିଥିବା ସିଙ୍ଗିଲ୍ ୟୁଜ୍ ପ୍ଲାଷ୍ଟିକ୍ ନିଷେଧ ସହ ଏହାର ଦୀର୍ଘସ୍ଥାୟୀ ବିକଳ୍ପକୁ ପ୍ରୋତ୍ସାହନ ଏବଂ ବର୍ଜ୍ୟ ପରିଚାଳନା ପ୍ରଣାଳୀକୁ ସଶକ୍ତ କରିବା ପାଇଁ ରାଜ୍ୟ ସରକାର ସକ୍ରିୟ ପଦକ୍ଷେପ ନେଇଛନ୍ତି। ସମାଜରେ ପ୍ରକୃତ ପରିବର୍ତ୍ତନ ଆଣିବାକୁ ହେଲେ ଏହା ପ୍ରଥମେ ନିଜ ଓ ନିଜ ପରିବାର ଠାରୁ ଆରମ୍ଭ ହେବା ଆବଶ୍ୟକ ବୋଲି ସମସ୍ତଙ୍କୁ ଆହ୍ୱାନ୍ କରିଛନ୍ତି। ଏହି ଅବସରରେ ଜିଲ୍ଲାର ୯ଜଣ ପ୍ରକୃତି ବନ୍ଧୁଙ୍କୁ ସମ୍ମାନିତ କରିବା ସହ ସ୍ଥାନୀୟ ରାଣାପ୍ରତାପ ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଛି ।




# କଣ୍ଟାବାଞ୍ଜି ବିକାଶ ଶାଖା ପକ୍ଷରୁ ବ୍ୟାପକ ବୃକ୍ଷ ରୋପଣ

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ମାରବାଡ଼ୀ ଯୁବ ମଞ୍ଚ କଣ୍ଟାବାଞ୍ଜି ବିକାଶ ଶାଖା ତରଫରୁ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ମାରୱାଡି ଯୁବା ମଞ୍ଚ କାଣ୍ଟାବାଞ୍ଜି ବିକାଶ ଶାଖାର ସଦସ୍ୟମାନେ ଦ୍ୱାରା ବିଭିନ୍ନ ଫଳଦାୟୀ, ଛାୟାଦାୟୀ ଓ ସୁଗନ୍ଧିତ ଗଛମାନଙ୍କର ରୋପଣ କରାଯାଇଛି। ସମସ୍ତ ସଦସ୍ୟ ଏହି ଗଛମାନେ ବୃକ୍ଷ ହେଉଅବଧି ସେମାନଙ୍କର ଯଥାଯଥ ଦେଖାଶୁଣା କରିବା ପାଇଁ ଦୃଢ଼ ସଂକଳ୍ପ ଗ୍ରହଣ କରିଛନ୍ତି। ଏହି ଅବସରରେ ବଙ୍ଗୋମୁଣ୍ଡା ରୋଡରେ ୨୦୦ରୁ ଉର୍ଦ୍ଧ୍ୱ ଗଛ ଲଗାଯାଇଥିଲା । ଏହି କାର୍ଯ୍ୟକ୍ରମର ସଂଯୋଜକ ଯୁବା ମନୀଷ ଅଗ୍ରୱାଲ ଓ ଯୁବା ଶୁଭମ ଅଗ୍ରୱାଲ ଥିଲେ । ଯେଉଁମାନେ ଏହି ଆୟୋଜନକୁ ଜଣେ ଜଣେ ଉଚିତ୍ ସଚେତନତା ଓ ସମର୍ପଣ ସହିତ ସଫଳ କରିଛନ୍ତି। ସଭାପତି ନିଖିଲ ଅଗ୍ରୱାଲ, ସମ୍ପାଦକ ନବନିତ୍ ଅଗ୍ରୱାଲ, ସହ କାର୍ଯ୍ୟକ୍ରମରେ ସୁମୀତ ଜୈନ, ଆଶୀଷ ଖେତାନ, ଯୁବ ଆଲୋକ ଗୋୟେଲ ଓ ଯୁବ ନାରାୟଣ ଜିନ୍ଦଲ୍ ଉପସ୍ଥିତ ଥିଲେ।

# ପ୍ରେସ୍ କାଉନସିଲ୍ ନାମ ବ୍ୟବହାର ଉପରେ ନିଷେଧାଦେଶ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

'ପ୍ରେସ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ' ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଏକ ବୈଧାନିକ ସଂସ୍ଥା ହୋଇଥିବାରୁ କୌଣସି ଗଣମାଧ୍ୟମ ସଂସ୍ଥା 'ପ୍ରେସ୍ କାଉନ୍‌ସିଲ୍' ନାମ ବ୍ୟବହାର କରିବା ଉପରେ ନିଷେଧାଦେଶ ରହିଛି । ଜିଲ୍ଲାରେ କୌଣସି ଗଣମାଧ୍ୟମ ସଂସ୍ଥା କିମ୍ବା ସରକାରୀ ସଂଘ ନିଜ ସଂସ୍ଥାର ନାମ ପଞ୍ଜିକରଣ ସମୟରେ ପ୍ରେସ କାଉନ୍‌ସିଲ୍ ଶବ୍ଦ ବ୍ୟବହାର ନକରିବାକୁ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । କେନ୍ଦ୍ର ସରକାରଙ୍କ ଅନୁମତି ବିନା କୌଣସି ସଂସ୍ଥା ପ୍ରେସ୍ କାଉନ୍‌ସିଲ୍ ନାମ ବ୍ୟବହାର କଲେ ଏହା ଆଇନ୍ ଅନୁଯାୟୀ ଗ୍ରହଣୀୟ ନୁହେଁ । ତେଣୁ ଜିଲ୍ଲାର କୌଣସି ସରକାରୀ ସଂଘ ବା ଗଣମାଧ୍ୟମ ସଂସ୍ଥା ନିଜ ନାମରେ ପ୍ରେସ୍ କାଉନସିଲ୍ ବ୍ୟବହାର ନକରିବାକୁ ଅନୁରୋଧ କରାଯାଉଛି ।

# ବ୍ଲକ ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ

**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବ୍ଲକ୍ ସ୍ତରୀୟ ସୁଭଦ୍ରା ଶକ୍ତି ମିଶନ ଶକ୍ତି ପକ୍ଷରୁ ଆୟୋଜିତ କାର୍ଯ୍ୟରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁର୍ଗା ପ୍ରସାଦ ଦୋରା, ସମ୍ମାନିତ ଅତିଥି ଅତିରିକ୍ତ ତହସିଲଦାର ମାଧବ ପାଙ୍ଗି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟିତ କରି ବ୍ଲକର ୨୩ ଗୋଟି ଗ୍ରାମ ପଞ୍ଚାୟତରୁ ଆସିଥିବା ମା' ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତି ହୋଇଥିବା ପାରମ୍ପରିକ ଖାଦ୍ୟ ବ୍ୟଞ୍ଜନକୁ ଖାଇ ସ୍ୱାଦ ଚାଖିଥିଲେ । ବ୍ଲକ ୨୩ ଗୋଟି ଗ୍ରାମ ପଞ୍ଚାୟତର ସ୍ୱଂୟ ସହାୟକ ଗୋଷ୍ଠୀ ଏଥିରେ ଭାଗ ନେଇ କୋରାପୁଟ ଜିଲ୍ଲାର ପାରମ୍ପରିକ ବ୍ୟଞ୍ଜନ ଯଥା- ମାଣ୍ଡିଆରେ ମାଣ୍ଡିଆ ପୀଠ, ମାଣ୍ଡିଆ ଅଣ୍ଡା, ମାଣ୍ଡିଆ ପେଜ, ମାଣ୍ଡିଆ ମାଲପୁଆ, ମାଣ୍ଡିଆ ପକୁଡ଼ି, ଚାଉଳ ପିଠା ଖିରି, ସୁପ୍ ଇତ୍ୟାଦି ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ । ଅତିଥିମାନେ ଗୋଟି ଗୋଟି କରି ସମସ୍ତ ବ୍ୟଞ୍ଜନକୁ ଖାଇ ଚାଖି ସ୍ୱାଦ ମଜା ନେଇଥିଲେ । ଶେଷରେ ଉକ୍ତ ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ସ୍ୱଂୟ ସହାୟକ ଗୋଷ୍ଠୀଙ୍କୁ ମାନପତ୍ର ପ୍ରଦାନ କରି ତାଙ୍କ ମନ ବଳ ସୁଦୃଢ଼ କରିବା ସହ ପ୍ରତିଯୋଗିତାର ଚତୁର୍ଥ ସ୍ଥାନରେ ରେସିଂ ବିଜୟ ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ, ତୃତୀୟ ସ୍ଥାନରେ ହାକିମ ପୁଟ ପଞ୍ଚାୟତର ମାରିଆ ସ୍ୱଂୟ ସହାୟକ ଗୋଷ୍ଠୀ ଓ ଦ୍ୱିତୀୟ ସ୍ଥାନ ନନ୍ଦପୁର ମା' ଲକ୍ଷ୍ମୀ ସ୍ୱଂୟ ସହାୟକ ଗୋଷ୍ଠୀ ରହିଥିବା ବେଳେ ପ୍ରଥମ ସ୍ଥାନ ଥିବା ବିଶ୍ୱ କଲ୍ୟାଣୀ ସ୍ୱୟଂ ସହାୟକ ଗୋଷ୍ଠୀ ପୁରସ୍କୃତ କରିଥିଲେ ଅତିଥି ବୃନ୍ଦ । ଏହି କାର୍ଯ୍ୟକ୍ରମରେ ନନ୍ଦପୁର ସିଡିପିଓ ନୀମତି ବାଲା ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ମିଶନ ଶକ୍ତି ବିପିସି ଶ୍ରୀଧର ଜାନି ଓ ଓଡ଼ିଶା ଜୀବିକା ମିଶନର ବିଚିତ୍ର କୁମାର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁପରଭାଇଜର ହରପ୍ରିୟା ବେହେରା ଓ ନନ୍ଦପୁର ବ୍ଲକ୍ ୨୩ ଗୋଟି ଗ୍ରାମ ପଞ୍ଚାୟତ ଏମ୍ବିକେ ସିଆରପି ମା'ମାନେ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ନେଇ ନନ୍ଦପୁର ପୋଲିସ ପକ୍ଷରୁ ସବ୍ୟସ୍ଥା ଗ୍ରହଣ କରାଯାଇଥିଲା ।

# ଡେଙ୍ଗୁରା ପିଟି ୱାରେଣ୍ଟିଙ୍କ ନାଁରେ ଲଟ୍‌କା ଜାରି କଲା ପୋଲିସ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

କୋର୍ଟରେ ହାଜର ହୋଇନଥିବା ବିଭିନ୍ନ ମାମଲାର ୱାରେଣ୍ଟିମାନଙ୍କ ବିରୋଧରେ ବଲାଙ୍ଗୀର ଟାଉନ ଥାନା ପୋଲିସ ପକ୍ଷରୁ ଲଟ୍‌କା ଜାରି କରାଯାଇଛି। ସହରର ଟିକ୍ରାପଡ଼ା, ମାଲପଡ଼ା, ଇନ୍ଦିରା ନଗର, ମାଲଗୋଦାମ ପଡ଼ା, ପ୍ରତାପସାଗର ପଡ଼ା ସମେତ ବିଭିନ୍ନ ପଡ଼ାରେ ଡେଙ୍ଗୁରା ପିଟି ପୋଲିସ ବିଭିନ୍ନ ମାମଲାର ୱାରେଣ୍ଟିଙ୍କ ନାମର ଲଟ୍‌କା ଲଗାଇଥିଲା। ତିନି ଦିନ ମଧ୍ୟରେ ବଲାଙ୍ଗୀର ଟାଉନ୍ ଥାନା ବା ୱାରେଣ୍ଟ ଜାରି କରିଥିବା ଅଦାଲତରେ ହାଜର ନହେଲେ ସେମାନଙ୍କ ଚଳନ୍ତି ଓ ଅଚଳନ୍ତି ସମ୍ପତ୍ତି ବ୍ୟାଜ୍ୟାପ୍ତ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଡେଙ୍ଗୁରା ଦେଇ ସହରର ସର୍ବସାଧାରଣ ସ୍ଥାନରେ ନୋଟିସ୍ ଜାରି କରାଯାଇଛି । ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ ଓ ଥାନା ଅଧିକାରୀ ଅବନୀ ସାହୁଙ୍କ ସମେତ ଟାଉନ୍ ଥାନାର ସମସ୍ତ ପୋଲିସ ଉପସ୍ଥିତ ଥିଲେ ।

# ପ୍ଲାଷ୍ଟିକ୍‌କୁ ନା':ବ୍ୟାପକ ବୃକ୍ଷ ରୋପଣ ଉପରେ ଗୁରୁତ୍ୱ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡ଼ି ବନାଞ୍ଚଳ କାର୍ଯ୍ୟାଳୟ ପରିସର ମଧ୍ୟରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ଏହି ଅବସରରେ ବନାଞ୍ଚଳ ଅଧିକାରୀ ମାଧବ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ, ଏପିଓ କେଦାର ଚନ୍ଦ୍ର ପଣ୍ଡା, ବନପାଳ ସରୋଜ ମଙ୍ଗରାଜ, ବୁଡ଼ାଗୁଡା ବନପାଳ ମନ୍ମଥ ପରିଛା, ସିମନବାଡ଼ି ବନପାଳ ବନିତା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପ୍ଲାଷ୍ଟିକ୍ ଫ୍ରି ସମ୍ପର୍କରେ ଏକ ଆଲୋଚନଚକ୍ର ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ସମୟରେ ଯେଉଁଭଳି ଭାବରେ ପ୍ଲାଷ୍ଟିକ୍ ବ୍ୟବହାର ହେଉଛି ତାକୁ ନା' କରିବା ସମୟ ଆସିଯାଇଛି। ପ୍ଲାଷ୍ଟିକର ବିକଳ୍ପ ଭାବେ ଶାଳପତ୍ର ବ୍ୟବହାର କରିବାକୁ ଲୋକଙ୍କୁ ସଚେତନ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ଅଞ୍ଚଳରେ ପୋଡୁଚାଷ ଅଧିକ ହେଉଥିଲା। ୧୯୯୬ ପରଠାରୁ ଏହା ଧିରେ ଧିରେ କମିବାରେ ଲାଗିଛି। ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ପଦକ୍ଷେପ ନେବା ଆବଶ୍ୟକ ବୋଲି ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ କହିଥିଲେ। ଅନ୍ୟ ଜିଲ୍ଲା ଅପେକ୍ଷା କନ୍ଧମାଳ ଜିଲ୍ଲାରେ ଚଳିତ ବର୍ଷ ଜଙ୍ଗଲ ବୃଦ୍ଧି ପାଇଥିବା ସେ କହିଥିଲେ। ଦାରିଙ୍ଗବାଡ଼ି ପର୍ଯ୍ୟଟନ କ୍ଷେତ୍ର ରହିଥିବା ବେଳେ ଦୈନିକ ଶହ ଶହ ପର୍ଯ୍ୟଟକ ଆସୁଛନ୍ତି ତେଣୁ ପ୍ଲାଷ୍ଟିକ ବ୍ୟବହାରକୁ ନା' କରିବାକୁ ସଚେତନ କରାଯିବାକୁ ଆଲୋଚନା କରାଯାଇଥିଲା। ସେହିପରି ଅଞ୍ଚଳରେ ସିଙ୍ଗଲ ୟୁଜ ପ୍ଲାଷ୍ଟିକ



ବ୍ୟବହାରକୁ ରୋକିବା ଦିଗରେ ପଦକ୍ଷେପ ନେବାକୁ ଆଲୋଚନା ହୋଇଥିଲା। ବ୍ୟାପକ ପ୍ଲାଷ୍ଟିକ ବ୍ୟବହାର ଯୋଗୁ ବିଭିନ୍ନ ଭୟଙ୍କର ରୋଗ ସୃଷ୍ଟି ହେଉଥିବା କୁହାଯାଉଥିଲା। ତେଣୁ ପ୍ଲାଷ୍ଟିକ୍ ଫ୍ରି କରିବାକୁ କିଭଳି ଭାବେ ସମସ୍ତେ ପ୍ରୟାସ କରିବା ସହ ପରିବେଶକୁ ସୁରକ୍ଷା ଦେବାକୁ ଆଲୋଚନା କରାଯାଇଥିଲା। ସେହିପରି ଜଙ୍ଗଲ ବଞ୍ଚିଲେ ପରିବେଶ ସୁନ୍ଦର ଓ ସ୍ୱଚ୍ଛତା ରହିବ ଜଳବାୟୁ ସୁସ୍ଥ ରହିବ ବର୍ଷା, ଶୀତ ଓ ଗରମ ନିୟମିତ ରହିବ ଯାହାକି ଏବେ ପରିବେଶ ଦୂଷିତ ଯୋଗୁ ଜଳବାୟୁରେ ମଧ୍ୟ ପାରିବର୍ତ୍ତନ ହୋଇଛି। ତେଣୁ ପରିବେଶ ବଞ୍ଚାଇବାକୁ ଅଞ୍ଚଳରେ ଅଧିକରୁ ଅଧିକ ବୃକ୍ଷରୋପଣ କରାଯିବା ସହ ଜଙ୍ଗଲରେ ପାରମ୍ପରିକ ବୃକ୍ଷ ତଥା ଆମ୍ବ, ମହୁଲ, ପଣସ, ଲିଚୁ, ଜାମୁକୋଳି ଭଳି ଗଛ ଲଗାଇଲେ ଲୋକଙ୍କ ଜୀବନ ଜୀବିକା ସ୍ୱାବଲମ୍ବୀ ହେବା ସହ ଜଙ୍ଗଲ ସୃଷ୍ଟି ହୋଇପାରିବ ବୋଲି କୁହାଯାଇଥିଲା। ଏହି ଅବସରରେ ବନ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକାର ବୃକ୍ଷରୋପଣ କରାଯାଇଥିଲା।

## ।।।।।।।।।।।।।।।।।।।।।। ମା' ପାଟଖଣ୍ଡା ଠାକୁରାଣୀ ଯାତ୍ରା ଉଦ୍‌ଯାପିତ ।।।।।।।।।।।।।।।।।।।।।।

# ସହସ୍ରାଧିକ ଭକ୍ତଙ୍କ ଗହଣରେ ନିଜ ମନ୍ଦିରକୁ ଫେରିଲେ ପଞ୍ଚ ଠାକୁରାଣୀ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ପାଟଖଣ୍ଡା ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଦୀର୍ଘ ଏକମାସ ଧରି ମା' ବରାଳ ଦେବୀଙ୍କ ଅସ୍ଥାୟୀ ପୀଠରେ ପଞ୍ଚ ଠାକୁରାଣୀ ମା' ପାଟଖଣ୍ଡାଙ୍କ ସମେତ ମା' କନକ ଦୁର୍ଗା, ମା' ଡେଙ୍ଗସିଲ, ମା' ବରାଳଦେବୀ, ମା' ମହାମାୟୀ ଓ ମା' ଦକ୍ଷିଣ କାଳୀ ଏକତ୍ର ରହି ପୂଜା ପାଇବା ସହ ରାତ୍ରରେ ନଗର ଭ୍ରମଣ କରି ପୁଣି ଏକାଠି ରହୁଥିଲେ । ଏହି ଯାତ୍ରା ଶୁକ୍ରବାର ସମାପନ ହୋଇ ନିଜସ୍ୱ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ମେ ମାସ ୬ ତାରିଖ ଠାରୁ ଆରମ୍ଭ ହୋଇଥିବା ବାଲିଗୁଡା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ପାଟଖଣ୍ଡା ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ଶୁକ୍ରବାର ୬ ତାରିଖ ଦିନ ଉଦ୍‌ଯାପିତ ହୋଇ ମେଲାଣି ଦିଆଯାଇଛି । ଏକମାସ ଧରି ଚାଲିଥିବା ଏହି ଯାତ୍ରାରେ ବାଲିଗୁଡା ସହର ଉତ୍ସବ ମୁଖର ହେବା ସହ ଏକ ଧାର୍ମିକ ପରିବେଶ ସୃଷ୍ଟି ହୋଇ ପ୍ରତିଦିନ ଶହ ଶହ ଶ୍ରଦ୍ଧାଳୁ ମା' ମାନଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରି ବିଭିନ୍ନ ମନସ୍କାମନା ପୂରଣ କରୁଥିଲେ । ଏହି ଯାତ୍ରାରେ ପ୍ରତିଦିନ ବିଭିନ୍ନ ସାହି ତରଫରୁ ବ୍ୟାପକ ପଟୁଆରରେ ସହର ପରିକ୍ରମା କରି ନିଜ ନିଜ ସାହିର ଅସ୍ଥାୟୀ ପୂଜା ମଣ୍ଡପକୁ ନେଇ ପୂଜାର୍ଚ୍ଚନା କରି ଆତ୍ମ ସନ୍ତୋଷ ଲାଭ କରିବା ସହ ଶ୍ରଦ୍ଧାଳୁ ମାନଙ୍କୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଏଥିରେ ଯାତ୍ରା କମିଟି ଓ ସାହି ପୂଜା କମିଟିର ସମସ୍ତ ସଦସ୍ୟେ ଉପସ୍ଥିତ ରହି ପରିଚାଳନା କରୁଥିଲେ । ଶୁକ୍ରବାର ସକାଳ ଆଳତୀ ସହ ଭକ୍ତଙ୍କ ଶେଷ ଦର୍ଶନ ପରେ ମା'ଙ୍କ ସମସ୍ତ ଭଉଣୀ ମାନଙ୍କୁ ନିଜସ୍ୱ ମନ୍ଦିରକୁ ଏବଂ ସନ୍ଧ୍ୟା ଆଳତୀ ପରେ ପରେ ଯଥା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ମଧ୍ୟ ରାତ୍ରରେ ମା' ପାଟଖଣ୍ଡାଙ୍କୁ ଏକ ଭାବବିହ୍ୱଳ



ପରିବେଶ ମଧ୍ୟରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ବିଭିନ୍ନ ପ୍ରକାର ବାଜା ବାଜଣା ନୃତ୍ୟ, ଗୀତ ମାଧ୍ୟମରେ ନିଜ ନିଜ ପୀଠକୁ ବିଦାୟ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ମା' ପାଟଖଣ୍ଡା ମନ୍ଦିରକୁ ଫୁଲ ଓ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା । ଦୀର୍ଘ ଏକମାସ ଧରି ଚାଲିଥିବା ଏହି ଯାତ୍ରାରେ ମୁଖ୍ୟ ପୁରୋହିତ ଭାବେ ସଞ୍ଜୟ କୁମାର ଦାସ ଦାୟିତ୍ୱ ତୁଲାଉଥିବା ବେଳେ ମୁଖ୍ୟ ପ୍ରଚାରକ ଭାବେ ନୀଳକଣ୍ଠ ମିଶ୍ର, ମୁଖ୍ୟ ସେବାକାରୀ ଭାବେ ସନ୍ତୋଷ କୁମାର ଦାସ ଏବଂ ମୁଖ୍ୟ ସେବକ ଭାବେ ପ୍ରକାଶ ଚନ୍ଦ୍ର ପାଢ଼ୀ ଓ ଶ୍ରୀକାନ୍ତ କୁମାର ପଣ୍ଡା ଉପସ୍ଥିତ ରହି ନିଜ ନିଜର ଦାୟିତ୍ୱ ସୁଚାରୁ ରୂପେ ପରିଚାଳନା କରିଥିବା ବେଳେ ସ୍ୱେଚ୍ଛାସେବୀ ଭାବେ ମିଷ୍ଟାନ୍ନ ଭୋଗ ବିକ୍ରୟ କେନ୍ଦ୍ରରେ ବଂଶୀଧର ପଣ୍ଡା, ଯୋଗେନ୍ଦ୍ର କୁମାର ଜେନା, ପ୍ରକାଶ ଚନ୍ଦ୍ର ମହାରଣା, ସନାତନ ମହାରଣା ସୁରେଶ ଚନ୍ଦ୍ର ମହାନ୍ତି, ପଦ୍ମ ଲୋଚନ ପଣ୍ଡା, ଜଗଦୀଶ ଚନ୍ଦ୍ର ବେହେରା ଓ ପ୍ରଫୁଲ୍ଲ କୁମାର ଗୌଡ଼ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଦାୟିତ୍ୱ ସମ୍ପାଦନା କରିଥିଲେ । ସେହିପରି ମା' ମାନଙ୍କ ନଗର ପରିକ୍ରମା ସମୟରେ ସନ୍ତୋଷ କୁମାର ପାଣିଗ୍ରାହୀ, ସୁରେଶ ଚନ୍ଦ୍ର ଦାସ, ରଶ୍ମି ରଞ୍ଜନ ମହାରଣା, ଦୟାନିଧି ମହାରଣା, ସୁରେନ୍ଦ୍ର କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରୁଥିବାବେଳେ ଷ୍ଟୁଡିଓ ବୁଲୁ ଯାତ୍ରାର ଟିକିନିଖି ଭିଡିଓ ଏବଂ ଫୋଟୋ ଉତ୍ତୋଳନ କରି ଲୋକ ଲୋଚନକୁ ଆଣିବାରେ ବିଶେଷ ଭୂମିକା ଗ୍ରହଣ କରିଥିଲେ । ପ୍ରବଳ ଗହଳି ଓ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ଆଖି ଆଗରେ ରଖି ପୋଲିସ ବିଭାଗ ପକ୍ଷରୁ ସମଗ୍ର ସହରରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

# ଜୀବ ଜଗତର ଶତ୍ରୁ ପାଲଟିଛି ପ୍ଲାଷ୍ଟିକ୍




**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଅବଦାଲପୁରସ୍ଥ ଉପେନ୍ଦ୍ର କୁମାର ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ପରିବେଶ ସମିତି, ଯାଜପୁର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ଆଞ୍ଚଳିକ ଶାଖା, କଳିଙ୍ଗ ନଗର ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ବିଶ୍ୱପରିବେଶ ଦିବସ ପାଳନ ଓ ଆଲୋଚନା ଚକ୍ର - 'ପ୍ଲାଷ୍ଟିକ ପ୍ରଦୂଷଣ ସମାପ୍ତ କରିବା' ଜିଲ୍ଲାପାଳ ତଥା ସମିତିର ଅଧ୍ୟକ୍ଷା ପି. ଅନ୍ୱେଷା ରେଡିଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଯାଇଛି କିପରି ବୃକ୍ଷ ରୋପଣ ଓ ପ୍ଲାଷ୍ଟିକ ପ୍ରଦୂଷଣ ନିୟନ୍ତ୍ରଣ କରି ପରିବେଶ ସୁରକ୍ଷା କରାଯାଇପାରିବ ତାହା ସେ ବର୍ଣ୍ଣନା କରିଥିଲେ । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ଆଞ୍ଚଳିକ ଅଧିକାରୀ ମଦନ ମୋହନ ସାହୁ ମୁଖ୍ୟବକ୍ତା ରୂପେ ଯୋଗଦେଇ ପ୍ଲାଷ୍ଟିକ ପ୍ରଦୂର୍ଷଣ ସମସ୍ୟା ଓ ଏହାର ସମାଧାନ ସମ୍ବନ୍ଧରେ ଆଲୋଚନା କରିଥିଲେ । ସହ ଉଦ୍ୟାନ ନିର୍ଦ୍ଦେଶକ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଉଦ୍ଭିଦର ଶତ୍ରୁ ପ୍ଲାଷ୍ଟିକକୁ କିପରି ଆମଠାରୁ ଦୁରେଇ ଦେଇ ପରିବା ସେ ସମ୍ବନ୍ଧରେ ଆଲୋଚନା କରିଥିଲେ । ଉପେନ୍ଦ୍ର କୁମାର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସଭାପତି ରୂପେ ସଭା ପରିଚାଳନା କରିଥିଲେ । ସମିତିର ସମ୍ପାଦକ ଡଃ ଶରତ କୁମାର ସାହୁ ଆଲୋଚନା ଚକ୍ରର ଉଦ୍ଦେଶ୍ୟ ଓ ଆବଶ୍ୟକତା ଉପରେ ସୂଚନା ପ୍ରଦାନ କରିଥିଲେ । ପଣ୍ଡିତ ଭୂପତି ଭୂଷଣ ମିଶ୍ର ସାମ୍ମାନିତ ଅତିଥି ରୂପେ ଯୋଗଦେଇ ସଚେତନତା ବାର୍ତ୍ତା ସହିତ କିଛି ପରିବେଶ କାର୍ଯ୍ୟ କରିବାକୁ ମତ ପୋଷଣ କରିଥିଲେ । ପରିବେଶ ସଚେତନତା ବିଶେଷତଃ ପ୍ଲାଷ୍ଟିକ ବିରୁଦ୍ଧରେ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ଇକୋ କ୍ଲବର ଛାତ୍ର ଓ ଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ତର୍କ, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୯ ଜୁନ,
ସୋମବାର, ୨୦୨୫


# ଫ୍ରେଞ୍ଚ ଓପନ୍ ଗଫ୍‌ଙ୍କୁ ପ୍ରଥମ ଟ୍ରଫି



**ପ୍ୟାରିସ୍**

ଚଳିତ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ମହିଳା ଏକକ ଟ୍ରଫି ଜିତି ନେଇଛନ୍ତି ଆମେରିକାର କୋକୋ ଗଫ୍। ଶନିବାର ରାତିର ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲ୍‌ରେ ଶୀର୍ଷ ସିଡ ବେଲାରୁଷର ଆରିନା ସାବାଲେଙ୍କାଙ୍କୁ ୭-୬, ୬-୨, ୬-୪ରେ ପରାସ୍ତ କରି ରୋଲାଁ ଗ୍ୟାରୋସ୍‌ରେ ପ୍ରଥମ ଥର ପାଇଁ ଟ୍ରଫି ଜିତିବାର ଗୌରବ ଅର୍ଜନ କରିଛନ୍ତି । ଏହି ଦ୍ୱିତୀୟ ସିଡ ଖେଳାଳି ୨୦୨୩ ମସିହାରେ ଘରୋଇ ପରିବେଶରେ ୟୁଏସ ଓପନ ଜିତିଥିବା ୨୧ବର୍ଷୀୟା ଗଫ୍‌ଙ୍କ କ୍ୟାରିୟରର ଏହା ହେଉଛି ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ବିଜୟ। ଅନ୍ୟପକ୍ଷରେ ନିଜ ପ୍ରଥମ ଫ୍ରେଞ୍ଚ ଓପନ ବିଜୟ ଲକ୍ଷ୍ୟରେ ଥିବା ସାବାଲେଙ୍କା ଲଢୁଆ ଖେଳିବା ସତ୍ତ୍ୱେ □ ଉପବିଜେତାରେ ସନ୍ତୁଷ୍ଟ ରହିଛନ୍ତି । ଫଳରେ କ୍ୟାରିୟରର ଚତୁର୍ଥ ଗ୍ରାଣ୍ଡସ୍ଲାମ ବିଜୟରୁ ବଞ୍ଚିତ ହୋଇଛନ୍ତି । ୨୭ ବର୍ଷୀୟା ସାବାଲେଙ୍କା ପ୍ରଥମ ସେଟ୍‌କୁ ଟାଇବ୍ରେକର୍‌ରେ ୭-୬ରେ ଜିତିବା ପରେ ଟ୍ରଫି ବିଜୟଠାରୁ ଗୋଟି ସେଟ ଦୂରରେ ଥିଲେ। ତେବେ ଗଫ ଦ୍ୱିତୀୟ ସେଟ୍‌ରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ସ୍ଥିତି ୧-୧ କରିନେବା ପରେ ସେ ଚାପରେ ପଡ଼ି ଯାଇଥିଲେ। ଶେଷରେ ନିର୍ଣ୍ଣାୟକ ତୃତୀୟ ସେଟ୍‌କୁ ୨ ପଏଣ୍ଟ୍ ବ୍ୟବଧାନରେ ଜିତି ଗଫ ଇତିହାସ ରଚିଥିଲେ। ଚମତ୍କାର ସର୍ଭିସ କରୁଥିବା ସାବାଲେଙ୍କାଙ୍କ ୫୧ଟି ଅନିଚ୍ଛାକୃତ ତ୍ରୁଟି ଶେଷରେ ମହଙ୍ଗା ସାବ୍ୟସ୍ତ ହୋଇଥିଲା।

# ବିରାଟ ଓ ରୋହିତଙ୍କୁ ଫେୟାରୱେଲ ଦେବ ସିଏ



**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳର ବରିଷ୍ଠ ଖେଳାଳି ତଥା ଟେଷ୍ଟ ଦଳର ପୂର୍ବତନ ଅଧିନାୟକ ରୋହିତ ଶର୍ମା ମେ ୭ରୁ ଟେଷ୍ଟ କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କରିଥିଲେ । ଏହାର ୫ ଦିନ ପରେ ଅର୍ଥାତ ମେ ୧୨ ତାରିଖରେ ଦଳର ତରକା ବ୍ୟାଟର ବିରାଟ କୋହଲି ଅପ୍ରତ୍ୟାଶିତ ଟେଷ୍ଟ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଥିଲେ। ହେଲେ ଏହି ଦୁଇ ଖେଳାଳିଙ୍କୁ ବିସିସିଆଇ ପକ୍ଷରୁ କୌଣସି ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇ ନାହିଁ।

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ଏ ପର୍ଯ୍ୟନ୍ତ ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ଟେଷ୍ଟ କ୍ରିକେଟ୍‌ରୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦେବ କି ନାହିଁ ଘୋଷଣା କରିନି। ହେଲେ ଅଷ୍ଟ୍ରେଲିଆ କ୍ରିକେଟ୍ ବୋର୍ଡ ରୋହିତ ଓ ବିରାଟଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବାକୁ ଯୋଜନା ପ୍ରସ୍ତୁତ କରିଛି । ଭାରତୀୟ ଦଳ ଚଳିତ ବର୍ଷ ଶେଷ ଆଡ଼କୁ ତିନି ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଖେଳିବାକୁ ଅଷ୍ଟ୍ରେଲିଆ ଗସ୍ତ କରିବ। ଏହି ଗସ୍ତରେ କ୍ରିକେଟ ଅଷ୍ଟ୍ରେଲିଆ ଏହି ଦୁଇ କିମ୍ବଦନ୍ତୀ କ୍ରିକେଟରଙ୍କ ପାଇଁ ସ୍ୱତନ୍ତ୍ର ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି।

କ୍ରିକେଟ ଅଷ୍ଟ୍ରେଲିଆର ସିଇଓ ଟଡ ଗ୍ରୀନବର୍ଗ କହିଛନ୍ତି, ଏହା ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ଶେଷ ଅଷ୍ଟ୍ରେଲିଆ ଗସ୍ତ ହୋଇପାରେ ଏବଂ ବୋର୍ଡ ଉଭୟଙ୍କ ମହାନ କ୍ରିକେଟ କ୍ୟାରିୟରକୁ ସମ୍ମାନିତ କରିବାକୁ ଚାହୁଁଛି । ଟଡ ଗ୍ରୀନବର୍ଗ ଏହା ମଧ୍ୟ କହିଛନ୍ତି, ମୁଁ ଜାଣିନାହିଁ ଏହା ସେମାନଙ୍କର ଶେଷ ଗସ୍ତ ହେବ କି ନାହିଁ, କିନ୍ତୁ ବୋର୍ଡ ରୋହିତ ଏବଂ ବିରାଟଙ୍କ ପାଇଁ ଏହି ଗସ୍ତ ସ୍ମରଣୀୟ କରିବାକୁ ଚାହାଁନ୍ତି ରୋହିତ ଶର୍ମା ଏବଂ ବିରାଟ କୋହଲି। ସମ୍ପ୍ରତି ଟେଷ୍ଟ କ୍ରିକେଟରୁ ଅବସର ନେଇଛନ୍ତି, କିନ୍ତୁ ଉଭୟେ ଏବେ ବି ଦିନିକିଆ ଖେଳୁଛନ୍ତି ।

କ୍ରିକେଟ ଅଷ୍ଟ୍ରେଲିଆ ଅନୁଭବ କରୁଛି ଯେ ରୋହିତ ଓ କୋହଲି ଯେକୌଣସି ସମୟରେ ଦିନିକିଆରୁ ଅବସର ନେଇ ପାରନ୍ତି । ତେଣୁ ଦୁଇ ତାରକା ଖେଳାଳି ଅଷ୍ଟ୍ରେଲିଆର ଏହି ଗସ୍ତକୁ ସ୍ୱତନ୍ତ୍ର କରିବାକୁ ଚାହାଁନ୍ତି ବୋଲି କ୍ରିକେଟ ଅଷ୍ଟ୍ରେଲିଆ କହିଛି। ତେଣୁ ଉଭୟଙ୍କ ସମ୍ମାନରେ ବିଦାୟକାଳୀନ ସମ୍ବର୍ଦ୍ଧନା ଆୟୋଜନ କରିବାକୁ ଯାଉଛି କ୍ରିକେଟ ଅଷ୍ଟ୍ରେଲିଆ।

# ଜିଲ୍ଲା ସ୍ତରୀୟ ଦ୍ୱିତୀୟ ସନ୍ତରଣ ପ୍ରତିଯୋଗିତା

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ବାରିପଦାର ଦେବେନ୍ଦ୍ରପୁର ସ୍ଥିତ ବିଜୁପଟ୍ଟନାୟକ ସନ୍ତରଣାଗାର ଠାରେ ଓଡିଶା ରାଜ୍ୟ ସନ୍ତରଣ ଆସୋସିଏସନ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଦ୍ୱିତୀୟ ସନ୍ତରଣ ପ୍ରତିଯୋଗିତା-୨୦୨୫ ଅନୁଷ୍ଠିତ ହୋଇଯାଇଛି ।

ଉକ୍ତ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ସମ୍ମାନନୀୟା ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ ଏବଂ ପଞ୍ଚମ ବାଟାଲିୟନର କମାଣ୍ଡାଣ୍ଟ ପ୍ରଶାନ୍ତ କୁମାର ନାୟକ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଏହି ଅବସରରେ ମହାରାଣୀ ପ୍ରତିଯୋଗିତାରେ ଅଂଶଗ୍ରହଣକାରି ଛାତ୍ର ଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇ ଉତ୍ସାହଭରା ଶବ୍ଦ ମାଧ୍ୟମରେ ସେମାନଙ୍କ ଭବିଷ୍ୟତ ଜୀବନ ଅଗ୍ରଗତିର ମଙ୍ଗଳ କାମନା କରିଥିଲେ। ସେହିପରି କମାଣ୍ଡାଣ୍ଟ ଶ୍ରୀ ନାୟକ କହିଥିଲେ ଯେ, ଅନ୍ୟାନ୍ୟ ଖେଳ କୁଦ ସହିତ ସନ୍ତରଣ ଶିଖିବା ନିଶ୍ଚିତ ଭାବେ ପିଲାମାନଙ୍କର ଏକ ଅନନ୍ୟ ପ୍ରତିଭା। ଏହା କେବଳ ଯେ ନିଜର ଦକ୍ଷତାର ପରିଚୟ ଦେଇ ଥାଏ ତା ନୁହେଁ, ବରଂ ଜଳରେ ବୁଡିଯିବା ଭଳି ଆକସ୍ମିକ ବିପଦ ସମୟରେ ଆତ୍ମରକ୍ଷାର ମାଧ୍ୟମ ସାଜିଥାଏ । କାରଣ ବନ୍ୟାବାତ୍ୟା ଓ ଅନ୍ୟାନ୍ୟ ସମୟରେ ଦୁର୍ଭାଗ୍ୟ ବଶତଃ ଲୋକମାନେ ପାଣିରେ ବୁଡି ମୃତ୍ୟୁ ମୁଖରେ ପଡ଼ିଥାନ୍ତି । ତେଣୁ ଛୋଟ ବେଳରୁ ସନ୍ତରଣ କୌଶଳ ତାଲିମ ନେଇଥିଲେ ଜଳରେ ବୁଡିଯିବା ଭଳି ଆକସ୍ମିକ ବିପଦରୁ ନିଜେ ରକ୍ଷା ପାଇବା ସହିତ ଅନ୍ୟ ମାନଙ୍କ ଅମୂଲ୍ୟ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇପାରିବେ।

ଆଜିର ଅନୁଷ୍ଠିତ ପ୍ରତିଯୋଗିତାରେ ପାଖାପାଖି ୧୦୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

ଉକ୍ତ ପ୍ରତିଯୋଗିତାକୁ ହୃର୍ଷୀ ମହାପାତ୍ର, ହେମନ୍ତ କୁମାର ବଳ, କମଳ କୁମାର କୁଅଁରବାବୁ ଓ ଅବିନାଶ ସାହୁ ଆୟୋଜନ କରିଥିଲେ।

# ଡି ଆର କେ କପ ଦିବାରାତ୍ର ୨୦-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ : କୋର ହାଣ୍ଟର୍ସ ବିଜୟୀ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଡି ଆର କେ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୧ମ ବାର୍ଷିକ ଡି ଆର କେ କପ ଦିବାରାତ୍ର ୨୦ - ୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୪ର୍ଥ ଦିନର ମ୍ୟାଚରେ କୋର ହାଣ୍ଟର୍ସ, ରାଫେଲ ରକେଟ୍‌ସ୍‌କୁ ୩ ୱିକେଟରେ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ରାଫେଲ ରକେଟ୍ସ ୧୯. ୧ ଓଭରରେ ସମସ୍ତ ଉଇକେଟ ହରାଇ ୯୮ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ସୁବ୍ରତ କୁମାର ସିଂ ୨୯ ଓ ରୁପମ ମହାନ୍ତି ୧୯ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ଅଭିଷେକ ପରିଡା, କ୍ଷମାସାଗର ବଳ ଓ ଯଶୋବନ୍ତ ସିଂ ୨ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଉତ୍ତରରେ କୋର ହାଣ୍ଟର୍ସ ୧୫. ୪ ଓଭରରେ ୭ ଉଇକେଟ ହରାଇ ୯୯ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଦଳ ପକ୍ଷରୁ ଦିବ୍ୟେଶ ମହାନ୍ତି ୪୪ ଏବଂ କ୍ଷମାସାଗର ବଳ ଓ ଦୀପକ ବେହେରା ୧୧ ରନ ଲେଖାଏଁ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ସିଦ୍ଧାର୍ଥ ସିନ୍‌ହା, ପ୍ରୀତିଦେବ ଜେନା ଓ ବିଶ୍ୱଜିତ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଅମ୍ପାୟାର ଆଶୁତୋଷ ପାଣି ଓ ଦିଲ୍ଲୀପ ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ । ସୋମନାଥ ସିଂହ ଓ ବୁବୁ ସିନ୍‌ହା ଧାରାବିବରଣୀ ପ୍ରଦାନ କରିଥିଲେ । ଅତିଥି ଭାବେ ଟୁର୍ଣ୍ଣାମେଣ୍ଟର ଉପ ସଭାପତି କାଶୀନାଥ ରଣା, ପୂର୍ବତନ କ୍ରିକେଟ ଖେଳାଳି ଅଞ୍ଜନ ଜେନା ତଥା ଆୟୋଜକ ଅମିତାଭ ଦାସ ଓ ସତ୍ୟନାରାୟଣ ଜୀଉ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ନିରୋଜ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାଜ୍ୟ ସରକାରଙ୍କ ଏକ ବର୍ଷ ଓ କେନ୍ଦ୍ର ସରକାରଙ୍କ ୧୧ ବର୍ଷ

# ବିକଶିତ ଭାରତର ଅମୃତକାଳ

**ଜଳେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ସରକାରଙ୍କ ଏକ ବର୍ଷ ହୋଇଥିବା ବେଳେ କେନ୍ଦ୍ର ସରକାରଙ୍କ ଏଗାର ବର୍ଷ ବିକଶିତ ଭାରତର ଅମୃତକାଳ ସେବା, ସୁଶାସନ ଏବଂ ଗରିବ କଲ୍ୟାଣରେ କେନ୍ଦ୍ର ସରକାରଙ୍କ ଏଗାର ବର୍ଷ ଓ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହେଉଥିବା ବେଳେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ କୃଷ୍ଣନଗର ସ୍ଥିତ ଇସ୍କନ ମନ୍ଦିରର ସମ୍ମିଳନୀ କକ୍ଷରେ ଭାରତୀୟ ଜନତା ପାର୍ଟି, ବାଲେଶ୍ୱର (ଉତ୍ତର) ପକ୍ଷରୁ ଉତ୍ତର ବାଲେଶ୍ୱର ସାଂଗଠନିକ ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଆକର୍ଷଣ ଅତିଥି ଭାବେ ବାଲେଶ୍ୱର ଲୋକସଭା ସାଂସଦ ମାନ୍ୟବର ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସଫଳତା ସଂମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଗତ ଏପ୍ରିଲ ୨୨ରେ ଜମ୍ମୁକାଶ୍ମୀର ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣ ଯୋଗୁଁ ୨୬ ଜଣ ନିରିହ ପର୍ଯ୍ୟଟକଙ୍କର ମୃତ୍ୟୁ ଘଟିଥିଲା। ତେଣୁ ଜିଲ୍ଲା ସ୍ତରୀୟ କର୍ମଶାଳା ଆତଙ୍କବାଦ ଆକ୍ରମଣ ପରେ ପାକିସ୍ତାନ ଏବଂ ପାକ ଅଧିକୃତ କାଶ୍ମୀରେ ଆତଙ୍କବାଦୀ ଆଡା ଉପରେ ଭାରତୀୟ ସେନା ପକ୍ଷରୁ ଅପରେସନ ସିନ୍ଦୂର ଜରିଆରେ ଆତଙ୍କବାଦୀଙ୍କୁ କଡ଼ା ଜବାବ ଦିଆଯାଇଥିଲା। ଆତଙ୍କ ବିରୋଧ ଲଢ଼େଇ ଅପରେସନ ସିନ୍ଦୂର ସଫଳତାରେ ଆମ ବୀର ଓ ସାହସୀ ଯବାନମାନଙ୍କର କୈଶଳ ବୀରତ ଓ ପରାକ୍ରମ ସମଗ୍ର ଦେଶବାସୀଙ୍କୁ ତକିତ କରିବା ସହିତ ଗର୍ବ ଆଣିଦେଇଛି। କେନ୍ଦ୍ରରେ ବିଜେପି ସରକାରର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଗୃହ ମନ୍ତ୍ରୀ ଅମିତ ଶାହା ଅପରେସନ ସିନ୍ଦୂର ପରାକାଷ୍ଠାର ଗୋଟି ଚଳନା କରି ଭାରତୀୟ ସେନାର ମନୋବଳ କୁ ବଢାଇ ଛନ୍ତି ବୋଲି ମାନନୀୟ ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ପ୍ରକାଶ କରିଥିଲେ।ଏହି ଅସୀମ ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇ ଜଳେଶ୍ୱର ଚନ୍ଦନା ଛକ ଠାରୁ ଇସ୍କନ ମନ୍ଦିର ପର୍ଯ୍ୟନ୍ତ ପରିକ୍ରମା ଓ ଶୋଭଯାତ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶୋଭା ଯାତ୍ରାରେ ପୂର୍ବତନ ଉପାଧ୍ୟକ୍ଷ ତଥା ଯୁବ ନେତା ଏବଂ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ, ପୂର୍ବତନ ଜିଲ୍ଲା ସଭାପତି ଉମାକା ମହାପାତ୍ର, ବସ୍ତା ନିର୍ବାଚନୀ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ଅଣ୍ଡିଆ, ଭୋଗରାଇ ନିର୍ବାଚନୀ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଆଶିଷ କୁମାର ପାତ୍ର,ସମୀର ପାତ୍ର,ସମୀର ଦାସ, ରାଜେଶ ଖଟୁଆ, ଫଲଗୁନି ପାଣି ଗ୍ରାହୀ, କାଉନସିଲର ଚନ୍ଦନ ଦାସ,ଶିବ ନାରାୟଣ ମହାପାତ୍ର, ଶ୍ରୀକଣ୍ଠ ମହାନ୍ତି ଓ ବହୁ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମ କୁ ସଫଳ କରିଥିଲେ।



# ଜନ ସୁରକ୍ଷାର ଏକ ଦଶନ୍ଧି: ଭାରତର ସାମାଜିକ ଭବିଷ୍ୟତର ନିରାପତ୍ତା

**ଅନୀଲ ଗୁପ୍ତା**
ମାଇକ୍ରୋସେଭିଂ କନସଲ୍ଟିଂର ପାର୍ଟନର ଭାବେ କାର୍ଯ୍ୟରତ

ଭାରତରେ ଅସୁସ୍ଥତା, ଦୁର୍ଘଟଣା କିମ୍ବା ସମାଜର ସର୍ବନିମ୍ନ ଶ୍ରେଣୀରେ ବସବାସ କରୁଥିବା ପରିବାରର କୌଣସି ଜଣେ ଉପାର୍ଜନକ୍ଷମ ସଦସ୍ୟଙ୍କ ଉପାର୍ଜନ ହ୍ରାସ ଘଟଣା ସାଧାରଣ କଥା । ଏହି କାରଣରୁ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ବୃଦ୍ଧାବସ୍ଥାରେ ଭୀଷଣ ଆର୍ଥିକ ଅସୁରକ୍ଷିତ ପରିସ୍ଥିତିର ସାମ୍ନା କରିଥାଆନ୍ତି । କାରଣ ସେମାନଙ୍କ ନିମନ୍ତେ କୌଣସି ପ୍ରକାର ସାମାଜିକ ସୁରକ୍ଷା ବ୍ୟବସ୍ଥା ନଥିଲା । ଆନୁଷ୍ଠାନିକ ସାମାଜିକ ସୁରକ୍ଷା ବ୍ୟବସ୍ଥା, ଯଥା ବୀମା, ପେନସନ ଏବଂ ସାଧାରଣ କଲ୍ୟାଣ ଯୋଜନା ଅଧୁନା ବିଶ୍ୱର ଅନେକ ରାଷ୍ଟ୍ରରେ ଏକ ବିଧିବଦ୍ଧ ବ୍ୟବସ୍ଥାରେ ପରିଣତ ହୋଇସାରିଛି। ଭାରତରେ କିନ୍ତୁ ଏହିସବୁ ବ୍ୟବସ୍ଥା ଆନୁଷ୍ଠାନିକ କ୍ଷେତ୍ରରେ ଲାଗୁ କରାଯିବା ତଥାପି ବାକି ରହିଛି ।

ଭାରତରେ ବୀମାକରଣ ବ୍ୟବସ୍ଥାର ପହଞ୍ଚ ଏପର୍ଯ୍ୟନ୍ତ ଉପଯୁକ୍ତ ଭାବରେ ଚେର ଧରିନାହିଁ ବୋଲି କୁହାଯାଇପାରେ । ଅଧିକ ପରିମାଣର ପ୍ରିମିୟମ୍, ସଚେତନତାର ଅଭାବ ଏବଂ ଏହି ବ୍ୟବସ୍ଥା ଉପରେ ଲୋକମାନଙ୍କର ସ୍ୱଳ୍ପ ଆସ୍ଥା ଥିବାଯୋଗୁ ବୀମା ବ୍ୟବସ୍ଥାର ପ୍ରସାର ଆବଶ୍ୟକ ଅନୁସାରେ ଘଟିପାରିନାହିଁ ବୋଲି ବିବେଚନା କରାଯାଇପାରେ । ସ୍ୱଳ୍ପ ଅବଧିର ନିରାପତ୍ତା ଅଧିକତର କ୍ଷେତ୍ରରେ ସେହିଭଳି ଅବହେଳିତ ଓ ଅଗ୍ରହଣୀୟ ସ୍ଥିତିରେ ରହିଛି । କାରଣ ଗରିବ ଲୋକମାନଙ୍କ ସକାଶେ ଦୈନନ୍ଦିନ ଜୀବନଯାପନ ପାଇଁ ଅର୍ଥ ଯୋଗାଣ କରିବା କଷ୍ଟକର ହୋଇପଡ଼ିଥାଏ। ସେଭଳି କ୍ଷେତ୍ରରେ ଏହିସବୁ ଗରିବ ପରିବାରମାନେ ଅସଂଗଠିତ ବ୍ୟବସ୍ଥା, ଯଥା, ପାରିବାରିକ ସହାୟତା, ଗୋଷ୍ଠୀ ସହାୟତା କିମ୍ବା ଘରୋଇ ଉଧାରି ଉପରେ ହିଁ ଅଧିକତର ନିର୍ଭରଶୀଳ ହୋଇଥାଆନ୍ତି। ୨୦୧୯ ମସିହାରେ ଭାରତର ପେନସନ ବ୍ୟାପ୍ତ ମାତ୍ର ୩୦ ପ୍ରତିଶତରେ ରହିଥିଲା ଯାହାକି ଅନ୍ୟାନ୍ୟ ଏସୀୟ ରାଷ୍ଟ୍ର ଯଥା ଚୀନ୍, ଜାପାନ ଓ ଦକ୍ଷିଣ କୋରିଆ ତୁଳନାରେ ଯଥେଷ୍ଟ କମ।

ଭାରତ ସରକାର ୨୦୧୫ ମସିହା ମେ ମାସରେ ଜନ ସୁରକ୍ଷା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା (ପି.ଏମ. ଜେ.ଡି.ୱାଇ.) ସହିତ ଏକାସଙ୍ଗେ ପ୍ରବର୍ତ୍ତନ କରାଯାଇଥିବା ଏହିସବୁ କାର୍ଯ୍ୟକ୍ରମ ଦେଶର ସର୍ବାଧିକ ଅସୁରକ୍ଷିତ ବର୍ଗଙ୍କୁ ମୌଳିକ ସାମାଜିକ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦେବା ନିମନ୍ତେ ଅଭିପ୍ରେତ ଥିଲା । ସେଥିରେ ଜୀବନ ବୀମା ମାଧ୍ୟମରେ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା (ପି.ଏମ.ଜେ.ଜେ.ବି.ୱାଇ.), ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା (ପି.ଏମ.ଏସ.ବି.ୱାଇ.) ମାଧ୍ୟମରେ ଦୁର୍ଘଟଣା ବୀମା ସୁବିଧା ଏବଂ ଅଟଳ ପେନସନ ଯୋଜନା (ଏ.ପି.ୱାଇ.) ମାଧ୍ୟମରେ ଦେୟଯୁକ୍ତ ପେନସନ ଯୋଜନାର ଶୁଭାରମ୍ଭ କରାଯାଇଥିଲା।

ଏମ.ଏସ.ସି. ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନ ଦର୍ଶାଏ ଯେ ଏହିସବୁ କାର୍ଯ୍ୟକ୍ରମ ଭାରତର ସବୁଠାରୁ ପ୍ରଭାବୀ ପ୍ରୟାସକୁ ପ୍ରତିନିଧିତ୍ୱ କରନ୍ତି, ଯାହା ଫଳରେ ଯେଉଁସବୁ ଲୋକମାନଙ୍କ ନିକଟରେ ଏବେସୁଦ୍ଧା କୌଣସି ପ୍ରକାର ସାମାଜିକ ସୁରକ୍ଷା ବ୍ୟବସ୍ଥା ପହଞ୍ଚିପାରି ନଥିଲା। ସେହିଭଳି ଅସୁରକ୍ଷିତ ଏବଂ ଅବହେଳିତ ନାଗରିକମାନଙ୍କୁ ସର୍ବାଧିକ ସୁରକ୍ଷା ଯୋଗାଇ ଦେଇପାରିଛି । ଦଶବର୍ଷ ମଧ୍ୟରେ, ଏଥିରେ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇ ପାରିଛି ।

ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା (ପି.ଏମ.ଜେ.ଜେ.ବି.ୱାଇ.) ବାର୍ଷିକ ମାତ୍ର ୪୩୬ ଟଙ୍କାର ପ୍ରିମିୟମ ଦେଇ, ଅର୍ଥାତ୍, ଦିନକୁ ମାତ୍ର ୧ ଟଙ୍କା ବ୍ୟୟ କଲେ, ୨୦୦,୦୦୦ ଟଙ୍କାର ଜୀବନ ବୀମା ସୁରକ୍ଷାର ସୁଯୋଗ ପ୍ରଦାନ କରିଥାଏ। ୨୦୨୫ ମସିହା ଜାନୁଆରୀ ମାସ ସୁଦ୍ଧା, ଏହି ଯୋଜନାରେ ମୋଟ ୨୨୫ ନିଯୁତ ଲୋକ ସାମିଲ ହୋଇଛନ୍ତି, ଯାହାକି ୨୦୧୬-୧୭ ଆର୍ଥିକ ବର୍ଷରେ ମାତ୍ର ୩୧ ନିଯୁତ ଥିଲା । ଏହି ଯୋଜନାରେ କ୍ଷତିପୂରଣ ରାଶି ପ୍ରଦାନ ମାମଲା ସମାଧାନ ହାର ବର୍ତ୍ତମାନ ୯୬ ପ୍ରତିଶତ ଛୁଇଁଛି।

ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା (ପି.ଏମ.ଏସ.ବି.ୱାଇ.) ହିତାଧିକାରୀମାନଙ୍କୁ ମାତ୍ର ୨୦ ଟଙ୍କାର ବାର୍ଷିକ ପ୍ରିମିୟମ ଦେଇ ୨୦୦,୦୦୦ ଟଙ୍କାର ଦୁର୍ଘଟଣା ଜନିତ ବୀମା ସୁରକ୍ଷା ପ୍ରଦାନ କରିଆସୁଛି । ଏହି ବୀମା ସୁବିଧା ୧୮ରୁ ୭୦ ବର୍ଷର ଆୟୁ ବର୍ଗରେ ଥିବା ଲୋକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ। ଏହି ଯୋଜନାରେ ୨୦୨୫ ମସିହା ଜାନୁଆରୀ ମାସ ସୁଦ୍ଧା ୪୯୧ ନିଯୁତ ଲୋକ ନାମ ପଞ୍ଜୀକରଣ କରିଛନ୍ତି। ଏବେସୁଦ୍ଧା ଏଥିରେ କରାଯାଇଥିବା ୧୯୮,୪୪୬ ଗୋଟି ଦୁର୍ଘଟଣାଜନିତ କ୍ଷତିପୂରଣ ଦାବି ଦରଖାସ୍ତରୁ ୧୫୦,୮୦୫ ଗୋଟି ଆବେଦନକାରୀଙ୍କ ଦାବି ଫଇସଲା କରାଯାଇସାରିଛି ଏବଂ ସେମାନଙ୍କ ମୋଟ ୨,୯୯୪.୭୫ କୋଟି ଟଙ୍କାର କ୍ଷତିପୂରଣ ରାଶି ମିଳିସାରିଛି। ଏଥିରେ ସେଟଲମେଣ୍ଟ ହାର ୭୫ ପ୍ରତିଶତ ରହିଛି ।

ସେହିଭଳି ଅଟଳ ପେନସନ ଯୋଜନା (ଏ.ପି.ୱାଇ.) ଯାହାକି ଅଧିକ ଜଟିଳ ବୋଲି ହେତୁ କରାଯାଇଥାଏ। ସେଥିରେ ମଧ୍ୟ ଦ୍ରୁତ ପ୍ରଗତି ପରିଲକ୍ଷିତ ହୋଇଛି। ଏହି କାର୍ଯ୍ୟକ୍ରମ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ଯେଉଁମାନଙ୍କ ବୟସ ୧୮ରୁ ୪୦ ବର୍ଷ ମଧ୍ୟରେ ହୋଇଥିବ ସେମାନଙ୍କ ନିଜର ପ୍ରିମିୟମ ଦେୟ ଅନୁସାରେ ମାସିକ ୧,୦୦୦ରୁ ୫,୦୦୦ ଟଙ୍କା ପର୍ଯ୍ୟନ୍ତ ପେନସନ ପ୍ରଦାନର ବ୍ୟବସ୍ଥା ରହିଛି । ୨୦୨୫ ମସିହା ଜାନୁଆରୀ ମାସ ଶେଷ ସୁଦ୍ଧା ଏଥିରେ ୭୩.୩ ନିଯୁତ ନାଗରିକ ନିଜର ନାମ ପଞ୍ଜୀକରଣ କରିଛନ୍ତି ଯାହାକି ୨୦୧୯ ମସିହା ମାର୍ଚ୍ଚ ମାସ ସୁଦ୍ଧା ମାତ୍ର ୧୫.୪ ନିଯୁତ ଥିଲା । ତେଣୁ ଏହି ଯୋଜନା ଧୀରେ ଧୀରେ ଅଧିକ ଆଦୃତି ଲାଭ କରୁଛି ।

ଏହିସବୁ ଯୋଜନାର ସମ୍ପ୍ରସାରଣ ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନାର ଦ୍ୱାରା ସୃଷ୍ଟି କରାଯାଇଥିବା ସଂସାଧନଦ୍ୱାରା ସମ୍ପ୍ରସାରିତ ହୋଇପାରିଛି ବୋଲି କୁହାଯାଇପାରେ। ଦେଶରେ କୋଟି କୋଟି ଲୋକଙ୍କ ବ୍ୟାଙ୍କରଜମାଖାତା ଖୋଲାଯିବା ଦ୍ୱାରା ଏଭଳି ବ୍ୟାପକ ଆର୍ଥିକ ପହଞ୍ଚ ନିମନ୍ତେ ସୁଯୋଗ ପ୍ରଦାନ କରିଛି । ଏମ.ଏସ.ସି.ର ଅଧ୍ୟୟନ ଯାହା ଅଧିକ ଗୁରୁତ୍ୱର ସହିତ ସୂଚାଏ, ତାହାହେଲା ଅଟୋ- ଡେବିଟ ବୈଶିଷ୍ଟ୍ୟ ଯାହା ଜନ ଧନ ଜମାଖାତା ସହିତ ଜଡ଼ିତ ଏବଂ ପ୍ରିମିୟମ ପ୍ରଦାନ ବ୍ୟବସ୍ଥାର ସରଳୀକରଣ। ଏହି ବ୍ୟବସ୍ଥା ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା (ପି.ଏମ.ଜେ.ଜେ.ବି.ୱାଇ.) ଏବଂ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା (ପି.ଏମ.ଏସ.ବି.ୱାଇ.) ପାଇଁ କରାଯାଇଛି ଯାହା ଫଳରେ ବ୍ୟକ୍ତିଗତ ଭାବରେ ବୀମାର ପୁନଃ ନବୀକରଣ ଆବଶ୍ୟକତାକୁ ଦୂର କରିଛି । ଅଧିକନ୍ତୁ, ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନାର ବ୍ୟାପକ ଗ୍ରହଣୀୟତା ଏବଂ ଆର୍ଥିକ ସାକ୍ଷରତା ଉପକ୍ରମ ଲୋକମାନଙ୍କ ମନରେ ସଚେତନତା ବୃଦ୍ଧି କରିଛି ଏବଂ ସମାଜର ତଳ ସ୍ତରରେ ବସବାସ କରୁଥିବା ଲୋକମାନଙ୍କୁ ଏଭଳି ସୁରକ୍ଷା ବ୍ୟବସ୍ଥାରେ ସାମିଲ ହେବାକୁ ପ୍ରୋତ୍ସାହିତ କରିଛି।

କେବଳ ସଂଖ୍ୟାର ହିସାବ ଦୃଷ୍ଟିରୁ ନୁହେଁ, ଏହିସବୁ ଯୋଜନାର ବାସ୍ତବ ପ୍ରଭାବ । ଯେଉଁସବୁ ଲୋକମାନେ ଏଥିରେ ସାମିଲ ହୋଇଛନ୍ତି ସେମାନଙ୍କ ଦୈନନ୍ଦିନ ଜୀବନଚର୍ଯ୍ୟାରେ ମଧ୍ୟ ପ୍ରତିଫଳିତ ହୋଇଥିବା ସହଜରେ ଲକ୍ଷ୍ୟ କରାଯାଇପାରିବ। ଆକସ୍ମିକ ଭାବରେ ସ୍ୱାମୀ ହରାଇ ବିଧବା ହୋଇଥିବା ବିହାରର ଜଣେ ମହିଳା,ଏହି ବୀମା ବ୍ୟବସ୍ଥା ଯୋଗୁ ନିଜର ସମସ୍ତ ଋଣ ପରିଶୋଧ କରିବା ସହିତ ନିଜର ସନ୍ତାନମାନଙ୍କ ଶିକ୍ଷାଦୀକ୍ଷାର ଖର୍ଚ୍ଚ ମଧ୍ୟ ତୁଲାଇବାକୁ ସକ୍ଷମ ହୋଇପାରିଛନ୍ତି । କାରଣ ବୀମା କ୍ଷତିପୂରଣ ରାଶି ମିଳିବା ପରେ ସେ ଏହିସବୁ ବ୍ୟୟଭାର ତୁଲାଇ ପାରିଛନ୍ତି। ସେହିଭଳି ଉତ୍ତର ପ୍ରଦେଶର ଜଣେ ରାସ୍ତାକଡ଼ର ବୁଲା ବିକାଳୀ ଅଟଳ ପେନସନ ଯୋଜନାରେ ପ୍ରତି ମାସରେ ପ୍ରିମିୟମ ଟଙ୍କା ଜମା କରନ୍ତି । ସେ ଆଶା କରନ୍ତି ଯେ ବାର୍ଦ୍ଧକ୍ୟ ଅବସ୍ଥାରେ ସେ ଆତ୍ମ ମର୍ଯ୍ୟାଦାର ସହିତ ଜୀବନ ବଂଚିପାରିବେ। ଏଭଳି ନୀରବତାର କାହାଣୀ ଅନେକ ରହିଛି ଯାହା ଆମ ଦୃଷ୍ଟିକୁ ଆସି ନଥାଏ।

ଏହା ସତ୍ତ୍ୱେ, ଏକଥା ମଧ୍ୟ ସ୍ୱୀକାର କରିବାକୁ ହେବ ଯେ ସାମାଜିକ ସୁରକ୍ଷା କ୍ଷେତ୍ରରେ ଏବେସୁଦ୍ଧା ଯଥେଷ୍ଟ ବୈଷମ୍ୟ ରହିଛି । ଅନେକ ଯୋଗ୍ୟ ଲୋକ ଏହିସବୁ ଯୋଜନାମାନଙ୍କ ସମ୍ପର୍କରେ ସମ୍ପୂର୍ଣ୍ଣ ରୂପେ ଅବହିତ ହୋଇପାରି ନାହାନ୍ତି । ବୀମା ରାଶି ଦାବି ବ୍ୟବସ୍ଥା ମଧ୍ୟ ସେତିକି ସହଜ ଓ ସୁସଙ୍ଗତ ହୋଇନାହିଁ, ବିଶେଷ କରି ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ସକାଶେ ଏହା ସେତିକି ସହଜ ହୋଇନାହିଁ । ଏହାର କାରଣ ଗ୍ରାମାଞ୍ଚଳରେ ଡିଜିଟାଲ ଉପଲବ୍ଧତାର ସୀମିତତା ଏବଂ ଆନୁଷ୍ଠାନିକ ସହାୟତାର ଅଭାବ । ସେହିଭଳି କଭରେଜ ମୂଲ୍ୟ ମଧ୍ୟ ମୁଦ୍ରାସ୍ଫୀତି ସହିତ ସମାନୁପାତିକ ଭାବେ ତାଳ ଦେବାରେ ବିଫଳ ହୋଇଛି। ପ୍ରଯୁକ୍ତି ଆମକୁ ଅନେକ ମାତ୍ରାରେ ସହାୟକ ହୋଇଛି ସତ, କିନ୍ତୁ ନିର୍ଭରଯୋଗ୍ୟ ମଧ୍ୟସ୍ଥ ମଧ ରହିବା ଜରୁରୀ। ଯେଉଁମାନେ ସାଧାରଣ ଲୋକଙ୍କୁ ଉପଯୁକ୍ତ ଭାବରେ ବୁଝାଇ ପାରିବେ, ସହାୟତା କରିପାରିବେ ଏବଂ ସେମାନଙ୍କ ପାଇଁ ମଧ୍ୟ ଓକିଲାତି କରିପାରିବେ।

ଏହାର ଭବିଷ୍ୟତକୁ ଲକ୍ଷ୍ୟ କଲେ, ଜଣାଯାଏ ଯେ ଅର୍ଥ ନିବେଶ ନିମନ୍ତେ ବୀମାଧାରୀମାନଙ୍କ ଇଚ୍ଛାଶକ୍ତି ହିଁ ସବୁଠାରୁ ବଡ଼ କାରଣ। ଯାହା ଏହି ଡେଲିଭରୀ ବ୍ୟବସ୍ଥାକୁ ଅଧିକ ସକ୍ରିୟ କରିପାରିବ ଏବଂ ସମାଜର ଶେଷତମ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିପାରିବ। ତେଣୁ ଉତ୍ତରଦାୟିତ୍ୱ ବ୍ୟବସ୍ଥାର ସୁଦୃଢୀକରଣ, ମାନବୀୟ ସାକ୍ଷାତ ଆଲୋଚନା ସହାୟତା, ଏବଂ ଅଭିଯୋଗ ସମାଧାନ ବ୍ୟବସ୍ଥାର ସମ୍ପ୍ରସାରଣ ଏହି ବୀମା ଯୋଜନାର ସମାନତା ଓ ବିଶ୍ୱସନୀୟତାକୁ ଅଧିକ ମଜଭୁତ କରିପାରିବ।

ଭାରତ ବର୍ତ୍ତମାନ ୫ ଟ୍ରିଲିୟନ ଆମେରିକୀୟ ଡଲାର ଅର୍ଥ ବ୍ୟବସ୍ଥାରେ ପରିଣତ ହେବାଲାଗି ପ୍ରୟାସ ଜାରି ରଖିଛି। ତେଣୁ ସାମାଜିକ ନିରାପତ୍ତାକୁ କଦାପି ଏକ ପରବର୍ତ୍ତୀ ପର୍ଯ୍ୟାୟର କାର୍ଯ୍ୟପନ୍ଥା ବୋଲି ଏଡାଇ ଦିଆଯାଇ ପାରିବନାହିଁ । ୨୦୧୪ ଠାରୁ ୨୦୨୪ ମସିହା ମଧ୍ୟରେ, ଦେଶର ଅର୍ଥବ୍ୟବସ୍ଥା ହାରାହାରି ଦ୍ୱିଗୁଣିତ ହୋଇଛି। ତଥାପି, ବୀମା ବ୍ୟାପ୍ତି ଏବେ ସୁଦ୍ଧା ୩.୭ ପ୍ରତିଶତ, ଅର୍ଥାତ ଖୁବ ସ୍ୱଳ୍ପ ମାତ୍ରାରେ ରହିଛି ଏବଂ ବୀମା ସାନ୍ଦ୍ରତା ୨୦୨୪ ଆର୍ଥିକ ବର୍ଷରେ ମାତ୍ର ୯୫ ଆମେରିକୀୟ ଡଲାର ରହିଛି ଯାହାକି ବୈଶ୍ୱିକ ହାରାହାରି ମାତ୍ରା ୭ ପ୍ରତିଶତ ଏବଂ ୮୮୯ ଆମେରିକୀୟ ଡଲାରଠାରୁ ଢେର କମ।

ଆର୍ଥିକ ଅଭିବୃଦ୍ଧି ସତ୍ତ୍ୱେ ଏବେସୁଦ୍ଧା କୋଟି କୋଟି ଲୋକ ଅସୁରକ୍ଷିତ ଅବସ୍ଥାରେ ରହିଛନ୍ତି। ଯାହାକି କୌଣସି ଦୃଷ୍ଟିରୁ ସମାବେଶୀ ଅବା ପୋଷଣୀୟ ନୁହେଁ । ଏହି ଦିଗରେ ଜନ ସୁରକ୍ଷା କାର୍ଯ୍ୟକ୍ରମ ଏକ ଉଚିତ ପଦକ୍ଷେପ ବୋଲି ବିବେଚନା କରାଯାଇପାରେ । ତେବେ, ଏହାର ନିରବଚ୍ଛିନ୍ନ ସମ୍ପ୍ରସାରଣ ନିମନ୍ତେ ଅଧିକ ତ୍ୱରାନ୍ୱିତ ଭାବରେ କାର୍ଯ୍ୟପନ୍ଥା ଗ୍ରହଣର ଆବଶ୍ୟକତା ରହିଛି, ଯାହା ଫଳରେ ଅଭାବଗ୍ରସ୍ତ ଲୋକମାନଙ୍କ ମଧ୍ୟରେ ଏହାର ପ୍ରସାର ଘଟିପାରିବ, ସେମାନେ ସଚେତନ ହୋଇପାରିବେ, ଯୋଜନା ଉତ୍ତମ ରୂପେ ପ୍ରବର୍ତ୍ତନ କରାଯାଇପାରିବ, ଉଦ୍ଦେଶ୍ୟ ସାଧନ ଅନୁସାରେ ଏହାର ବ୍ୟାପ୍ତି ଘଟିବ। ସେଥି ପାଇଁ କ୍ରମବଦ୍ଧ ଭାବରେ ନୀତିଗତ ଦୃଷ୍ଟିପାଦ ଏବଂ ନିବେଶ ମଧ୍ୟ ସୁନିଶ୍ଚିତ ହେବା ଜରୁରୀ। ଏହା ଫଳରେ ହିଁ ଯେଉଁମାନଙ୍କ ନିମନ୍ତେ ଏଭଳି ସାମାଜିକ ନିରାପତ୍ତା ସବୁଠାରୁ ଅଧିକ ଜରୁରି ତାହା ସେମାନଙ୍କ ନିକଟରେ ପହଞ୍ଚିପାରିବ ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୯ ଜୁନ୍ ୨୦୨୫ ସୋମବାର





## ଇଣ୍ଡିଆନ୍ ବିଲ୍ଡିଂ କଂଗ୍ରେସର ବୈଷୟିକ କର୍ମଶାଳା ଉଦ୍‌ଘାଟିତ

# ଆଧୁନିକ ଜ୍ଞାନକୌଶଳକୁ ବ୍ୟବହାର କରି ନିର୍ମାଣର ସ୍ଥାୟିତ୍ୱ ଉପରେ ପୂର୍ତ୍ତ ମନ୍ତ୍ରୀଙ୍କ ଗୁରୁତ୍ୱ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବର୍ତ୍ତମାନ ଯୁଗ ହେଉଛି ଆଧୁନିକ ଜ୍ଞାନକୌଶଳର ଯୁଗ । ବିଭିନ୍ନ ଟେକ୍‌ନୋଲୋଜି ତଥା କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ କରି ବହୁ ଆସାଧ କାର୍ଯ୍ୟକୁ କମ୍ ସମୟ ମଧ୍ୟରେ ସମ୍ଭବ କରିହେଉଛି । ରାଜ୍ୟ ସରକାର ସବୁବେଳେ ଉନ୍ନତ ଭିତ୍ତିଭୂମି ନିର୍ମାଣ ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି । ତେଣୁ ଆଧୁନିକ ଜ୍ଞାନକୌଶଳ ଓ ସବୁ ପ୍ରକାର ଟେକ୍‌ନୋଲୋଜିର ବ୍ୟବହାର କରି ଉନ୍ନତ ତଥା ଉତ୍କୃଷ୍ଟ ଭିତ୍ତିଭୂମି ନିର୍ମାଣ କରିବାକୁ ପୂର୍ତ୍ତ, ଆଇନ, ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି ।
ଇଣ୍ଡିଆନ୍ ବିଲ୍ଡିଂ କଂଗ୍ରେସ (ଆଇବିସି)ର କାର୍ଯ୍ୟକାରିଣି କମିଟି ବୈଠକ ଏବଂ ବୈଷୟିକ କର୍ମଶାଳା ରବିବାର ଏଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ଏବଂ ଆଇବିସି ପକ୍ଷରୁ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ଭୌଗୋଳିକ ଦୃଷ୍ଟିକୋଣରୁ




ଦେଖିବାକୁ ଗଲେ ଓଡ଼ିଶା ଏକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ଭାବେ ପରିଗଣିତ । ନିୟମିତ ଭାବେ ବନ୍ୟା, ବାତ୍ୟା ସହ ଅନେକ ସମୟରେ ଭୂମିକମ୍ପ ଘଟଣା ନଜରକୁ ଆସୁଛି । ଏହାକୁ ଦୃଷ୍ଟିରେ ରଖି ଆଗକୁ ନିର୍ମାଣ ହେବାକୁ ଥିବା ପ୍ରତ୍ୟେକ ଭିତ୍ତିଭୂମିଗୁଡ଼ିକ ବିପର୍ଯ୍ୟୟ ସହନଶୀଳ ହେବା ସହ ସମସ୍ତ ଆଧୁନିକ ବ୍ୟବସ୍ଥାରେ ପରିପୂର୍ଣ୍ଣ ହେବା ଆବଶ୍ୟକ ରହିଛି । ତେଣୁ ଏହାକୁ ଦୃଷ୍ଟିରେ ରଖି ଆଧୁନିକ ଜ୍ଞାନକୌଶଳର ଉପଯୋଗ କରି ପରିବେଶ ସହନଶୀଳ ନିର୍ମାଣକୁ ଗୁରୁତ୍ୱ ଦେବା ପାଇଁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବୈଠକରେ ଯୋଗ ଦେଇଥିବା ଇଂଜିନିୟରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଅଣ୍ଡରଗ୍ରାଉଣ୍ଡ ମେଟ୍ରୋଠାରୁ ଆରମ୍ଭ କରି ଅନେକ ବଡ଼ ବଡ଼ ପ୍ରକଳ୍ପ ଓଡ଼ିଶାରେ କାର୍ଯ୍ୟକାରୀ ହେବାକୁ ଯାଉଛି । ତେଣୁ ଏହିସବୁ ପ୍ରକଳ୍ପକୁ ନିର୍ମାଣ ସମୟରେ ସବୁଠୁ ଉନ୍ନତ ଟେକ୍‌ନୋଲୋଜି ଏବଂ ବର୍ଜ୍ୟବସ୍ତୁ ବ୍ୟବହାର ଉପରେ ସେ ଗୁରୁତ୍ୱ ଦେଇଥିଲେ । ଅନ୍ୟ ପକ୍ଷରେ ଇଂଜିନିୟରମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ନିୟମିତ ବ୍ୟବଧାନରେ ଟ୍ରେନିଂ କାର୍ଯ୍ୟକ୍ରମ ଆୟୋଜନ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଆଇବିସି ଓଡ଼ିଶା ଚାପ୍ଟରର ଅଧ୍ୟକ୍ଷ ବିଜୟ ଚନ୍ଦ୍ର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଆଇବିସି, ନୂଆଦିଲ୍ଲୀର ସଭାପତି ଇଂ. ସି. ଦେବନାଥ ଏବଂ ପ୍ରତିଷ୍ଠାନ ସଭାପତି ଇଂ. ଓ.ପି. ଗୋଏଲ୍ ଆଇବିସିର କାର୍ଯ୍ୟଧାରା ସହ ଇଂଜିନିୟରମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ନିୟମିତ କର୍ମଶାଳା ଆୟୋଜନ ଏବଂ ପରସ୍ପର ମଧ୍ୟରେ ଅଭିଜ୍ଞତା ବଂଟନ, ନୂଆ ଟେକ୍‌ନୋଲୋଜିର ବ୍ୟବହାର ଉପରେ ନିଜର ମତ ରଖିଥିଲେ । ଏହି ଅବସରରେ ଇଂ. ଏମ୍ ମୁରୁଗେସନ୍ ଅଣ୍ଡରଗ୍ରାଉଣ୍ଡ ମେଟ୍ରୋ ପ୍ରକଳ୍ପ ନିର୍ମାଣରେ ଆହ୍ୱାନ ଏବଂ ବିକଳ୍ପ ଡିଜାଇନ୍‌ର ଉପଯୋଗ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ହରିଚନ୍ଦନଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚିତ ହେବା ସହ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଆଇବିସିର ସମ୍ପାଦକ ଶ୍ରୀ ଭି. ଆର. ବଂଶଲ ଧନ୍ୟବାଦ ଅର୍ପଣ କରିଥିଲେ ।




ଭୁବନେଶ୍ୱର : ଲୋକସେବା ଭବନ କନଭେନସନ ସେଣ୍ଟର ଠାରେ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ସାଂସଦ ଓ ବିଧାୟକଙ୍କ ସହ ବିଶେଷ ଅଧିବେଶନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । (ଫଟୋ : ସମ୍ବାଦ କଳିକା)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୩୦ ଜିଲ୍ଲା ପାଇଁ ...

ହୋଟେଲ ଓ ଲଜରେ ବାସସ୍ଥାନ ପାଇଁ ବହୁତ ଅର୍ଥ ଖର୍ଚ୍ଚ କରିବାକୁ ବାଧ୍ୟ ହୁଅନ୍ତି । ୩୦ଟି ଅତିଥି ଭବନ ନିର୍ମାଣ ସହିତ ଏହି ସମସ୍ୟାଗୁଡ଼ିକର ସମାଧାନ ହେବ ବୋଲି ସେ କହିଛନ୍ତି । ରାଜ୍ୟ ସରକାର ପ୍ରତ୍ୟେକ ଜିଲ୍ଲା ପାଇଁ ଏକ ଅତିଥି ଭବନ ନିର୍ମାଣ କରିବେ । ପ୍ରତ୍ୟେକ ଅତିଥି ଭବନର ନାମ ଏକ ଜିଲ୍ଲାର ନାମାନୁସାରେ ରଖାଯିବ ବୋଲି ଶ୍ରୀ ପୂଜାରୀ ପ୍ରକାଶ କରିଛନ୍ତି । ଏହି ଅତିଥି ଭବନଗୁଡ଼ିକରେ ମୋଟ ୩,୦୦୦ କୋଠରୀ ରହିବ, ଯାହା ରାଜ୍ୟର ଦୂରଦୂରାନ୍ତରୁ ବିଭିନ୍ନ ସେବା ଗ୍ରହଣ କରିବା ପାଇଁ ରାଜଧାନୀକୁ ଆସୁଥିବା ଲୋକଙ୍କ ପାଇଁ ଉପଲବ୍ଧ ହେବ ବୋଲି ସେ କହିଛନ୍ତି ।

### ବର୍ଷାରେ ଭିଜିବ ରଜ ...

୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ କାଳବୈଶାଖୀ ସମ୍ଭାବନା ଥିବା ସୂଚନା ଦେଇଛି ଆଞ୍ଚଳିକ ପାଣିପାଗ ବିଭାଗ ।

### ରାଜ୍ୟରେ ବଢୁଛି ...

ବେଳେ ତାମିଲନାଡୁରେ ୨୦୮ ଟି ମାମଲା ଚିହ୍ନଟ କରିଛି ସ୍ୱାସ୍ଥ୍ୟ ବିଭାଗ । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏହାର ମୁକାବିଲା ଲାଗି ରାଜ୍ୟମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଓ ଯଥେଷ୍ଟ ପରିମାଣର ଅକ୍ସିଜେନ ସିଲିଣ୍ଡର ଗଚ୍ଛିତ ରଖିବାକୁ ମାର୍ଗଦର୍ଶିକା ଜାରି କରିଛନ୍ତି । ହାତ ସାନିଟାଇଜ କରିବା, କାଶ କିମ୍ବା ଛିଙ୍କ ହେଲେ ରୁମାଲ ବା ମାସ୍କ ବ୍ୟବହାର କରିବା, ଶରୀର ଅସୁସ୍ଥ ଥିଲେ ଭିଡ଼ଠୁ ଦୂରେଇ ରହିବାକୁ ପରାମର୍ଶ ଦେଇଛି ମନ୍ତ୍ରଣାଳୟ । ସେହିପରି ଶ୍ୱାସଜନିତ ସମସ୍ୟା କିମ୍ବା ଅସୁସ୍ଥ ଅନୁଭବ କଲେ ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନେବାକୁ କୁହାଯାଇଛି । ଅଯଥା ଗୁଜବକୁ ବିଶ୍ୱାସ ନକରିବାକୁ କହିଛି ମନ୍ତ୍ରଣାଳୟ । ସେପଟେ ସମସ୍ତ ରାଜ୍ୟକୁ ଆବଶ୍ୟକୀୟ ପରିମାଣର ଅକ୍ସିଜେନ ମହଜୁଦ ରଖିବା ସହ ମେଡ଼ିକାଲ ବେଡ, ଭେଣ୍ଟିଲେଟର, ଆବଶ୍ୟକୀୟ ପରିମାଣର ଔଷଧ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ । ମାର୍ଗଦର୍ଶିକା ଆସିବା ପୂର୍ବରୁ କ୍ୟାପିଟାଲ ହସ୍ପିଟାଲରେ ଜରୁରୀକାଳୀନ ମକଡ୍ରିଲ କରାଯାଇଥିବା ସୂଚନା ଦେଇଛନ୍ତି କ୍ୟାପିଟାଲ ହସ୍ପିଟାଲ ଉପ-ଅଧିକ୍ଷକ । ଅକ୍ସିଜେନ ଯାଞ୍ଚ ସମେତ ଆଇସୋଲେସନ ୱାର୍ଡ ପ୍ରସ୍ତୁତ ରଖାଯାଇଛି । ଏହା ସହ ଆବଶ୍ୟକସ୍ଥଳେ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି ହୋଇଥିବା ରୋଗୀଙ୍କ କୋଭିଡ ପରୀକ୍ଷା କରାଯାଉଛି । ରାଜ୍ୟରେ ଆଉ ୭ ନୂଆ କୋଭିଡ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାଫଳରେ ଓଡ଼ିଶାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪୫କୁ ବୃଦ୍ଧି ପାଇଛି । ସେମାନଙ୍କ ମଧ୍ୟରୁ ୧୨ ଜଣ ସୁସ୍ଥ ହୋଇସାରିଲେଣି । ଏବେ ସକ୍ରିୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୩ ବୋଲି ରବିବାର ଏନେଇ ସୂଚନା ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏହି ପ୍ରଜାତି ୨୦୨୩ ଅଗଷ୍ଟରେ ଚିହ୍ନଟ ହୋଇଥିଲା । ଏହା ଓମିକ୍ରନର ଏକ ଉପପ୍ରଜାତି; ସେତେଟା ଘାତକ ନୁହେଁ । ଏଥିରେ ମଧ୍ୟମ ଧରଣର ଜ୍ୱର, କାଶ ଓ ଥଣ୍ଡା ହୋଇଥାଏ । ତେବେ ବୟସ୍କ ଓ ଏକାଧିକ ଜଟିଳ ରୋଗ ଥିବା ବ୍ୟକ୍ତିମାନଙ୍କ ପାଇଁ ଏହା ଘାତକ ହୋଇପାରେ । ତେଣୁ ଏହି ବର୍ଗର ଲୋକମାନେ କୋଭିଡ ନିର୍ଦ୍ଦେଶାବଳୀକୁ ପାଳନ କରିବାର ଆବଶ୍ୟକତା ରହିଛି ।

### ରାଜ୍ୟରେ ଅସହ୍ୟ ...

ନେଇ ଆକଳନ କରିଛି ପାଣିପାଗ ବିଭାଗ । ସେହିପରି ପଶ୍ଚିମ ଓଡ଼ିଶାରେ ଅନ୍ୟ କିଛି ଜିଲ୍ଲାରେ ୪୦ ଡିଗ୍ରି ଉପରେ ରହିଥିଲା ତାପମାତ୍ରା । ଏହାସହ ଉପକୂଳ ଓଡ଼ିଶାର ମଧ୍ୟ ବିଭିନ୍ନ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଛି । ରାଜ୍ୟରେ ଅନୁଭୂତ ହେଉଛି ଅସହ୍ୟ ଗ୍ରୀଷ୍ମ ପ୍ରବାହ । ରବିବାର ୪୩ ଡିଗ୍ରି ପହଞ୍ଚିପାରେ ତାତି ବୋଲି ଅନୁମାନ କରାଯାଉଛି । ସୁନ୍ଦରଗଡ଼, ଦେବଗଡ଼, ନୟାଗଡ଼, ସୋନପୁର ଆଦି ଜିଲ୍ଲାରେ ରବିବାର ୪୨ ଡିଗ୍ରୀ ପାରଦ ପହଞ୍ଚିଥିବା ନେଇ କହିଛି ପାଣିପାଗ ବିଭାଗ । ସେହିପରି ପଶ୍ଚିମ ଓଡ଼ିଶାରେ ଅନ୍ୟ କିଛି ଜିଲ୍ଲାରେ ୪୦ ଡିଗ୍ରୀ ଉପରେ ରହିଥିଲା ତାପମାତ୍ରା । ଏହାସହ ଉପକୂଳ ଓଡ଼ିଶାର ମଧ୍ୟ ବିଭିନ୍ନ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଛି । ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । କିଛି ଦିନ ହେବ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ସହ ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା । ଏବେ ପୁଣି ଅସହ୍ୟ ତାତି ଲୋକଙ୍କୁ ଅସ୍ତବ୍ୟସ୍ତ କରିପକାଇଛି । ସେପଟେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ମଧ୍ୟମରୁ ହାଲୁକା ବର୍ଷା ବି ରେକର୍ଡ ହୋଇଛି ।

### ମାଟିତଳେ...

କରାଯାଇଛି । ସହରର ଭୂଦୃଶ୍ୟ ଏବଂ ଟ୍ରାଫିକ ଭିଡ଼ ଇଲେଭେଟେଡ ମେଟ୍ରୋକୁ ସମର୍ଥନ କରୁନାହିଁ । ଆମେ ଏବେ ମାଟିତଳେ ମେଟ୍ରୋ ରେଳ ବ୍ୟବସ୍ଥା ସହ ଆଗକୁ ବଢୁଛୁ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

### ଭୁବନେଶ୍ୱରରେ ନିର୍ମାଣ ...

ଖସଡ଼ା ବିଚାରାଧୀନ ଅଛି । ଏଥିସହିତ ରାଜ୍ୟର ଦୀର୍ଘମିଆଦୀ ଭିତ୍ତିଭୂମି ଦୃଷ୍ଟିକୋଣର ଅଂଶ ସ୍ୱରୂପ, ଭୁବନେଶ୍ୱରରେ ଏକ ବିଶ୍ୱସ୍ତରୀୟ ଓଡ଼ିଶା ମଣ୍ଡପ ଏକ ବିରାଟ ବହୁମୁଖୀ ସମ୍ମିଳନୀ କେନ୍ଦ୍ର ନିର୍ମାଣ କରାଯିବ । ଓଡ଼ିଶା ମଣ୍ଡପ ପାଇଁ ରାଜଧାନୀର ଏକ ପ୍ରମୁଖ ଓ ସୁଗମ ଅଞ୍ଚଳ ଚନ୍ଦ୍ରଶେଖରପୁରରେ ଏକ ଉପଯୁକ୍ତ ସ୍ଥାନ ଚିହ୍ନଟ କରାଯାଇଛି । ବିଶ୍ୱ ମାନଦଣ୍ଡ ଅନୁଯାୟୀ ଡିଜାଇନ କରାଯାଉଥିବା ଓଡ଼ିଶା ମଣ୍ଡପରେ ଅତ୍ୟାଧୁନିକ ବୋର୍ଡରୁମ ଏବଂ ୧୦,୦୦୦ରୁ ଅଧିକ ଲୋକଙ୍କ ଆସନ କ୍ଷମତା ସହିତ ଏକ ମୁଖ୍ୟ ସମ୍ମିଳନୀ ହଲ ରହିବ । ଏହା ବୃହତ ସମ୍ମିଳନୀ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅନ୍ତର୍ଜାତୀୟ ଇଭେଣ୍ଟ ଆୟୋଜନ କରିବାକୁ ଲକ୍ଷ୍ୟ ରହିଛି, ଯାହା ଓଡ଼ିଶାକୁ ବୃହତ ସମାବେଶ ଓ କୂଟନୀତି ପାଇଁ ବିଶ୍ୱ ମାନଚିତ୍ରରେ ସ୍ଥାନିତ କରିବ । ଓଡ଼ିଶା ସରକାର ନୂତନ ପ୍ରକଳ୍ପ ହାତକୁ ନେବେ, ଯେଉଁଥିରେ ଓଡ଼ିଶା ମଣ୍ଡପ ଅନ୍ତର୍ଭୁକ୍ତ, ଯାହା ଏକ ବିଶ୍ୱସ୍ତରୀୟ ସମ୍ମିଳନୀ କେନ୍ଦ୍ର ହେବ । ଚନ୍ଦ୍ରଶେଖରପୁରରେ ଜମି ଚିହ୍ନଟ କରାଯାଇଛି ଏବଂ ପ୍ରାଥମିକ ଆଲୋଚନା ହୋଇଛି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି । ମନ୍ତ୍ରୀ ଆହୁରି ସୂଚନା ଦେଇଛନ୍ତି ଯେ ଓଡ଼ିଶା ମଣ୍ଡପ ଏକ ୧୦,୦୦୦ ଆସନ କ୍ଷମତା ବିଶିଷ୍ଟ ବହୁମୁଖୀ ସମ୍ମିଳନୀ କେନ୍ଦ୍ର ହେବ, ଯେଉଁଥିରେ ଏକ ପ୍ରାଙ୍ଗଣରେ ହୋଟେଲ ବାସସ୍ଥାନ ମଧ୍ୟ ରହିବ । ଏକ ପ୍ରାଥମିକ ଧାରଣା ପ୍ରସ୍ତୁତ ହୋଇଛି ଏବଂ ଆମେ ଏହାକୁ ଆଗେଇ ନେବାକୁ ଚାହୁଁଛୁ । ସେହିପରି, ଅନେକ ପ୍ରକଳ୍ପ ଧାରଣା ପର୍ଯ୍ୟାୟରେ ଅଛି ଏବଂ ଯଦି କାର୍ଯ୍ୟକାରୀ ଓ ନିର୍ମାଣରେ ସମୟ ଲାଗେ, ତାହା ସମସ୍ୟା ସୃଷ୍ଟି କରିବ । ତେଣୁ ଆମେ ନିର୍ମାଣ ଖର୍ଚ୍ଚ କମାଇବା ପାଇଁ ପଦକ୍ଷେପ ଗ୍ରହଣ କରୁଛୁ, ଯାହା ଓଡ଼ିଶାରେ ଶିଳ୍ପ କ୍ଷେତ୍ରକୁ ଉତ୍ସାହିତ କରିବ ବୋଲି ମନ୍ତ୍ରୀ କହିଛନ୍ତି ।

### ୧୨୪ ବର୍ଷର ...

ବିଶ୍ୱାସ କରୁଛନ୍ତି ଯେ ଭାରତରେ ପାଗ ଆଉ ପୂର୍ବ ପରି ନାହିଁ । ଏହି ପରିବର୍ତ୍ତନ ବିଶ୍ୱ ଉତ୍ତପ୍ତୀକରଣ ଏବଂ ପରିବେଶରେ ହେଉଥିବା ବ୍ୟାପକ ପରିବର୍ତ୍ତନର ଏକ ସୂଚକ ।

## ବିଶ୍ୱ ମହାସାଗର ଦିବସରେ ମହାସାଗର ସଂରକ୍ଷଣ ପାଇଁ ନବୀନଙ୍କ ଆହ୍ୱାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଶ୍ୱ ମହାସାଗର ଦିବସ ଅବସରରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମହାସାଗର ସୁରକ୍ଷାର ଗୁରୁତ୍ୱକୁ ରେଖାଙ୍କିତ କରି, ପ୍ଲାଷ୍ଟିକ୍ ପ୍ରଦୂଷଣରୁ ସାମୁଦ୍ରିକ ପାରିସ୍ଥିତିକ ତନ୍ତ୍ରର ରକ୍ଷା କରିବା ପାଇଁ ସାମୂହିକ ପ୍ରୟାସ କରିବାକୁ ଆହ୍ୱାନ ଜଣାଇଛନ୍ତି । ସୋସିଆଲ୍ ମିଡିଆରେ ନବୀନ ପଟ୍ଟନାୟକ ମହାସାଗରକୁ 'ଆମ ପୃଥିବୀର ଫୁସଫୁସ' ବୋଲି ବର୍ଣ୍ଣନା କରିଛନ୍ତି ଏବଂ କହିଛନ୍ତି ଯେ, ଏହା ପୃଥିବୀରେ ଜୀବନ ଅବ୍ୟାହତ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ । ସେ କହିଛନ୍ତି, "ମହାସାଗର ଅକ୍ସିଜେନ୍ ଉତ୍ପନ୍ନ କରେ, ଜଳବାୟୁକୁ ନିୟନ୍ତ୍ରଣ କରନ୍ତି ଓ ଖାଦ୍ୟ ଏବଂ ଔଷଧର ପ୍ରମୁଖ ଉତ୍ସ ଅଟେ । ଆସନ୍ତୁ ଆମେ ସମସ୍ତେ ସଂକଳ୍ପ ନେବା, ଯେ ଆମେ ପ୍ଲାଷ୍ଟିକ୍ ବର୍ଜ୍ୟରେ ମହାସାଗରକୁ ଦୂଷିତ କରିବା ନାହିଁ ଓ ଏକ ସ୍ୱସ୍ଥ ପୃଥିବୀ ପାଇଁ କାମ କରିବୁ ।"

## ଫୁଟବଲ୍ ପ୍ରତିଯୋଗିତାରେ ବିଜୟୀ ବରଗଡ ଦଳକୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଣ୍ଡର-୧୫ ସିଏମ୍ ଟ୍ରଫି ୨୦୨୫ ଫୁଟବଲ୍ ପ୍ରତିଯୋଗିତାରେ ବିଜୟୀ ବରଗଡ ଦଳକୁ ଅଭିନନ୍ଦନ ଜଣାଇଛନ୍ତି ।
ସେ ସୋସିଅଲ ମିଡିଆରେ ଲେଖିଛନ୍ତି, ପ୍ରତିଭା ଅନେକ ଲକ୍ଷ୍ୟ ଏକର ପ୍ରେରଣା ସହ କ୍ରୀଡ଼ା ପ୍ରତିଭାମାନଙ୍କର ଦକ୍ଷତା ବୃଦ୍ଧି ସହ ରାଜ୍ୟରେ କ୍ରୀଡ଼ାକୁ ଅଧିକ ଉନ୍ନତ ଓ ଲୋକପ୍ରିୟ କରାଇବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ଅଣ୍ଡର-୧୫ ସିଏମ୍ ଟ୍ରଫି ୨୦୨୫ ଫୁଟବଲ୍ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ରେ ବିଜୟୀ ହୋଇଥିବା ବରଗଡ଼ ଏଫ୍‌ସିକୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ଉତ୍ସାହଜନକ କ୍ରୀଡ଼ା ନୈପୁଣ୍ୟ ଓ ଓଡ଼ିଶାର ଫୁଟବଲ କ୍ରୀଡ଼ାର ସାମର୍ଥ୍ୟ ପ୍ରଦର୍ଶନ କରିଥିବାରୁ ଭୁବନେଶ୍ୱର ଏଫ୍ ସି ସମେତ ସମସ୍ତ ଅଂଶଗ୍ରହଣକାରୀ ଦଳକୁ ମଧ୍ୟ ମୋର ଶୁଭକାମନା । ସମସ୍ତଙ୍କର ଉଜ୍ଜ୍ୱଳ ଭବିଷ୍ୟତ ତଥା ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

## ଡବଲ ଇଞ୍ଜିନ ସରକାରରେ ରାଜ୍ୟର ଶିଳ୍ପାୟନ ସ୍ଥିତି ନୈରାଶ୍ୟଜନକ: ବିଜେଡି




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗତ ୧ ବର୍ଷ ମଧ୍ୟରେ ଓଡ଼ିଶାର ଶିଳ୍ପାୟନ ସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ପରିସଂଖ୍ୟାନ ବାସ୍ତବତା ଠାରୁ ବହୁ ଦୂରରେ ବୋଲି ବିଜୁ ଜନତା ଦଳ କହିଛି । ରବିବାର ଏକ ପ୍ରେସ୍ ବିବୃତିରେ ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ଼ ଲେନିନ ମହାନ୍ତି କହିଛି ଯେ, ଡବଲ ଇଞ୍ଜିନ ସରକାରରେ ରାଜ୍ୟର ଶିଳ୍ପାୟନ ସ୍ଥିତି ନୈରାଶ୍ୟଜନକ ।
ଡ଼ ମହାନ୍ତି ଆହୁରି କହିଥିଲେ ଯେ, ଓଡ଼ିଶା ୨୦୨୩-୨୪ ବର୍ଷରେ ଶ୍ରେଷ୍ଠ ନିବେଶଯୋଗ୍ୟ ରାଜ୍ୟ ଭାବେ କେନ୍ଦ୍ର ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରାଳୟ ଦ୍ୱାରା ଏବଂ ୨୦୨୨-୨୩ ବର୍ଷରେ ଦ୍ୱିତୀୟ ସର୍ବାଧିକ ନିବେଶ ଆକୃଷ୍ଟକାରୀ ରାଜ୍ୟ ଭାବେ ରିଜର୍ଭ ବ୍ୟାଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା । ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ୨୦୨୩-୨୪ ବର୍ଷରେ ଶ୍ରେଷ୍ଠ ରାଜ୍ୟ ଭାବେ ଓଡ଼ିଶା ପୁରସ୍କୃତ ହୋଇଥିଲା । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଓ ସ୍ୱଚ୍ଛ ନୀତି ଫଳରେ ଓଡ଼ିଶା ଇସ୍ପାତ ଉତ୍ପାଦନରେ ୧୫ ଗୁଣା, ସିମେଂଟରେ ୨୨ ଗୁଣା, ଆଲୁମିନିୟମରେ ୭.୫ ଗୁଣା ଓ ଶକ୍ତି ଉତ୍ପାଦନରେ ୩.୫ ଗୁଣା ଅଭିବୃଦ୍ଧି ହାସଲ କରିପାରିଥିଲା । ଅପରପକ୍ଷରେ ଡବଲ ଇନି ସରକାର ଆସିବା ପରଠାରୁ ଗତ ୧ ବର୍ଷ ମଧ୍ୟରେ ଓଡ଼ିଶା ପ୍ରତି ନିବେଶକଙ୍କ ଆସ୍ଥା ଓ ଭରସା କମିଯାଉଥିବା ପରିଲକ୍ଷିତ ହେଉଛି । ୪୦ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ କଟକର ନରାଜ ଠାରେ ପ୍ରତିଷ୍ଠା ହେବାକୁ ଥିବା ଜେଏସ୍‌ଡବ୍ଲ୍ୟୁର ବୈଦ୍ୟୁତିକ ଯାନ ଓ ବ୍ୟାଟେରୀ ଉତ୍ପାଦନ ପ୍ରକଳ୍ପ ଆଜି ମହାରାଷ୍ଟ୍ର ମୁହାଁ । କେନ୍ଦ୍ରାପଡ଼ା ଜିଲ୍ଲାରେ ହେବାକୁ ଥିବା ଆର୍ସେଲେର ମିତ୍ତଲ-ନିପ୍ପନ ଷ୍ଟିଲ ପ୍ଲାଂଟ ପ୍ରକଳ୍ପ ଆନ୍ଧ୍ରକୁ ଚାଲିଯିବା ଏକପ୍ରକାର ନିଶ୍ଚିତ ବୋଲି ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଉଛି । ଭୁବନେଶ୍ୱରର ଅନ୍ଧାରୁଆ ଠାରେ ଭାରତ ବାୟୋଟେକ୍ର ଟୀକା ଉତ୍ପାଦନ କେନ୍ଦ୍ର ପୂର୍ଣ୍ଣ କାର୍ଯ୍ୟକ୍ଷମ ଅବସ୍ଥାକୁ ଆସିଥିଲେ ମଧ୍ୟ, ରାଜ୍ୟ ନେତୃତ୍ୱ ଉପରେ ଭରସା କରିନପାରି ଅନ୍ୟ ରାଜ୍ୟକୁ ଚାଲିଯିବା ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଉଛି । ବିଜେଡି ସରକାର ସମୟରେ ନବୀନ ବାବୁଙ୍କ ନେତୃତ୍ୱ ଉପରେ ଭରସା କରି ଅନେକ ନିବେଶକ ଓଡ଼ିଶାରେ ନିବେଶ କରିବା ସକାଶେ ଆକୃଷ୍ଟ ହେଉଥିଲେ । କିନ୍ତୁ ଆଜି ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ଓ ଦିଗହରା ଶାସନ ବ୍ୟବସ୍ଥା ଲାଗି ନିବେଶକମାନେ ଓଡ଼ିଶାରୁ ମୁହଁ ଫେରାଇ ନେଉଛି । ଏଭଳି ସ୍ଥିତିରେ ଶିଳ୍ପାୟନ କ୍ଷେତ୍ରରେ ରାଜ୍ୟ ସରକାର ନିଜ ପିଠି ନିଜେ ଥାପୁଡ଼େଇବା ପରିବର୍ତ୍ତେ ନବୀନ ସରକାର ଅମଳରେ ହୋଇଥିବା ଓଡ଼ିଶା ବିକାଶର ଧାରାକୁ ପ୍ରତିବଦ୍ଧତାର ସହ ଆଗକୁ ବଢ଼ାନ୍ତୁ ବୋଲି ଡ଼ ମହାନ୍ତି କହିଥିଲେ ।

## ଓଡ଼ିଆପାଲି ପଞ୍ଚାୟତରୁ ବୁଢୀବାହାଲ ଗ୍ରାମକୁ ଯିବା ଆସିବା ରାସ୍ତା ସାଜିଛି ବାଧକ



**ପାଟଣାଗଡ, ନ୍ୟୁଜ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ପଞ୍ଚାୟତ ବୁଢ଼ୀବାହାଲ ଗାଁରୁ ଓଡ଼ିଆପାଲି ଗାଁକୁ ଯାଇଥିବା ପଞ୍ଚାୟତ ରାସ୍ତା ଅତି ଶୋଚନୀୟ ହୋଇ ପଡିରହିଥିବା ଅଭିଯୋଗ ହୋଇଛି । ମରାମତି ଅଭାବରୁ କଚ୍ଚା ରାସ୍ତା ଖାଲ ଖମାରେ ଭର୍ତ୍ତି ହୋଇଥିବା ବେଳେ ଅସରାଏ ବର୍ଷା ହେଲେ ଖାଲଖମାରେ ପାଣି ଜମି ରହୁଥିବା ଓ କାଦୁଅ ସରସର ହୋଇ ଥିବାରୁ ଜନସାଧାରଣ ପଞ୍ଚାୟତକୁ ବିଭିନ୍ନ ଜରୁରୀ କାମରେ ଯିବାଆସିବା କରୁଥିବା ହିତାଧିକାରୀ, ରାସନ ଚାଉଳ ନେଇ ଯିବା ବେଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନେକ ଦିନରୁ ଏହି ଅସୁବିଧା ଜାରି ରହିଥିବା ବେଳେ କୌଣସି ମରାମତି ନହେବାରୁ ରାସ୍ତା ଆହୁରି ଅବସ୍ଥା ଅତି ଶୋଚନୀୟ ହେବାରେ ଦେଖିବାକୁ ମିଳିଛି । ବୁଢୀ ବାହାଲ ଗ୍ରାମରୁ ଓଡ଼ିଆପାଲି ପଞ୍ଚାୟତ ଏବଂ ପାଟଣାଗଡ଼ ଉପଖଣ୍ଡକୁ ଅତିକମ ସମୟରେ ଏହି ରାସ୍ତାଦେଇ ଯିବାଆସିବା କରି ହୁଏ । ଏଣୁ ଏହି ରାସ୍ତାର ଶିଘ୍ର ମରାମତି କରିବାକୁ ବୁଢ଼ୀବାହାଲ ଗ୍ରାମବାସୀ ସରକାରଙ୍କୁ ଦାବି କରିଛନ୍ତି ।

GOVERNMENT OF ODISHA, DEPARTMENTOF WATER RESOURCES
Office of the Engineer-In-Chief, Water Resources, Secha Sadan, Bhubaneswar
A-259
Email Address: cemech.eicwr.od@gmail.com
e-Procurement Notice- Bid Identification No.- CEM/MDL-01/ 2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM / MDL - 01/ 2025-26
5. Estimated Cost : Rs. 1,24,97,624.00
6. Period of Completion : 06 (Six) calendar months.
7. Date & time of availability of bid documents in the Portal : From dt.12.06.2025 (10.00 AM) to dt.02.07.2025(5.30 PM)
8. Last date/ time for receipt of bid In the Portal : dt. 02.07.2025 (up to 5.30 PM)
9. Date and Place of opening of Technical Bid : dt.03.07.2025 (12.00 Noon onwards in the O/O the undersigned)
10. Date and Place of opening of Financial Bid : To be intimated to the qualified Bidders after evaluation of Technical Bid.
11. Name of the Officer inviting bid : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Chief Engineer, Mechanical
O/o- Engineer-In-Chief,
Secha Sadan, Bhubaneswar
OIPR-32520/11/0042/2526

E-mail: ee_rwbdk@yahoo.com
GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-I ,BHADRAK
O-256
"e" Procurement Notice for Road Works
Bid Identification No. Online Tender 02of 2025-26

1. Name of the Work :- Road
2. Total No of Works :- 1 No
3. Estimated Cost :- Rs.19.09 Lakh
4. Class of Contractor :- "C" & "D" Class
5. Period of Completion :- As per Annexure
6. Type of Tender :- Single Cover
7.Other Details :-

| Procurement Officer | Bid Indentification No. | Availability of Tender On-line for bidding | | Date of seeking of Tender | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | | 4 | 5 |
| Superintending Engineer, Rural Works Division-I, Bhadrak | Online-2 of 2025-26 | 10.06.25 At- 11.00 A.M | 16.06.25 At- 4.00 P.M | 16.06.25 At-2.00 P.M | 17.06.25 At- 11.00 A..M. |

Further details can be seen from the e-procurement portal "https://tendersorissa.gov.in "
N.B-Transparency Lottery to be Held on Dt.19.06.25 at 3.30P.M (If any changes it will be intimated)
Sd/-Er.Kanan Pradhan
Superintending Engineer
R.W. Division, Bhadrak
OIPR-25060/11/0013/2526

GOVERNMENT OF ODISHA
OFFICE OF THE EXECUTIVE ENGINEER KEONJHAR
IRRIGATION DIVISION, KEONJHAR
Notice Invitation of Tenders
A-265
e-Procurement Notice No.- 01 (NCB)/ 2025-26 on dated 03.06.2025E-mail Id: eekjrirrdivn@gmail.com
****

| | | | |
|---|---|---|---|
| 1 | Nature of the work | : | Equipments, Solar Light |
| 2 | No.of Works | : | 2(Two) no |
| 3 | Value of Works | : | Rs 2.93 Lakhs to 43.48 |
| 4 | Tender paper cost | | Refer to Table-1 |
| 5 | EMD/Bid Security | | Refer to Table-1 |
| 6 | Period of Completion | | Refer to Table-1 |
| 7 | Class of Conctractors | : | Refer to Table-1 |
| 8 | Procurement officer | : | Executive Engineer, Keonjhar Irrigation Division, Keonjhar |
| 9 | Bid Identification no. | | KIDN-01/2024-25 & KIDN-02/2024-25 |
| 10 | Availability of Tender for Online Bidding | : | From 11.30 AM Dt 09.06.2025 to 5.00 PM Dt 05.07.2025 |
| 11 | Date and Time for Tender Opening | : | Dt. 07.07.2025 @ 11.30 AM onwards in O/o the Executive Engineer, Keonjhar Irrigation Division, Keonjhar |
| 12 | Date and Time for seeking clarification | : | Dt 09.06.2025 @ 11.30 AM to Dt 18.06.2025 @ 5 PM in O/o the Executive Engineer, Keonjhar Irrigation Division, Keonjhar |

The Bidders have to participate in ONLINE bidding only. Further details can be seen from the e-procurement portal: www.tendersodisha.gov.in .Any addendum/corrigendum/cancellation of tenders can be seen from the above portal.
Sd/-
Executive Engineer
Keonjhar Irrigation Division
Keonjhar
OIPR-32476/11/0017/2526

By E_Mail/e-Despatch
E_MailID :scrw_balasore@yahoo.in
Ph-No-06782/260318
Balia,Balasore
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BALASORE
O-260
"e" Procurement Notice for Road Work
Identification No.- Online Tender- Road N.C.B. No. 11 for 2025-26
Letter No. 1931 Date. 04/06/2025

1. Name of the work : - (MMSY- CMRL)
2. Total No. of work : - 2 Nos. of work.
3. Estimated Cost : - Rs. 127.57 Lakh & Rs. 428.09 Lakh (Approximately)
4. Eligible Class of Contractor: - As per annexure.
5. Period of Completion : - As per annexure.
6. Other details:-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle,Balasore | NCB No.-11 of 2025-26 | 11.06.2025 at 11.00 A.M | 26.06.2025 Up to 5.00 P.M. | 25.06.2025 Up to 5.00 P.M. | 30.06.2025 at 11.00 A.M. | Will be intimated later |

• Further details can be seen from the website: www.tendersodisha.gov.in
Chief Construction Engineer,
R.W. Circle, Balasore
OIPR-25105/11/0055/2526

ଭୁବନେଶ୍ୱର
୦୯ ଜୁନ୍,
ସୋମବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ବ୍ରାହ୍ମଣ ନିଯୋଗ ଚନ୍ଦନ ଭୋଜିକୁ ନେଇ ବିବାଦ

# ନିଯୋଗ ଅଫିସ ତାଲା ଭାଙ୍ଗିବାକୁ କେନ୍ଦ୍ର କରି ଥାନାରେ ଏତଲା

**ଭୁବନେଶ୍ୱର ୦୮/୦୬ ନ୍ୟୁଜ ବ୍ୟୁରୋ**

ଶ୍ରୀଲିଙ୍ଗରାଜ ବ୍ରାହ୍ମଣ ନିଯୋଗରେ ନବନିର୍ବାଚିତ ବୋର୍ଡ ଓ ପୂର୍ବତନ ବୋର୍ଡ ସଦସ୍ୟଙ୍କ ମଧ୍ୟରେ ବିବାଦ ତୁଟିବାର ନା ଧରୁନି । ଗତ ଜାନୁଆରୀ ନିର୍ବାଚନ ପରେ ନାରାୟଣ ମହାପାତ୍ର ନିଯୋଗର ପ୍ରାଥମିକ ଦାୟିତ୍ୱ ନେଇ ମହାପ୍ରଭୁଙ୍କ ସେବାକାର୍ଯ୍ୟର ସୁପରିଚାଳନା କରି ଆସୁଥିଲେ ମଧ୍ୟ ବିରଞ୍ଚି ପତିଙ୍କ ପୁରାତନ ବୋର୍ଡ ଏ ପର୍ଯ୍ୟନ୍ତ ଆର୍ଥିକ ଦାୟିତ୍ୱ ହସ୍ତାନ୍ତର କରିନାହାନ୍ତି ।



ଇତିମଧ୍ୟରେ ନାରାୟଣ ମହାପାତ୍ରଙ୍କୁ ନିଯୋଗ ପ୍ରତିନିଧି ଭାବରେ ସରକାର ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡରେ ମନୋନୀତ କରିଛନ୍ତି । ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଅସନ୍ତୋଷ ତୀବ୍ର ଥିବାବେଳେ ବିରଞ୍ଚି ପତିଙ୍କ ପୁରାତନ ବୋର୍ଡ ଦ୍ୱାରା ରବିବାର ଚନ୍ଦନ ଭୋଜିର ଆୟୋଜନ ବିବାଦକୁ ଆହୁରି ଅଧିକ କରିଛି । ପୁରୁଣା ବୋର୍ଡର ସଦସ୍ୟମାନେ ନିଯୋଗ ଅଫିସର ତାଲା ଭାଙ୍ଗିବା ନେଇ ଶ୍ରୀଲିଙ୍ଗରାଜ ଥାନାରେ ଅଭିଯୋଗ ହୋଇଛି ।

# ମହାପ୍ରଭୁଙ୍କ ପାଇଁ ଖୋଲାଯିବ ଡିଜିଟାଲ ହୁଣ୍ଡି : ପାଣ୍ଠି ବଢ଼ାଇବାକୁ ପ୍ରୟାସ

**ପୁରୀ, ୮/୬ ନ୍ୟୁଜ ବ୍ୟୁରୋ**

ମହାପ୍ରଭୁଙ୍କ ପାଣ୍ଠି ବଢ଼ାଇବାକୁ ଆରମ୍ଭ ହେବ ସମର୍ପଣ କାର୍ଯ୍ୟକ୍ରମ । ଏହା ଜରିଆରେ ଦେଶର କୋଣ ଅନୁକୋଣରେ ଥିବା ବ୍ୟାଙ୍କର ବିଭିନ୍ନ ଶାଖାରେ ରହିବ ଡିଜିଟାଲ ହୁଣ୍ଡି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଏହାକୁ କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛି ଆଇନ ବିଭାଗ । ଯାହାକୁ ସ୍ୱାଗତ କରିଛନ୍ତି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ । ତେବେ କ'ଣ ଏହି ଡିଜିଟାଲ ହୁଣ୍ଡି ଆଉ ଏହା କେମିତି କାମ କରିବ । ମହାପ୍ରଭୁଙ୍କ ପାଇଁ ଖୋଲାଯିବ ଡିଜିଟାଲ ହୁଣ୍ଡି । "ସମର୍ପଣ' କାର୍ଯ୍ୟକ୍ରମରେ ରାଜ୍ୟ ଓ ରାଜ୍ୟ ବାହାର ବ୍ୟାଙ୍କରେ ରହିବ ସ୍ୱତନ୍ତ୍ର ହୁଣ୍ଡି । ଶ୍ରୀମନ୍ଦିର ପାଣ୍ଠି ବଢ଼ାଇବା ଓ ଅନଲାଇନ୍ ଦାନ ବ୍ୟବସ୍ଥାରେ ସୁଧାର ଓ ସରଳିକରଣ କରିବାକୁ ଏଭଳି ବଡ଼ ପଦକ୍ଷେପ ନେଇଛନ୍ତି ମୋହନ ସରକାର । ସମର୍ପଣ ନାଁରେ ଆରମ୍ଭ ହେବାକୁ ଥିବା ନୂଆ



କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ତତ୍ପରତା ପ୍ରକାଶ କରିଛି ଆଇନ ବିଭାଗ । ଦେଶରେ ଥିବା ବ୍ୟାଙ୍କ ଗୁଡ଼ିକର ସବୁ ଶାଖାରେ ଯେଭଳି ହୁଣ୍ଡି ଲାଗିବ, ସେଥିପାଇଁ ବ୍ୟାଙ୍କ ସିଏମ୍‌ସି ମାନଙ୍କ ସହ ନେଇ ଆଲୋଚନା ଆରମ୍ଭ ହୋଇଛି । ଆଇନମନ୍ତ୍ରୀ କହିଛନ୍ତି ରାଜ୍ୟ ଏବଂ ରାଜ୍ୟ ବାହାରେ ଥିବା ଜଗନ୍ନାଥ ପ୍ରେମୀମାନେ ସେମାନଙ୍କ ବିଭିନ୍ନ ମାଙ୍ଗଳିକ କର୍ମ ଏବଂ ପର୍ବପର୍ବାଣୀରେ ମହାପ୍ରଭୁଙ୍କୁ ଦାନ କରିବାକୁ ଚାହାଁନ୍ତି । ତେଣୁ ଏହାକୁ ଆଖି ଆଗରେ ରଖି ଏଭଳି ଏକ ଦୀର୍ଘସୂତ୍ରୀ ଯୋଜନା ହାତକୁ ନିଆଯାଇଛି । ଯାହାଦ୍ୱାରା ଭକ୍ତଟିଏ ଚାହିଁଲେ ଅନଲାଇନ୍, ୟୁପିଆଇ ଜରିଆରେ ଦାନ କରିପାରିବେ । ଏଥିରେ ସଂପୂର୍ଣ୍ଣ ସ୍ୱଚ୍ଛତା ରଖିବାକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ସବୁ ବ୍ୟାଙ୍କରେ ଶ୍ରୀଜଗନ୍ନାଥ ମନ୍ଦିରର ଆକାଉଣ୍ଟରେ ଦାନ ପାଇଁ ଅନଲାଇନ ବ୍ୟବସ୍ଥା ସହ ୟୁପିଆଇ ସ୍କାନର ଲାଗିବ । ଜଣେ ଭକ୍ତ ସୁବିଧାରେ ସ୍କାନ କରି କିମ୍ବା ଅନଲାଇନ ବ୍ୟାକିଂ ମାଧ୍ୟମରେ ସହଜରେ ଦାନ କରିପାରିବେ । ଅନ୍ୟପଟେ ଏହି ବ୍ୟବସ୍ଥାରୁ ଫାଇଦା ପାଇବା ପାଇଁ କିଛି ଫେକ୍ ସ୍କାନର ଲଗାଇ ସାଇବର ଲୁଟେରା ମଧ୍ୟ ଲୁଟି ପାରନ୍ତି । ତେଣୁ ସେ ଦିଗରେ ସରକାରଙ୍କ କଡ଼ା ନଜର ରହିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି ପୂର୍ବତନ ବ୍ୟାଙ୍କର । ସେହିପରି ସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ପରିଚାଳନା କମିଟି ସଦସ୍ୟ । ଗତ ୩ ବର୍ଷରେ ଶ୍ରୀମନ୍ଦିର ପ୍ରଶାସନ ମୋଟ୍ ପ୍ରାୟ ୧୧୩ କୋଟି ଟଙ୍କା ଦାନ ପାଇଥିବା ବେଳେ, ସେଥିରୁ କେବଳ ୫୯ କୋଟି ୬୭ ଲକ୍ଷ ବ୍ୟାଙ୍କ୍ ଡିପୋଜିଟ୍ ମାଧ୍ୟମରେ ପାଇଛି । ତେବେ ଡିଜିଟାଲ ହୁଣ୍ଡି ବ୍ୟବସ୍ଥା ପରେ ଅନଲାଇନ ଡୋନେସନ୍ ବଢ଼ିବା ଆଶା କରାଯାଉଛି ।

# ନିଲାମ ହେବ ନୀଳାଚଳ ଉପବନ : ଟିକଟ କରି ଦର୍ଶନ କରିପାରିବେ ଭକ୍ତ

**ପୁରୀ, ୦୮/୦୬ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର କୋଇଲି ବୈକୁଣ୍ଠ ଓ ରୋଷ ଘର ପରେ ନୀଳାଚଳ ଉପବନକୁ ଦର୍ଶନ ପାଇଁ ଟିକଟ ବ୍ୟବସ୍ଥା ହେବ । ଏହାକୁ ନିଲାମ କରିବ ଶ୍ରୀମନ୍ଦିର ପ୍ରଶାସନ । ଏନେଇ ଟେଣ୍ଡର ଆହ୍ୱାନ କରାଯାଇଛି । ଶ୍ରଦ୍ଧାଳୁ ଟଙ୍କା ଦେଲେ ଏହା ଭିତରେ ମହାପ୍ରଭୁଙ୍କ ଫୁଲ, ତୁଳସୀ ଉଦ୍ୟାନ ଦେଖିପାରିବେ । ଶ୍ରଦ୍ଧାଳୁଙ୍କୁ ମାଗଣା ଆଉ ଆଗକୁ ଏହି ସ୍ଥାନକୁ ଦର୍ଶନ ମନା । ୨୦୨୦ ଏପ୍ରିଲ ପହିଲା ଠାରୁ ଦୀର୍ଘ ୫ ବର୍ଷ ଧରି ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ଭିତରେ ବିନା କୌଣସି ଶୁଳ୍କରେ ସମସ୍ତ ସ୍ଥାନ ଦର୍ଶନ କରିପାରୁଥିଲେ । ୨୦୨୦ ଫେବୃୟାରୀ ୧୮ ତାରିଖରେ ବସିଥିବା ଶ୍ରୀମନ୍ଦିର ପ୍ରଶାସନ ଅର୍ଥ ସବ୍‌କମିଟି ବୈଠକରେ ଶ୍ରୀମନ୍ଦିର ଭିତରେ ୭ଟି ଦର୍ଶନୀ ମାହାଲ ଆଦାୟ ଉପରେ ରୋକ ଲଗାଇବାକୁ ନିଷ୍ପତ୍ତି ହୋଇଥିଲା । ଫଳରେ ସମସ୍ତ ଶ୍ରେଣୀର ଶ୍ରଦ୍ଧାଳୁ ମାଗଣାରେ କୋଇଲି ବୈକୁଣ୍ଠ ଠାରୁ ରୋଷଘର ପର୍ଯ୍ୟନ୍ତ ପରିଦର୍ଶନ କରିପାରୁଥିଲେ । ହେଲେ ଚଳିତ ବର୍ଷ ହଠାତ୍ ପ୍ରଶାସନ ନିଜ ମନ ବଦଳାଇ ସମସ୍ତ ମାହାଲରୁ ଅର୍ଥ ଉପାର୍ଜନ ନିଷ୍ପତ୍ତି ନେଇଛି । ଯାହା ଉଦ୍‌ବେଗର ବିଷୟ ହୋଇଛି । ଧାର୍ମିକ ସଂସ୍କୃତି ଓ ନୀତିକୁ ଉଲ୍ଲଙ୍ଘନ କରି ଶ୍ରୀମନ୍ଦିର ଭିତରେ ଗୋଟିଏ ପରେ ଗୋଟିଏ ସ୍ଥାନକୁ ନିଲାମ କରି ଲାଗିଛି ପ୍ରଶାସନ । ନିଲାମଧାରୀ ଶ୍ରଦ୍ଧାଳୁଙ୍କଠାରୁ ଅର୍ଥ ବିନିମୟରେ ଦର୍ଶନ ସୁଯୋଗ ଦେବେ । ଯାହାକୁ ନେଇ ଶ୍ରଦ୍ଧାଳୁମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ପ୍ରତିଦିନ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଦାନ ଦକ୍ଷିଣାରୁ ଶ୍ରୀମନ୍ଦିର ପ୍ରଶାସନ ୧୦ରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଛନ୍ତି । ନୀଳାଚଳ ଉପବନର ବର୍ଷିକିଆ ଦର୍ଶନ ମାହାଲ ନିଲାମ ମୂଲ୍ୟ ୬.୨୫ ଲକ୍ଷ ଟଙ୍କା ରହିଛି । ସର୍ବାଧିକ ଟଙ୍କା ନିଲାମ ରଖିଥିବା ବ୍ୟକ୍ତିଙ୍କୁ ଏହା ଦିଆଯିବ । ଏଥିସହ ବର୍ଷକ ପରେ ୧୦ ପ୍ରତିଶତ ହିସାବରେ ପରବର୍ତ୍ତୀ ଦୁଇ ବର୍ଷ ନିମନ୍ତେ ଯଥାକ୍ରମେ ଦୁଇଥର ନିଲାମ ଦର ବଢ଼ାଇ ଆଦାୟ କରାଯିବ । ଏହି ସ୍ଥାନକୁ ପରିଦର୍ଶନ ନିମନ୍ତେ ଆସୁଥିବା ଦର୍ଶନାର୍ଥୀଙ୍କୁ ଯଥୋଚିତ ବ୍ୟବହାର କରିବା ସହ ଏହି ସ୍ଥାନର ରକ୍ଷଣାବେକ୍ଷଣ କରିବା ନେଇ ମାର୍ଗଦର୍ଶିକା ଜାରି ହୋଇଛି । ଏହାକୁ ଖିଲାପ କଲେ ନିଲାମଧାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ । ସୂଚନା ଥାଉକି, ଶ୍ରୀକ୍ଷେତ୍ର ଏକ ଧାର୍ମିକ ସ୍ଥଳ ହୋଇଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରର ବହୁ ଶ୍ରଦ୍ଧାଳୁ ଏଠାରେ ଥିବା ପ୍ରତିଷ୍ଠିତ ମନ୍ଦିର ଏବଂ ତୀର୍ଥସ୍ଥଳରେ ଠାକୁର ଦର୍ଶନ ନିମନ୍ତେ ଆସିଥାଆନ୍ତି । ହେଲେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନରେନ୍ଦ୍ର ମାହାଲ ନାମରେ ଜଳକ୍ରୀଡ଼ା ମଣ୍ଡପ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ଠାରୁ ଟଙ୍କା ଆଦାୟ କରାଯାଉଛି । ସେହିପରି ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଟ୍ରଷ୍ଟ ବୋର୍ଡ ଅଧୀନରେ ପରିଚାଳନା ହେଉଥିବା ଚକ୍ରତୀର୍ଥ ରୋଡ୍ ସ୍ଥିତ ପ୍ରସିଦ୍ଧ ବେଡ଼ି ହନୁମାନ ମନ୍ଦିର ଓ ନୃସିଂହ ମନ୍ଦିରରେ ଠାକୁର ଦର୍ଶନ ନିମନ୍ତେ ଟଙ୍କା ଆଦାୟ କରାଯାଉଛି । ଦର୍ଶନୀ ମାହାଲ ନାମରେ ଶ୍ରଦ୍ଧାଳୁଙ୍କ ଠାରୁ ଟଙ୍କା ଆଦାୟ କରାଯିବା ଧାର୍ମିକ ସଂସ୍କୃତି ବିରୋଧୀ ବୋଲି ଅନେକ ଭକ୍ତ ଅଭିଯୋଗ କରିଛନ୍ତି । ଏନେଇ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକଙ୍କୁ ଯୋଗାଯୋଗ କରାଯିବାରେ ଏ ବାବଦରେ କିଛି କହିବାକୁ ମନା କରିଦେଇଛନ୍ତି ।

# ୧୩ରୁ କଟକରେ ଆରମ୍ଭ ହେବ ନାରୀ ଶକ୍ତି ମେଳା

## ରାଜ୍ୟର ବିଭିନ୍ନ ଜିଲ୍ଲାରୁ ମହିଳାମାନେ ଯୋଗ ଦେବେ

**କଟକ ୦୮।୦୬ ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ କଟକରୁ ଆରମ୍ଭ ହେବାକୁ ଯାଉଛି ନାରୀ ଶକ୍ତି ମେଳା । ଆସନ୍ତା ୧୩ ତାରିଖରେ ତଳ ବାଲିଯାତ୍ରା ପଡିଆରେ ଏହି ନାରୀ ଶକ୍ତି ସମ୍ମିଳନୀ ଆୟୋଜିତ ହେବ । ଯେଉଁଥିରେ କଟକ, ଯାଜପୁର ଓ ଜଗତସିଂହପୁର ଜିଲ୍ଲାର ମହିଳାମାନେ ଯୋଗ ଦେବେ । ତେବେ ରାଜ୍ୟବ୍ୟାପୀ ହେବାକୁ ଥିବା ଏହି ନାରୀ ଶକ୍ତି ମେଳାର ଶୁଭାରମ୍ଭ ୧୩ ତାରିଖରେ ମୁଖ୍ୟମନ୍ତ୍ରୀ ବାଲିଯାତ୍ରା ପଡିଆରୁ ଶୁଭାରମ୍ଭ କରିବେ । ଏହି ମେଳା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ । ରବିବାର ବାଲିଯାତ୍ରା ପଡିଆର ମେଳା



ସ୍ଥଳ ବୁଲିବା ସହ କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସମ୍ପୂର୍ଣ୍ଣ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓ । ଏହି ନାରୀ ଶକ୍ତି ମେଳା ସହ ସରକାରଙ୍କ ୧ବର୍ଷ ପୂର୍ତ୍ତି ପାଳନ ପାଇଁ ବାଲିଯାତ୍ରା ପଡ଼ିଆରେ ୧୩ତାରିଖରୁ ୧୯ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସମ୍ମିଳନୀ, କାର୍ଯ୍ୟକ୍ରମ ଓ ନୃତ୍ୟ ଗୀତ ମାଧ୍ୟମରେ ସରକାରଙ୍କ ଉପଲବ୍ଧି ଲୋକଙ୍କ ପାଖରେ ପହଞ୍ଚାଇବାର ପ୍ରୟାସ କରାଯିବ ବୋଲି ସେ କହିଛନ୍ତି । ଏହି କାର୍ଯ୍ୟକ୍ରମ ପରେ ଏକ ଦୁଃଖଦ ଖବର ସାମନାକୁ ଆସିଛି । କଟକ ଗସ୍ତ ବେଳେ ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ ଆହତ ହୋଇଛନ୍ତି । ଉପମୁଖ୍ୟମନ୍ତ୍ରୀଙ୍କ ଗୋଡ଼ରେ ସାମାନ୍ୟ ଆଘାତ ଲାଗିଥିବା ଜଣାପଡିଛି । ଯାହାପରେ ତାଙ୍କୁ ଚିକିତ୍ସା ନିମନ୍ତେ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି । ଖବର ଅନୁଯାୟୀ, ରବିବାର ଦିନ କଟକ ଗସ୍ତରେ ଯାଉଥିଲେ ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ । ଜିଲ୍ଲାପାଳଙ୍କ ଅଫିସ ପାହାଚରେ ଯାଉଥିଲା ବେଳେ ହଠାତ୍ ଉପମୁଖ୍ୟମନ୍ତ୍ରୀଙ୍କ ଗୋଡ଼ ଖସିଯାଇଥିଲା, ଯାହାଫଳରେ ଉପମୁଖ୍ୟମନ୍ତ୍ରୀଙ୍କ ବାମପାଦରେ ସାମାନ୍ୟ ଆଘାତ ଲାଗିଛି । ଏହାପରେ ତୁରନ୍ତ ତାଙ୍କୁ ଏସ୍‌ସିବି ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ହସ୍ପିଟାଲରୁ ଫେରିଛନ୍ତି ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ ବୋଲି ସୂଚନା ମିଳିଛି ।

## ଖଇର କାଠ ବୋଝେଇ ମହିନ୍ଦ୍ରା ଜବତ: ଜଣେ ଗିରଫ

**ପାଟଣାଗଡ଼, ୦୮/୦୬ ନ୍ୟୁଜ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ଲାଠୋର ବନବିଭାଗ ଅନ୍ତର୍ଗତ ତାଲଭଟା ଛକ ନିକଟରେ ଖଇର କାଠ ବୋଝେଇ ଏକ ମହିଂନ୍ଦ୍ରା ପିକଅପ୍ ଗାଡି ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖିଛି ଲାଠୋର ବନବିଭାଗ । ସୂଚନାନୁଯାୟୀ, ବଲାଙ୍ଗିର ଜିଲ୍ଲା ଲାଠୋର ବନବିଭାଗ ଗତ ଶୁକ୍ରବାର ରାତ୍ର ପ୍ରାୟ ୨ଟା ସମୟରେ ରେଞ୍ଜର ଶୈଳେଶ ବିଶିଙ୍କ ତତ୍ତ୍ୱାବଧାନରେ ବନ ବିଭାଗ କର୍ମଚାରୀ ଚୋରା କାଠ ଚାଲାଣ ହେଉଥିବା ରାସ୍ତାରେ ଛକି ବସିଥିବାବେଳେ ତାଲଭଟା ଜଙ୍ଗଲରୁ ସତୀଘାଟ ଅଭିମୁଖେ ଯାଉଥିବା ଖଇର କାଠ ବୋଝେଇ ମହୀନ୍ଦ୍ରା ପିକଅପ୍ ଗାଡିକୁ ଧରିଥିଲେ । ମୁଖ୍ୟ କାଠ ମାଫିଆ ଫେରାର ହୋଇଥିବା ବେଳେ ଗାଡ଼ି ଚାଳକ ଶାନ୍ତନୁ ମାଝିକୁ ବନବିଭାଗ କାବୁ କରିଥିଲା । ଜବତ ହୋଇଥିବା କାଠ ଗଣ୍ଡି ଗୁଡ଼ିକ ୧୨ କୁଇଣ୍ଟାଲ ଆନୁମାନିକ ହୋଇଥିବା ବେଳେ ଖଇର କାଠର ଆନୁମାନିକ ମୂଲ୍ୟ ପାଖାପାଖି ଦୁଇରୁ ଅଢେଇ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି ।



# ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନାର ସୁଫଳ ଜନତାଙ୍କ ପାଖେ ପହଞ୍ଚାଇବାକୁ ମନ୍ତ୍ରୀଙ୍କ ଗୁରୁତ୍ୱ

**ଯାଜପୁର,୮/୦୬ ନ୍ୟୁଜ ବ୍ୟୁରୋ**

ଯାଜପୁର ଜିଲ୍ଲାର ପ୍ରଭାରୀ ତଥା ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବସେବା ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଦିନିକିଆ ଯାଜପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଆଉଟରିଚ୍ କାର୍ଯ୍ୟକ୍ରମ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଗରିବ କଲ୍ୟାଣ ଯୋଜନା, ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ । ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନାର ସୁଫଳ ଲୋକମାନଙ୍କ ପାଖେ ପହଞ୍ଚାଇବା ପାଇଁ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ଏହି ବୈଠକରେ ଯାଜପୁର ସାଂସଦ ଡ଼ା. ରବୀନ୍ଦ୍ର ନାରାୟଣ ବେହେରା, ବିଧାୟକ, ଧର୍ମଶାଳା ହିମାଂଶୁ ଶେଖର ସାହୁ, ଯାଜପୁର ବିଧାୟିକା ଶ୍ରୀମତୀ ସୁଜାତା ସାହୁ, ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ନଳିନୀ ପ୍ରଭା ଜେନା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟସୂଚୀ ଅନୁଯାୟୀ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ବୟୋବନ୍ଦନ ଯୋଜନାରେ ହିତାଧିକାରୀଙ୍କ କାର୍ଡ ଗୁଡ଼ିକୁ ଯଥାଶୀଘ୍ର ବଣ୍ଟନ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଅନ୍ତୋଦୟ ଗୃହ ଯୋଜନାରେ ଘର ଯୋଗାଇଦେବା, ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଧାର୍ଯ୍ୟ ସମୟ ମଧ୍ୟରେ ସମାପ୍ତ କରି ଲୋକମାନଙ୍କୁ ଶୁଦ୍ଧ ପାନୀୟ ଜଳ



ଯୋଗାଇଦେବାକୁ ଅଧିକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ପଞ୍ଚସଖା ଶିକ୍ଷାସେତୁ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ଜିଲ୍ଲାର ୯୭ଟି ସ୍କୁଲ୍‌କୁ ଅନ୍ତର୍ଭୁକ୍ତ କରାଯାଇ ଗୁଣାତ୍ମକ ଶିକ୍ଷା ସହ ମଡେଲ ସ୍କୁଲରେ ପରିଣତ କରାଯିବ । ବୈଠକରେ ପି.ଏମ.ଶ୍ରୀ, ସୁଭଦ୍ରା ଯୋଜନା, ପୋଷଣ ଅଭିଯାନ, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ, ମଧୁବାବୁ ପେନସନ ଯୋଜନା, ଗ୍ରାମାଞ୍ଚଳ ବିଦ୍ୟୁତକରଣ, ରୁରାଲ ଇଣ୍ଡଷ୍ଟ୍ରିଆଲ ପାର୍କ, କ୍ରୀଡା ଭିତ୍ତିଭୂମି, ଦକ୍ଷତା ବିକାଶ ଏବଂ ଡିଜିଟାଲ ସଶକ୍ତିକରଣ ସମ୍ପର୍କରେ ମନ୍ତ୍ରୀ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ । ପରେ ମନ୍ତ୍ରୀ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ହେବାକୁ ଥିବା ବିକାଶ ମେଳା ୨୦୨୫ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଥିଲେ । ବିକାଶ ମେଳା ପ୍ରଶାସନିକ ଭବନ ପଡିଆ ଠାରେ ଜୁନ ୧୨ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ । ଏହି ମେଳାରେ ୫ ହଜାର ଜନ ସମାଗମ ହେବ । ସ୍କିମ୍ ଅନୁଯାୟୀ ହିତାଧିକାରୀମାନଙ୍କୁ ସୁବିଧା ପ୍ରଦାନ, ପଦ୍ମ ପୁରସ୍କାର ପାଇଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା, ସଫଳ କାହାଣୀ ବୁକ୍‌ଲେଟ, ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍ଘାଟନ, ଆଇ.ଇ.ସି କ୍ରିୟାକଳାପ, ସାଂସ୍କୃତିକ କାର୍ଯ୍ୟକ୍ରମରେ ଥିଏଟର, ସଙ୍ଗୀତ, ନୃତ୍ୟ, କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ହ୍ୟାଣ୍ଡଲୁମ୍, ଟେକ୍ସଟାଇଲ, ହାଣ୍ଡିକ୍ରାଫ୍ଟ, ବିଦ୍ୟାଳୟ ଓ ଗଣଶିକ୍ଷା, ମହିଳା ଓ ଶିଶୁ ବିକାଶ, ଶ୍ରମ, କ୍ରୀଡା ବିଭାଗ ପକ୍ଷରୁ ଜୁନ ୧୨ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ସକାଳ ୧୦.୩୦ ମିନିଟ ଠାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ସେମିନାର ଆୟୋଜନ, ପେଣ୍ଟିଂ, ରଙ୍ଗୋଲି ପ୍ରତିଯୋଗିତା, ବାଲୁକା ଶିଳ୍ପ, ରଜଦୋଳି, ଜଙ୍ଗଲ ବିଭାଗ ପକ୍ଷରୁ ଚାରା ଗଛ ବଣ୍ଟନ, ନିଶା ନିବାରଣ ସଚେତନତା ଅଭିଯାନ, ଇତ୍ୟାଦି ବ୍ୟାପକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପ୍ରତ୍ୟେକ ବ୍ଲକରେ ଭ୍ୟାନ ମାଧ୍ୟମରେ ଜନ ସଚେତନତା ପ୍ରତ୍ୟେକ ପଞ୍ଚାୟତରୁ ବ୍ଲକ୍ ଓ ପୌରାଞ୍ଚଳ ପରିକ୍ରମା କରିବ । ଏତଦ୍ ବ୍ୟତୀତ ପ୍ରଶାସନିକ ଭବନ ପଡିଆ ଠାରେ ଓର୍ମାସ ପକ୍ଷରୁ ୧୦୦ଟି ଷ୍ଟଲ୍ ବିଭିନ୍ନ ବିଭାଗର ପ୍ରଦର୍ଶନୀ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀଙ୍କ ଦ୍ୱାରା ଗ୍ରାମୀଣ ଉତ୍ପାଦ ବିକ୍ରୟ କରାଯିବ । ଏତଦ୍ ବ୍ୟତୀତ ୨୫ଟି ପାରମ୍ପରିକ ଖାଦ୍ୟ ଷ୍ଟଲର ଆୟୋଜନ କରାଯାଇଛି । ଶେଷରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ । ବୈଠକରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ପ୍ରେମ ପାଇଁ ଜୀବନ ହାରିଲେ ଯୁବକ ଯୁବତୀ

**ସାଲେପୁର, ୮/୬ ନ୍ୟୁଜ**

ପ୍ରେମ ପାଇଁ ଜୀବନ ହାରିଲେ ଯୁବକ ଯୁବତୀ । ଯୁବତୀ ଜଣକ ନର୍ସ ଭାବେ କଟକ ଜିଲ୍ଲା ସାଲେପୁରର ରାଇସୁଙ୍ଗଡ଼ା ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟ କରୁଥିଲେ । ମାତ୍ର ସେ ମାହାଙ୍ଗା ଥାନା ଖନ୍ଦୋଳ ଗ୍ରାମରେ ଘରଭଡା ନେଇ ରହୁଥିଲେ । ମାତ୍ର ଶନିବାର ଦୀର୍ଘ ସମୟ ଧରି କବାଟ ନଖୋଲିବାରୁ ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କବାଟ ଖୋଲିବାରୁ ନର୍ସ ଓ ଜଣେ ଯୁବକଙ୍କ ଯୁଗଳ ମୃତଦେହ ଫ୍ୟାନ ହୁକରେ ଝୁଲୁଥିବା ଦେଖିବାକୁ ପାଇଥିଲେ । ପୋଲିସ ଉଭୟ ଶବକୁ ଜବତ କରି ତଦନ୍ତ କରୁଛି । ଯୁବତୀଙ୍କ ନାଁ ଚିନ୍ମୟୀ ଭୋଇ ଓ ତାଙ୍କ ଘର ସାଲେପୁର ମାଛୁଆତିରେ ବୋଲି ଜଣାପଡିଛି । ମୃତ ଯୁବକଙ୍କ ଘର ସାଲେପୁରର ସୌରୀ ଅଞ୍ଚଳରେ ହୋଇଥିବା ବେଳେ ତାଙ୍କ ନାମ ଦେବେନ୍ଦ୍ର ମୁଣ୍ଡା ବୋଲି ଜଣାପଡିଛି । ଉଭୟ ଯୁବକ ଯୁବତୀଙ୍କ ମଧ୍ୟରେ ପୂର୍ବରୁ ପ୍ରେମ ସମ୍ପର୍କ ରହିଥିବା କୁହାଯାଉଛି । ଘଟଣାଟି ଚର୍ଚ୍ଚାର ବିଷୟ ହୋଇଛି ।

# ସମୁଦ୍ରରେ ଗାଧୋଇଲା ବେଳେ କଲେଜ ଛାତ୍ର ନିଖୋଜ

**କେନ୍ଦ୍ରାପଡା, ୮/୬ ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଜଇପୁରା ଗ୍ରାମର ସେକ ତହସିନଙ୍କ ପୁଅ ସେକ ଅମନ (୧୮) ଦିନ ୧୧ଟା ସମୟରେ ୮ଜଣ ସାଙ୍ଗ ମାନଙ୍କ ସହିତ ପାରାଦ୍ୱୀପ ବୁଲିବାକୁ ଯାଇଥିଲେ । ସମୁଦ୍ରରେ ଗାଧୋଇବା ବେଳେ ଲହଡି ତାଙ୍କୁ ଭିତରକୁ ଟାଣି ନେଇଥିଲା । ତେବେ ସାଙ୍ଗମାନେ ତାଙ୍କ ବାପାଙ୍କୁ ଖବର ଦେବାପରେ ତାଙ୍କ ପରିବାର ଲୋକ ସେଠାରେ ପହଞ୍ଚି ପ୍ରଶାସନ ସାହାଯ୍ୟରେ ଖୋଜା ଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ପତା ମିଳିନାହିଁ । ସେକ ଅମନ +୨ରେ ଅଧ୍ୟୟନ କରୁଥିଲେ । ଏହି ଖବର ଜାଣିବା ପରେ ତାଙ୍କ ସାଙ୍ଗ ସାଥୀ ଏବଂ ଗ୍ରାମରେ ଶୋକର ଛାୟା ଖେଳି ଯାଇଛି ।

# ଭିଜିଲାନ୍ସ ସକ୍ରିୟ, ଦୁର୍ନୀତିଗ୍ରସ୍ତଙ୍କ ଉପରେ ନଜର : ଅଭିଯୋଗ ଆସିଲେ ତତ୍କାଳ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୮/୬ ନ୍ୟୁଜ ବ୍ୟୁରୋ**

ପ୍ରଥମ ଥର ରାଜ୍ୟରେ ଶାସନ କ୍ଷମତାକୁ ଆସିଥିବା ବିଜେପି ସରକାର ସପ୍ତାହକ ପରେ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିବ । ଏଥିପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି । ଗୋଟିଏ ପଟେ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ପାଇଁ ସରକାରଙ୍କ ବିଭିନ୍ନ ବିଭାଗର ସଫଳତା ତାଲିକା ପ୍ରସ୍ତୁତ ଚାଲିଥିବାବେଳେ ଅନ୍ୟପଟେ ସରକାରଙ୍କ ଭାବମୂର୍ତ୍ତି ରକ୍ଷା ନିମନ୍ତେ ଏବେ ଦୁର୍ନୀତିଗ୍ରସ୍ତଙ୍କ ଉପରେ ଚଢ଼ଉ ଅଭିଯାନ ତ୍ୱରାନ୍ୱିତ କରାଯାଇଛି । ଏହି କ୍ରମରେ ଏବେ ବଡ଼ ବଡ଼ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ପୁଲିସ ପର୍ଯ୍ୟନ୍ତ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଉପରେ ନଜର ରଖାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବରୁ ଭିଜି ସମ୍ମିଳନୀ ଏବଂ ବିଭିନ୍ନ ସଭାସମିତିରେ ଦୁର୍ନୀତିକୁ ବରଦାସ୍ତ କରାଯିବ ନାହିଁ ବୋଲି ଚେତାଇ ଦେଇଥିଲେ । ଆଇନଶୃଙ୍ଖଳା ରକ୍ଷା ଓ ଦୁର୍ନୀତି ପ୍ରସଙ୍ଗରେ ବିରୋଧୀ ମୋହନ ସରକାରଙ୍କୁ ବିଭିନ୍ନ ଫୋରମରେ ଘେରୁଥିବାବେଳେ ମୁଖ୍ୟମନ୍ତ୍ରୀ ନିଜ ଅଧୀନରେ ଗୃହ ଓ ସାଧାରଣ ପ୍ରଶାସନ ବିଭାଗ ରଖିଥିବାରୁ ଏ ଦୁଇ ବିଭାଗକୁ ସକ୍ରିୟ କରାଇଛନ୍ତି । ଦୁର୍ନୀତିଗ୍ରସ୍ତ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅସାଧୁ ଅଧିକାରୀଙ୍କୁ ଖୋଜି ବାହାର କରିବାକୁ ଭିଜିଲାନ୍ସକୁ ଦାୟିତ୍ୱ ଦିଆଯାଇଛି । ଅଧିକ ରୋଚକ ବିଷୟ ହେଲା ବହୁ ଦୁର୍ନୀତିରେ ଲିପ୍ତ ଅଧିକାରୀ ଅବସର ନେବାର ଠିକ୍ ପୂର୍ବରୁ ଭିଜିଲାନ୍ସ ଜାଲରେ ଫସି ଯାଉଛନ୍ତି । ନିକଟରେ ଦୁଇ ଜଣ ବରିଷ୍ଠ ଯନ୍ତ୍ରୀ ଏଭଳି ଜାଲରେ ପଡ଼ିଯାଇଛନ୍ତି । ଏହାଛଡ଼ା ଲାଞ୍ଚ ନେବାରେ ଅଭ୍ୟସ୍ତ ବହୁ ଅଧିକାରୀ ପୂର୍ବରୁ ଆଦୌ ଧରାପଡ଼ି ନଥିଲେ ବି ଅର୍ଥ ରୋଜଗାର କରି କୁବେର ପାଲଟିଥିବାରୁ ଶେଷ ମୁହୂର୍ତ୍ତରେ ଜାଲରେ ପଡୁଛନ୍ତି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବଡ଼ବଡ଼ ହସ୍ତୀଙ୍କ ଘରେ ଅତର୍କିତ ଚଢ଼ଉ କରାଯାଉଛି । ଏ ଧାରା ଏବେ ଜାରି ରହିଛି ଏବଂ ସରକାର ବର୍ଷ ପୂର୍ତ୍ତି ଉତ୍ସବକୁ ଯିବା ପୂର୍ବରୁ ଆଗାମୀ ଦିନମାନଙ୍କରେ ଚଢ଼ଉ ଅଭିଯାନ ଆହୁରି ଜୋରଦାର କରିବାକୁ ଯୋଜନା ପ୍ରସ୍ତୁତ ହୋଇଥିବା ସୂଚନା ମିଳିଛି । ଗତ ସରକାରଙ୍କ ଅମଳରେ ହେଉଥିବା ଚଢ଼ଉ ଓ ବର୍ତ୍ତମାନର ଚଢ଼ଉ ଭିତରେ କିଛି ଫରକ ଲକ୍ଷ୍ୟ କରାଯାଉଛି । ଗତ ସରକାର ଦୀର୍ଘବର୍ଷ କ୍ଷମତାରେ ରହିବା ପରେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ତାଲିକା ପ୍ରସ୍ତୁତ କରି ସେହି ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲା । ତେବେ ଏବେକା ତରିକା ଟିକେ ଭିନ୍ନ ଜଣାପଡୁଛି । ଲୋକଙ୍କ ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ନିଆଯାଉଛି । କିଛି ଖବର ବାହାରକୁ ବାହାରିବା ପୂର୍ବରୁ ବିଭିନ୍ନ ସ୍ଥାନରେ ଏବେ ଅତର୍କିତ ଚଢ଼ଉ ହୋଇଯାଉଛି । କିଛି ଦିନର ବ୍ୟବଧାନ ପରେ ଏବେ ବଡ଼ବଡ଼ିଆଙ୍କ ଉପରେ ଧରପଗଡ଼, ଚଢ଼ଉ ଆଦି ଅଭିଯାନ ତ୍ୱରାନ୍ୱିତ ହୋଇଛି । ବିଶେଷକରି ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ଭଳି ବିଭାଗ, ପୁଲିସ ପ୍ରତିଷ୍ଠାନ, ଲାଭଜନକ ସରକାରୀ ସଂସ୍ଥା ଯେଉଁଠି ଦୁର୍ନୀତିର ଗନ୍ଧ ବାହାରୁଛି ସେଠାରେ ଚଢ଼ଉ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେଥିପାଇଁ ଜୀବନ କାଳରେ ଅମାପ ସମ୍ପତ୍ତି ଠୁଳ କରିଥିବା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଭିତରେ ଛନକା ପଶିଯାଇଛି । ଗତ ବିଧାନସଭା ଅଧିବେଶନ କାଳରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଉପସ୍ଥାପିତ ସ୍ଥାୟୀ କମିଟି ରିପୋର୍ଟ ତଥ୍ୟ ଅନୁସାରେ ୨୦୨୪ରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ୩୪୫ଜଣ ଅଧିକାରୀଙ୍କ ବିରୋଧରେ ମୋଟ ୨୧୧ଟି ଫୌଜଦାରୀ ମାମଲା ରୁଜୁ କରାଯାଇଥିଲା । ବିଭିନ୍ନ ବିଭାଗରେ କାର୍ଯ୍ୟରତ ୫୪ଜଣ ଗ୍ରୁପ୍ ଏ' ଅଧିକାରୀ, ୪୬ଜଣ ଗ୍ରୁପ୍ ବି', ୧୪୦ ଜଣ ଗ୍ରୁପ୍ ସି', ୨ଜଣ ଗ୍ରୁପ୍ ଡି', ୧୯ଜଣ ଅନ୍ୟ ସରକାରୀ କର୍ମଚାରୀ ଓ ୮୪ଜଣ ବେସରକାରୀ ବ୍ୟକ୍ତିବିଶେଷଙ୍କ ବିରୋଧରେ ଭିଜିଲାନ୍ସ ମାମଲା ରୁଜୁ ହୋଇଥିଲା । ଚଳିତ ବର୍ଷ ଚଢ଼ଉ ଅଭିଯାନ ତ୍ୱରାନ୍ୱିତ ହୋଇଥିବାବେଳେ ଅଧିକ ସଂଖ୍ୟକ ଅସାଧୁ ଅଧିକାରୀ ଜାଲରେ ପଡ଼ିବା ସହିତ ଜବତ ସମ୍ପତ୍ତି ବଢ଼ିବା ସମ୍ଭାବନା ରହିଛି ।

